# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୯/୨୦୨୫ (୧୨ ପୃଷ୍ଠା) | Bhubaneswar, Tuesday, December 9/2025 | Page 12 | ₹ 7.00 | BERHAMPUR

୫୨ଶ ଭାଗ ୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 16 | ମୂଲ୍ୟ ₹୭/-


## ବାରବାଟୀରେ ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ୍ ଆଜି

କଟକ,୮।୧୨(ଅନାଦି କର)

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମଙ୍ଗଳବାର ଐତିହାସିକ ବାରବାଟୀ ଷ୍ଟାଡିୟମରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ପାଇଁ ଖେଳାଳିଙ୍କଠାରୁ ଆରମ୍ଭ କରି ପିଚ୍, ସୁରକ୍ଷା ବ୍ୟବସ୍ଥା ସମେତ ସବୁ ପ୍ରକାର ପ୍ରସ୍ତୁତି ଶେଷ। ଏବେ କେବଳ ଲଢ଼େଇକୁ ଅପେକ୍ଷା। ବାରବାଟୀରେ ଖୁବ କମ୍ ଅନ୍ତର୍ଜାତୀୟ ମ୍ୟାଚ ଖେଳାଯାଉଥିବାରୁ ଏହି ମ୍ୟାଚ୍ ଲାଗି ଦର୍ଶକମାନେ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି। ମ୍ୟାଚ୍ ଲାଗି ଦୁଇ ଦଳ ସୋମବାର ବାରବାଟୀ ଷ୍ଟାଡିୟମରେ ଦୀର୍ଘ ସମୟ ଧରି ଅଭ୍ୟାସ ମଧ୍ୟ କରିଛନ୍ତି।

ବାରବାଟୀ ଷ୍ଟାଡିୟମରେ ପ୍ରଥମ ଥର ପାଇଁ ନାଲି ମାଟିରେ ପିଚ୍ ପ୍ରସ୍ତୁତ କରାଯାଇଛି। ଏଥିସହିତ ମ୍ୟାଚ୍ ଆଗକୁ ବଢ଼ିବା ସହ କାକରର ପ୍ରଭାବ ମଧ୍ୟ ବୃଦ୍ଧି ପାଇବ। ଏଣୁ ମ୍ୟାଚ୍‌ଟି ହାଇସ୍କୋରିଂ ହେବ ବୋଲି ଆଶା କରାଯାଉଛି। ବାରବାଟୀରେ ଏପର୍ଯ୍ୟନ୍ତ ୩ଟି ଟି୨୦ ମ୍ୟାଚ୍ ଖେଳାଯାଇଛି। ପୂର୍ବରୁ ବାରବାଟୀ ଗ୍ରାଉଣ୍ଡରେ ଭାରତ ଓ ଦ.ଆଫ୍ରିକା ପରସ୍ପରକୁ ଦୁଇ ଥର ଭେଟିଥିବା ବେଳେ ଉଭୟ ଥର ଭ୍ରମଣକାରୀ ଦଳ ବାଜିମାତ୍ କରିଛି। ଏଣୁ ରେକର୍ଡ ସମ୍ପୂର୍ଣ୍ଣ ରୂପେ ଦ. ଆଫ୍ରିକା ସପକ୍ଷରେ ☞ପୃଷ୍ଠା-୪

## ମ୍ୟାନେଜର ଦିଲ୍ଲୀରୁ ଗିରଫ, ଲୁଥ୍ରା ଭ୍ରାତା ଫେରାର

### ଗୋଆ ନାଇଟ୍ କ୍ଲବ୍ ଅଗ୍ନିକାଣ୍ଡ

ନୂଆଦିଲ୍ଲୀ,୮।୧୨

ଉତ୍ତର ଗୋଆର ନାଇଟ୍ କ୍ଲବ୍‌ରେ ଶନିବାର ମଧ୍ୟରାତ୍ରିରେ ପର୍ଯ୍ୟଟକମାନେ ସପ୍ତାହାନ୍ତ ମଉଜରେ ମସ୍‌ଗୁଲ ଥିବାବେଳେ ଭୟାବହ ଅଗ୍ନିକାଣ୍ଡ ଘଟି ୨୫ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ନାଇଟ୍ କ୍ଲବ୍‌ର ୨୦ କର୍ମଚାରୀ ଓ ୫ ପର୍ଯ୍ୟଟକ ଥିଲେ। ନାଇଟ୍ କ୍ଲବ୍‌ରେ ଆବଶ୍ୟକ ସୁରକ୍ଷା ଓ ଅଗ୍ନି ନିର୍ବାପକ ବ୍ୟବସ୍ଥା ନ ଥିଲା। ଏହି ମାମଲାରେ ପୋଲିସ ନାଇଟ୍ କ୍ଲବ୍‌ର ଜଣେ ମ୍ୟାନେଜରଙ୍କୁ ସୋମବାର ଦିଲ୍ଲୀରୁ ଗିରଫ କରିଛି। ଭରତ ନାମକ ଉକ୍ତ ମ୍ୟାନେଜର ନାଇଟ୍ କ୍ଲବ୍‌ର ଦୈନନ୍ଦିନ ପରିଚାଳନା ବୁଝୁଥିଲେ। ତାଙ୍କ ସମେତ ସୋମବାର ସୁଦ୍ଧା ୫ ଜଣ ଅଭିଯୁକ୍ତ ଗିରଫ ହୋଇଥିବାବେଳେ ନାଇଟ୍ କ୍ଲବ୍‌ର ମାଲିକ ସୌରଭ ଲୁଥ୍ରା ଫେରାର ଅଛନ୍ତି। ସେ ଏକ ସୋସିଆଲ ମିଡିଆ ପୋଷ୍ଟରେ ଅଗ୍ନିକାଣ୍ଡରେ ଲୋକଙ୍କ ଜୀବନ ଯାଇଥିବାରୁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ଏଥିସହିତ ମୃତକମାନଙ୍କ ପରିବାରକୁ ସବୁପ୍ରକାର ସହାୟତା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ସୌରଭଙ୍କ ସମେତ ତାଙ୍କ ଭାଇ ତଥା ଗୌରବଙ୍କ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ନେହେରୁ ନୁହେଁ, ଭବିଷ୍ୟତକୁ ଦେଖ**



ବାରବାଟୀ ଷ୍ଟାଡିୟମରେ ସୋମବାର ଭାରତୀୟ ଦଳର ନେଟ୍ସ ସେସନରେ ବୋଲିଂ କରୁଛନ୍ତି ଯଶପ୍ରୀତ୍ ବୁମ୍‌ରା। (ଫଟୋ: ରାଜକିଶୋର ମହାନ୍ତି)

# କେନ୍ଦ୍ରୀୟ ଅନୁଦାନ କମିଛି ୪ହଜାର କୋଟି: ବିରୋଧୀ

■ ୫୦ବର୍ଷ ଯାଏ ହଟିବୁନି: ଶାସକ ■ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ ଆଲୋଚନା

**ଓଡ଼ିଶାରେ ଭାଜପା ସରକାର ଗଠନ ହେବା ପରେ ରାଜ୍ୟକୁ ଅଧିକ ଅନୁଦାନ ମିଳିବ ବୋଲି ରାଜ୍ୟବାସୀ ଆଶା ରଖିଥିଲେ। ହେଲେ ବାସ୍ତବକ୍ଷେତ୍ରରେ ତାହା ପ୍ରତିଫଳିତ ହେଉନାହିଁ। ବିଜେଡି ସରକାର ସମୟରେ ରାଜ୍ୟକୁ ଯେତିକି କେନ୍ଦ୍ରୀୟ ଅନୁଦାନ ମିଳୁଥିଲା ତାହାଠାରୁ ଏବେ କମ୍ ମିଳୁଛି ବୋଲି ବିରୋଧୀମାନେ ଅଭିଯୋଗ କରୁଛନ୍ତି। ପୂର୍ବବର୍ଷ(୨୦୨୩-୨୪)ତୁଳନାରେ ଗତ ୮ ମାସରେ ୧୮ପ୍ରତିଶତ ଅର୍ଥାତ୍ ୪ ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ କମ୍ ମିଳିଛି ବୋଲି କହି ସୋମବାର ବିଧାନସଭାରେ ବିରୋଧୀ ସଦସ୍ୟମାନେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି।**

ଭୁବନେଶ୍ୱର,୮।୧୨(ରବିନାରାୟଣ ଜେନା)

କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିଛି। ଓଡ଼ିଶାକୁ ଡବଲ ଫାଇଦା ହେବା କଥା, ମାତ୍ର ବିଜେଡି ସରକାର ସମୟରେ ରାଜ୍ୟକୁ ଯେତିକି ଅନୁଦାନ ମିଳୁଥିଲା ତାହାଠାରୁ ଏବେ କମ୍ ପରିମାଣର ମିଳୁଛି। ଗତ ୮ମାସରେ ୧୮ପ୍ରତିଶତ ଅର୍ଥାତ୍ ୪ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ କମ୍ ରାଜ୍ୟ ପାଇଛି। ଏଥିରେ ରାଜ୍ୟର ବିକାଶ କିଭଳି ହେବ। ସରକାର କେବଳ ଋଣ କରି ଘିଅ ଖାଇବାକୁ ବାହାରିଛନ୍ତି। ରାଜସ୍ୱ ଅଭାବରୁ ଖୋଲା ବଜାରରୁ ସରକାର ୯୧ହଜାର କୋଟି ଋଣ କରିଛନ୍ତି। ଏଭଳି ବିକାଶ ହେଲେ ୨୦୦୦ ପୂର୍ବରୁ ରାଜ୍ୟରେ ଯେଉଁଭଳି ବିକଳ ଅର୍ଥନୀତି ଥିଲା ପୁଣି ସେହି ଅବସ୍ଥା ସୃଷ୍ଟି କାହିଁକି ନ ହେବ ବୋଲି କହି ବିରୋଧୀ ବିଜେଡି ଓ କଂଗ୍ରେସ ସୋମବାର ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ ଆଲୋଚନା କାଳରେ ସରକାରଙ୍କୁ ଘେରିବାକୁ ଉଦ୍ୟମ କରିଛନ୍ତି। ଶାସକଦଳ ଏହାର ଦୃଢ଼ ଜବାବ ରଖି କହିଛି, ପୂର୍ବର ୨୪ବର୍ଷର ବିଜେଡି ସରକାର କେବଳ ଠିକାଦାର ପ୍ରୀତି ଦେଖାଇ ଓଡ଼ିଶାକୁ ଲୁଟ୍ କରୁଥିଲା, ହେଲେ ଏବେ ବିକାଶ କ'ଣ ରାଜ୍ୟବାସୀ ଦେଖିବେ ବୋଲି ସଦସ୍ୟମାନେ କହିଥିଲେ।

ବିଧାନସଭାରେ ସୋମବାର ମଧ୍ୟାହ୍ନ ୧୨ଟା ୧୫ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୭ହଜାର ୪୪୦କୋଟି ଟଙ୍କାର ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ ଆଗତ କରି ଗୃହରେ ପାରିତ କରିବାକୁ ସମସ୍ତ ସଦସ୍ୟଙ୍କ ସହଯୋଗ ଲୋଡ଼ିଥିଲେ। ଏହାପରେ ବିରୋଧୀ ଦଳ ସଦସ୍ୟ ଅରୁଣ ସାହୁ ଆଲୋଚନା ଆରମ୍ଭ କରି ସରକାରଙ୍କୁ ପ୍ରଶ୍ନବାଣରେ ଛନ୍ଦିଥିଲେ। ସେ ରାଜ୍ୟରେ ବଢ଼ି ଚାଲିଥିବା ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାଠାରୁ ଆରମ୍ଭ କରି ଦୁର୍ନୀତି, ଏସ୍ଆଇ ଚାକିରି ଦୁର୍ନୀତି, ବାଲେଶ୍ୱର, ବଳଙ୍ଗା, ଗୋପାଳପୁର, ମାଲକାନଗିରି ପ୍ରଭୃତି ସ୍ଥାନରେ ଆତ୍ମହତ୍ୟା ଓ ନାରୀ ନିର୍ଯାତନା, ମାନବଚାଲାଣ, ପୂର୍ବତନ ରାଜ୍ୟପାଳଙ୍କ ପୁଅ ମାରିଥିବା ମାଡ଼, ଜେଲରୁ କଏଦୀ ଚମ୍ପଟ, ଆମେରିକା ସରକାରଙ୍କ ଦ୍ୱାରା ଜାରି ଆଡ୍‌ଭାଇଜରୀ, ପୋଲିସ ହେପାଜତରୁ ୩୯ଜଣ ଫେରାର, କଟକରେ ଦଙ୍ଗା, ପୁରୀରେ ରଥଯାତ୍ରାବେଳେ ଦଳାଚକଟା ମୃତ୍ୟୁ ସହିତ ସ୍ୱାସ୍ଥ୍ୟ, ଶିକ୍ଷା, ଚାକିରି, ଦାଦନ, ଚାଷୀଙ୍କ କ୍ଷେତ୍ରରେ ସରକାରଙ୍କ ଚରମ ବିଫଳତା କାହିଁକି ବୋଲି ପ୍ରଶ୍ନ କରିଥିଲେ। ଆଲୋଚନାରେ ଭାଗନେଇ ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ସରକାରଙ୍କ ଅତିରିକ୍ତ ବଜେଟ ମାୟାଜାଲ ପରି ଲାଗୁଛି। ☞ପୃଷ୍ଠା-୪

# କଲେଜରେ ଛୁରାମାଡ଼, ଛାତ୍ର ଗୁରୁତର

**ଛାତ୍ର ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ, ମାର୍‌ପିଟ, ଆକ୍ରମଣ ଘଟଣା ଶିକ୍ଷାନୁଷ୍ଠାନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟିକରୁଛି। ଏହାକୁ ନେଇ ଛାତ୍ରୀଛାତ୍ର, ଅଭିଭାବକ ମହଲରେ ଘୋର ଅସନ୍ତୋଷ ଦେଖାଦେଉଛି, ଯାହା ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣକୁ ନଷ୍ଟ କରୁଛି। ଯଦିଓ ଶିକ୍ଷାନୁଷ୍ଠାନରେ ଏସବୁ କାର୍ଯ୍ୟକଳାପକୁ ନିୟନ୍ତ୍ରଣ ଲାଗି ପ୍ରିନ୍ସିପାଲ, ବରିଷ୍ଠ ଅଧ୍ୟାପିକା, ଅଧ୍ୟାପକମାନେ ହସ୍ତକ୍ଷେପ କରିଥାନ୍ତି। କିନ୍ତୁ ଏଭଳି ଘଟଣା ଥମିବାର ନାଁ ଧରୁନି। ଏହି କ୍ରମରେ ସୋମବାର ମୟୂରଭଞ୍ଜ ଜିଲା କୁଳିଅଣାର ବାଇଗଣବାଡ଼ିଆସ୍ଥିତ ବାବାବଳିଆ କଲେଜରେ ଦୁଇ ଯୁକ୍ତ-୨ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ଉଗ୍ରରୂପ ନେଇଛି। ଜଣେ ଛାତ୍ରଙ୍କ ଛୁରାମାଡ଼ରେ ଅନ୍ୟ ଜଣେ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଆକ୍ରମଣକାରୀ ଛାତ୍ରଙ୍କୁ ପୋଲିସ ଅଟକ ରଖିଛି।**

ବାରିପଦା/କୁଳିଅଣା,୮।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ/ଆଦିକନ୍ଦ ସାହୁ)

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ବାଇଗଣବାଡ଼ିଆସ୍ଥିତ ବାବା ବଳିଆ (ବିବି) ମହାବିଦ୍ୟାଳୟରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଦୁଇ ଛାତ୍ରଙ୍କ ମଧ୍ୟରେ ସଂଘର୍ଷ ଘଟି ଛୁରା ମାଡ଼ରେ ଜଣେ ଛାତ୍ର ଗୁରୁତର ହୋଇଛନ୍ତି। ଗୁରୁତର ଛାତ୍ର ଜଣକ ହେଲେ କୁଳିଅଣା ଥାନା ଅଧୀନ ତିଳକଗଡ଼ିଆ ଗ୍ରାମର ପ୍ରହ୍ଲାଦ ବିନ୍ଧାଣି(୧୭)। ସେ ଉକ୍ତ କଲେଜର

### ପ୍ରେମ ବ୍ୟାପାରକୁ ନେଇ ଚର୍ଚ୍ଚା

ଯୁକ୍ତ ୨ ବାଣିଜ୍ୟ ବିଭାଗର ଛାତ୍ର। କଲେଜ କର୍ତ୍ତୃପକ୍ଷ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ବାରିପଦାସ୍ଥିତ ଜିଲା ମୁଖ୍ୟାଳୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଆକ୍ରମଣକାରୀ ଯୁକ୍ତ ୨ କଳା ବିଭାଗର ଛାତ୍ର ଜଣକ ବାରିପଦା ସଦର ଥାନା ଅଞ୍ଚଳର। ପୋଲିସ ତାଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଥିବା ବେଳେ ବ୍ୟବହୃତ ଛୁରିକୁ ଜବତ କରିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ. ୨୦୮/୨୫) ରୁଜୁ ହୋଇଛି। ପ୍ରେମ ବ୍ୟାପାରକୁ ନେଇ ଏହି ଛୁରାମାଡ଼ ଘଟଣା ଘଟିଥିବା ଚର୍ଚ୍ଚା ହେଉଛି।

ପୋଲିସ ସୂଚନା ଅନୁଯାୟୀ, ୨ ଛାତ୍ରଙ୍କ ମଧ୍ୟରେ କିଛି ଦିନ ହେଲା ତିକ୍ତତା ଲାଗିରହିଥିଲା। ସୋମବାର ମଧ୍ୟାହ୍ନ ୧୨ଟା୩୦ ମିନିଟ ସମୟରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଯୁକ୍ତ ୨ କଳା ବିଭାଗର ଛାତ୍ର ଜଣକ ଏକ ଛୁରିରେ ପ୍ରହ୍ଲାଦଙ୍କ ପେଟକୁ ଭୁସିଦେବାରୁ ତାଙ୍କ ଅନ୍ତବୁଜୁଳା ପଦାକୁ ବାହାରି ଆସିଥିଲା। କଲେଜ କର୍ତ୍ତୃପକ୍ଷ ଆକ୍ରମଣକାରୀ ଛାତ୍ରଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ବାରିପଦା ସଦର ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ ଓ ତଦନ୍ତକାରୀ ଅଫିସର ଏସ୍ଆଇ ପ୍ରକାଶ କୁମାର ଗୋସ୍ୱାଇଁ ସଦଳବଳ ପହଞ୍ଚି ଆକ୍ରମଣକାରୀଙ୍କୁ ଥାନାକୁ ଆଣି ପଚରାଉଚରା ଚଳାଇଥିବା ସୂଚନା ମିଳିଛି।

# ମାଲକାନଗିରି: ୨୪ ଘଣ୍ଟା ପାଇଁ ଇଣ୍ଟରନେଟ୍, ମଦଦୋକାନ ବନ୍ଦ

### ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଜବତ ଘଟଣା

### ଏମ୍‌ଭି-୨୬ରେ ଜାଳିଦେଲେ ୫୦ ଘର, ପୋଲିସ ଛାଉଣି

ମାଲକାନଗିରି/କୋରୁକୋଣ୍ଡା,୮।୧୨
(ଦୁର୍ଯ୍ୟୋଧନ ପାତ୍ର/ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ଥାନା ଅନ୍ତର୍ଗତ ଢୁଡ଼ାମେଟଲା ନଦୀ ନିକଟରୁ ଜଣେ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଜବତ ଘଟଣା ପରେ ଉତ୍ତେଜନା ତୀବ୍ର ହେବାରେ ଲାଗିଛି। ଏହାକୁ ନେଇ ରାଖେଲଗୁଡ଼ା ଏବଂ ଏମ୍‌ଭି -୨୬ ଗ୍ରାମ ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଛି। ରବିବାର ଜିଲାପାଳଙ୍କ ସହ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣାଧୀନ କରିଥିବା ବେଳେ ସୋମବାର ପୁଣି ଉତ୍ତେଜନା ବଢ଼ିଛି। ଗୋଟିଏ ଗୋଷ୍ଠୀର ଲୋକ ରାଖେଲଗୁଡ଼ା ନଦୀକୂଳରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଏକତ୍ରିତ ହୋଇଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ମାଲକାନଗିରି ସଦର ମହକୁମାରେ ☞ପୃଷ୍ଠା-୪

## ବିଧାନସଭା ସରଗରମ

ଭୁବନେଶ୍ୱର,୮।୧୨(ରବିନାରାୟଣ ଜେନା)

ମାଓପ୍ରବଣ ମାଲକାନଗିରି ଜିଲାରେ ସରକାରଙ୍କ ଅବହେଳାରୁ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି ବୋଲି ବିରୋଧୀ ବିଜେଡି ଓ କଂଗ୍ରେସ ପକ୍ଷରୁ ସରକାରଙ୍କୁ ଟାର୍ଗେଟ କରାଯାଇଛି। ବିଧାନସଭାରେ ସୋମବାର ଶୂନ୍ୟକାଳରେ ବିରୋଧୀଦଳ ଉପମୁଖ୍ୟ ସଚେତକ ପ୍ରତାପ ଦେବ କହିଛନ୍ତି, ମାଲକାନଗିରିରେ କିଛିଦିନ ମଧ୍ୟରେ ☞ପୃଷ୍ଠା-୪



ଏମ୍‌ଭି-୨୬ ଗାଁରେ ଆନ୍ଦୋଳନକାରୀ ଜଣଙ୍କ ଘରେ ନିଆଁ ଲଗାଇଦେଇଛନ୍ତି।


# ୪୨ବର୍ଷ ପରେ ମନ୍ଦିରକୁ ଫେରିବ ବିରଳ ପ୍ରାଚୀନ ମୂର୍ତ୍ତି

ସୋନପୁର,୮।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ଗୋପାଳଜୀ ମନ୍ଦିରରୁ ଚୋରି ହୋଇ ଦୀର୍ଘ ୪୨ବର୍ଷ ସିବିଆଇ ମାଲଖାନାରେ ଥିବା ୧୨ ବିରଳ ପ୍ରାଚୀନ ମୂର୍ତ୍ତି ପୁଣି ମନ୍ଦିରକୁ ଫେରିବ। ସୋମବାର ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଏଡିଜେ-୩ କୋର୍ଟଙ୍କ ରାୟ ପରେ ମୂର୍ତ୍ତି ଫେରିବା ଆଶା ଉଜ୍ଜୀବିତ ହୋଇଛି। ବିଚାରପତି ହିମାଂଶୁ ମଲ୍ଲିକ ଏ ସମ୍ପର୍କରେ ରାୟ ପ୍ରଦାନ କରିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ସୁବର୍ଣ୍ଣପୁର ଜିଲାରେ ଖୁସିର ମାହୋଲ ସୃଷ୍ଟି ହୋଇଛି।

ସୋନପୁର ରାଜଉଆସର ଠିକ୍ ସମ୍ମୁଖରେ ଗୋପାଳଜୀ ମନ୍ଦିର ଅବସ୍ଥିତ। ରାଜ ପରିବାରର ଇଷ୍ଟଦେବତା ହେଉଛନ୍ତି ଶ୍ରୀଗୋପାଳଜୀ ଠାକୁର। ଦେଶ ସ୍ୱାଧୀନ ହେଲା ପରେ ରାଜ ଶାସନ ଅବସାନ ପରେ ମନ୍ଦିରଗୁଡିକର ଦାୟିତ୍ୱ ସରକାର ନେଇଥିଲେ। ତେବେ ୧୯୮୨ ମସିହାରେ ମନ୍ଦିରରୁ ବହୁମୂଲ୍ୟ ପ୍ରାଚୀନ ରାଧା, ଗୋପାଳଜୀ, ଗରୁଡଙ୍କ ସମେତ ୯ଗୋଟି ପାର୍ଶ୍ୱ ଦେବତା ଏପରି ମୋଟ ୧୨ମୂର୍ତ୍ତି ଚୋରି ହୋଇଥିଲା। ସେହିବର୍ଷ ଦିଲ୍ଲୀ ବିମାନ ବନ୍ଦରଠାରେ ସିବିଆଇ ଦ୍ୱାରା ଚୋର ଧରାପଡିଥିଲେ। ଚାନ୍ଦିନିଚୌକର ଫତେପୁରୀ ନିକଟରୁ ସିବିଆଇ ମୂର୍ତ୍ତିଗୁଡିକ ଜବତ କରିଥିଲା। ଏଥିରେ ଏକାଧିକ ଲୋକଙ୍କ ସମ୍ପୃକ୍ତି ଥିବା ନେଇ ମାମଲା ରୁଜୁ ହୋଇଥିଲା। ସୁବର୍ଣ୍ଣପୁର ଗୋପାଳଜୀ ମନ୍ଦିରରୁ ଚୋରି ମୂର୍ତ୍ତିଗୁଡିକ ଚିହ୍ନଟ ହୋଇଥିଲା। ମୂର୍ତ୍ତିଗୁଡିକ ସେବେଠାରୁ ଭୁବନେଶ୍ୱରସ୍ଥିତ ସିବିଆଇ ମାଲଖାନାରେ ଆସି ରହିଥିଲା। ବିଭିନ୍ନ ସମୟରେ ଏସମ୍ପର୍କିତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇ ଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଉଦ୍ୟମ ହେଉ ନ ଥିଲା। ମନ୍ଦିର କମିଟି ପକ୍ଷରୁ ମୂର୍ତ୍ତିଗୁଡିକୁ ସ୍ୱମନ୍ଦିରକୁ ଫେରାଇ ଆଣିବା ପାଇଁ ଉଦ୍ୟମ ହୋଇଥିଲା। ☞ପୃଷ୍ଠା-୪

### ଉଦ୍ଧାର ପରେ ସିବିଆଇ ମାଲଖାନାରେ ରହିଛି




ସୁବର୍ଣ୍ଣପୁର ଗୋପାଳଜୀ ମନ୍ଦିର

# ଓଡ଼ିଶା ଯୋଜନାକୁ ସୀମାନ୍ତବର୍ତ୍ତୀ ୭ ଗାଁର ବର୍ଜନ ନିଷ୍ପତ୍ତି

**ଓଡ଼ିଶା ସୀମାନ୍ତବର୍ତ୍ତୀ କେତେକ ଅଞ୍ଚଳକୁ ନିଜର ଦର୍ଶାଇବା ପାଇଁ ଆନ୍ଧ୍ରପ୍ରଦେଶ ସରକାର ଦୀର୍ଘବର୍ଷ ହେଲା ଅନେକ ଷଡ଼ଯନ୍ତ୍ର କରିଆସୁଛନ୍ତି। ଏହାର ବହୁ ଉଦାହରଣ କୋରାପୁଟ ଜିଲା ପଟାଙ୍ଗି ବ୍ଲକ୍ ଅଧୀନ କୋଟିଆ ପଞ୍ଚାୟତରେ ଦେଖିବାକୁ ମିଳିଛି। ବର୍ତ୍ତମାନ ଆନ୍ଧ୍ର ସରକାରଙ୍କ ଏଜେଣ୍ଟମାନେ କୋଟିଆ ପଞ୍ଚାୟତ ଅଧୀନ ୭ ଗ୍ରାମର ଲୋକଙ୍କୁ ମେଳି କରି ଓଡ଼ିଶା ବିରୋଧୀ ମନୋଭାବ ସୃଷ୍ଟି କରିବା ପାଇଁ ଏକ ବଡ଼ ଷଡ଼ଯନ୍ତ୍ର ଚଳାଇଛନ୍ତି। ସେହି ଏଜେଣ୍ଟମାନଙ୍କ କଥାରେ ପଡ଼ି ୭ ଗ୍ରାମର ଲୋକେ ଓଡ଼ିଶାର ସରକାରୀ ଯୋଜନା ଗ୍ରହଣ ନ କରିବାକୁ ସୋମବାର ଏକ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ଏନେଇ ବ୍ଲକ ଓ ଜିଲା ପ୍ରଶାସନ ଅବଗତ ଥିଲେ ମଧ୍ୟ କୌଣସି ତତ୍ପରତା ଦେଖିବାକୁ ମିଳିନାହିଁ।**

ପଟାଙ୍ଗି,୮।୧୨(ଶରତ କୁମାର ଧଳ)

କୋରାପୁଟ ଜିଲା ପଟାଙ୍ଗି ବ୍ଲକ୍ ଅଧୀନ କୋଟିଆ ପଞ୍ଚାୟତ ଫାଟୁସିନେରୀ ଗ୍ରାମ ନିକଟ ଓଡ଼ିଶା-ଆନ୍ଧ୍ର ସୀମାନ୍ତ ଏକ ସ୍ଥାନରେ ୭ ଗ୍ରାମର ମୁଖିଆ ଓ ଗ୍ରାମବାସୀ ଏକତ୍ର ହୋଇ ସୋମବାର ଏକ ବୈଠକ କରିଛନ୍ତି। ଓଡ଼ିଶାର ସମସ୍ତ ସରକାରୀ ଯୋଜନା ଗ୍ରହଣ ନ କରିବାକୁ ଏଥିରେ ନିଷ୍ପତ୍ତି ନିଆଯାଇଛି। ପଟାଙ୍ଗି ବ୍ଲକ୍ ପ୍ରଶାସନ ଏ କ୍ଷେତ୍ରରେ କୌଣସି ଆଗ୍ରହ ପ୍ରକାଶ କରି ନ ଥିବା ଜଣାପଡ଼ିଛି।

ଆନ୍ଧ୍ର ସରକାରଙ୍କ ଏଜେଣ୍ଟମାନଙ୍କ ନେତୃତ୍ୱରେ ଫାଟୁସିନେରୀ, ଫଗୁଣସିନେରୀ, ସଲପଗୁଡ଼ା, ହରମାଣ୍ଡାଙ୍ଗି, କଣାଦୋରା, ତଳଗଞ୍ଜେଇପଦର ଓ ଢୋଲିଆମ୍ବ ଆଦି ଗ୍ରାମର ମୁଖିଆ ଓ ଗ୍ରାମବାସୀ ଏକତ୍ର ହୋଇଛନ୍ତି। ନଭେମ୍ବର ୨୫ରେ ଆନ୍ଧ୍ରର କୃଷି ବିଭାଗର କେତେଜଣ ଅଧିକାରୀଙ୍କ ଦ୍ୱାରା ହରମାଣ୍ଡାଙ୍ଗି, ଫାଟୁସିନେରୀ ଓ ଢୋଲିଆମ୍ବ ଆଦି ଗ୍ରାମରେ ହେଉଥିବା ସର୍ଭେକୁ ପଟାଙ୍ଗି ବ୍ଲକ୍‌ପ୍ରଶାସନ ବନ୍ଦକରି ସର୍ଭେ କାଗଜକୁ ଜବତ କରିଥିଲା। ଏହାକୁ ବୈଠକରେ ବିରୋଧ କରାଯାଇଛି। ଓଡ଼ିଶା ପକ୍ଷରୁ ଯୋଗାଇ ଦିଆଯାଉଥିବା ସମସ୍ତ ଯୋଜନା ତଥା ଶିକ୍ଷା, ଭତ୍ତା ଆଦି ବ୍ୟବସ୍ଥାକୁ ଗ୍ରହଣ ନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଫାଟୁସିନେରୀ ଗ୍ରାମ ନିକଟ ଓଡ଼ିଶା-ଆନ୍ଧ୍ର ସୀମାନ୍ତରେ ଲାଗିଥିବା ଓଡ଼ିଶାର ନାମଫଳକକୁ ଭାଙ୍ଗିଦେଇ ଘୋର ପ୍ରତିବାଦ କରାଯାଇଥିଲା। ବୈଠକ କରିବା ପୂର୍ବରୁ ଫାଟୁସିନେରୀରେ ଅବସ୍ଥିତ ଓଡ଼ିଶାର ପ୍ରାଥମିକ ବିଦ୍ୟାଳୟକୁ ଅଭିଭାବକମାନେ କୌଣସି ପିଲାଙ୍କୁ ଛାଡ଼ି ନ ଥିଲେ। ଏହି ସ୍କୁଲକୁ ପିଲାଙ୍କୁ ନ ଛାଡ଼ିବାକୁ ଆନ୍ଧ୍ରର ଏଜେଣ୍ଟମାନେ ସେମାନଙ୍କୁ ବୁଝାଇଲେ। ଗ୍ରାମବାସୀଙ୍କ ବୈଠକ ନେଇ ସ୍ଥାନୀୟ ବ୍ଲକ୍ ପ୍ରଶାସନ ଅବଗତ ହୋଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନ ଥିଲା।

### ଆନ୍ଧ୍ରର ଚକ୍ରାନ୍ତ


ସୂଚନାଯୋଗ୍ୟ, କୋଟିଆ ପଞ୍ଚାୟତ ସୀମାନ୍ତ ଉପରସେମ୍ଳି ଗ୍ରାମରେ ଓଡ଼ିଶା ପକ୍ଷରୁ ଅଙ୍ଗନୱାଡି କେନ୍ଦ୍ର ଆରମ୍ଭ କରାଯାଇଥିଲା। ଓଡ଼ିଶାର ଏହି ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟକୁ ଗ୍ରାମବାସୀ ପିଲାମାନଙ୍କୁ ପଠାଇବା ବନ୍ଦ କରିଦେଇଛନ୍ତି। ଅଙ୍ଗନୱାଡି କେନ୍ଦ୍ର ଖୋଲିବାକୁ ମଧ୍ୟ ବାରଣ କରାଯାଇଛି। ତେବେ ସ୍ଥାନୀୟ ବ୍ଲକ୍ ପ୍ରଶାସନ ପକ୍ଷରୁ ବନ୍ଦ ଥିବା ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟ ଖୋଲିବା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଜଣାପଡ଼ିଛି। ଅଙ୍ଗନୱାଡି କର୍ମୀ ଓ ଶିକ୍ଷକ ନିୟମିତ ଗ୍ରାମରେ ପହଞ୍ଚି ଅଭିଭାବକମାନଙ୍କୁ ବୁଝାଇବା ପାଇଁ ଚେଷ୍ଟା ଜାରି ରଖିଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ଏ ସମ୍ପର୍କରେ ପଟାଙ୍ଗି ବିଡିଓ ରାମକ୍ରିଷ୍ଣା ନାୟକଙ୍କୁ ପଚାରିବାରୁ ଘଟଣା ବିଷୟରେ ଅବଗତ ଅଛି। ଏ ନେଇ ଜିଲା ପ୍ରଶାସନଙ୍କୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି। ଏ ବିଷୟରେ ଜିଲାପାଳ ମନୋଜ ସତ୍ୟବାନ ☞ପୃଷ୍ଠା-୪

# ଲୋକ ସଭାରେ ବନ୍ଦେ ମାତରମ୍ ବିତର୍କ

## ଗାନ୍ଧିଜୀଙ୍କ ଇଚ୍ଛାକୁ ବଦଳାଇଥିଲା କଂଗ୍ରେସ: ମୋଦି

## ପ୍ରଧାନମନ୍ତ୍ରୀ ଇତିହାସ ବଦଳାଇବାକୁ ଚାହୁଁଛନ୍ତି: କଂଗ୍ରେସ

ନୂଆଦିଲ୍ଲୀ,୮।୧୨(ପି.ଟି.)




ଲୋକ ସଭାରେ ବନ୍ଦେ ମାତରମ୍ ବିତର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କଂଗ୍ରେସ ଏମ୍ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଭାଗ ନେଇଛନ୍ତି।

ସାମାଜିକ ସୌହାର୍ଦ୍ଦ୍ୟ ନାମରେ କଂଗ୍ରେସ ଜାତୀୟ ଗାନ ବନ୍ଦେ ମାତରମ୍‌କୁ ଖଣ୍ଡ ଖଣ୍ଡ କରିଦେଇଥିଲା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଅଭିଯୋଗ କରିଛନ୍ତି। ଏହି ଦଳ ଏବେ ବି ତୁଷ୍ଟୀକରଣ ରାଜନୀତି କରୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଲୋକ ସଭାରେ ବିତର୍କ ଆରମ୍ଭ କରି ମୋଦି ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କୁ ଟାର୍ଗେଟ କରିଛନ୍ତି। ବନ୍ଦେ ମାତରମ୍ ଗାନ ମୁସଲମାନମାନଙ୍କୁ କ୍ରୋଧିତ କରିବ ପ୍ରସ୍ତାବରେ ନେହେରୁ ରାଜି ହୋଇଥିଲେ ବୋଲି ସୁଭାଷ ଚନ୍ଦ୍ର ବୋଷଙ୍କ ନିକଟକୁ ଲେଖିଥିବା ପତ୍ରରୁ ଜଣାପଡ଼ିଛି। ଲକ୍ଷ୍ନୌରେ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ବିକ୍ଷୋଭ ପରେ ନେହେରୁ ଏହି ପତ୍ର ଲେଖିଥିଲେ। ପରେ ବନ୍ଦେ ମାତରମ୍ ଗାନ ବ୍ୟବହାର କରାଯିବା ଉପରେ ସମୀକ୍ଷା ପାଇଁ କଂଗ୍ରେସର ଏକ ଅଧିବେଶନ ବଙ୍ଗରେ ଡକାଯାଇଥିଲା। ଏହା ସତ୍ତ୍ୱେ ବନ୍ଦେ ମାତରମ୍ ସହ କଂଗ୍ରେସ ସାଲିସ କରିଥିଲା ଏବଂ ସାମାଜିକ ସୌହାର୍ଦ୍ଦ୍ୟ ନାମରେ ଏହାକୁ ଭାଗ ଭାଗ କରିଦିଆଯାଇଥିଲା, ଇତିହାସ ଯାହାର ସାକ୍ଷୀ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ତୁଷ୍ଟୀକରଣ ରାଜନୀତିର ଚାପରେ କଂଗ୍ରେସ ଏପରି କରିଥିଲା। ଏହି କାରଣରୁ କଂଗ୍ରେସ ଦେଶ ବିଭାଜନ ଦାବି ନିକଟରେ ମୁଣ୍ଡ ନୁଆଁଇଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ ଆହୁରି ଦର୍ଶାଇଛନ୍ତି, ବନ୍ଦେ ମାତରମ୍ ଏତେ ଲୋକପ୍ରିୟ ହୋଇଯାଇଛି ଯେ ଜାତୀୟ ସଙ୍ଗୀତ ହେବାକୁ ଯାଉଛି ବୋଲି ମହାତ୍ମା ଗାନ୍ଧୀ ୧୯୦୫ରେ ଲେଖିଥିଲେ। ତେବେ ଏହା ପ୍ରତି କାହିଁକି ଅନ୍ୟାୟ କରାଗଲା ବୋଲି ସେ ବିବ୍ରତ ହୋଇଥିଲେ। ବନ୍ଦେ ମାତରମ୍ ଉପରେ ମହାତ୍ମା ଗାନ୍ଧୀଙ୍କ ଇଚ୍ଛାକୁ ବଦଳାଇଦେବା ପାଇଁ କେଉଁ ଚାପ ଏତେ ଶକ୍ତିଶାଳୀ ଥିଲା ବୋଲି ପ୍ରଧାନମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ସେହିପରି ବିତର୍କରେ ଭାଗନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, ବନ୍ଦେ ମାତରମ୍‌ର ନିଷ୍ପକ୍ଷ ମୂଲ୍ୟାୟନ କରିବାର ସମୟ ଆସିଛି। ସମ୍ପୂର୍ଣ୍ଣ ଗାନ ଏବଂ 'ଆନନ୍ଦ ମଠ' ପୁସ୍ତକ କଦାପି ମୁସଲମାନ ବିରୋଧୀ ନ ଥିଲା, ବରଂ ବେଙ୍ଗଲ ନବାବ ଏବଂ ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧରେ ଥିଲା। କଂଗ୍ରେସର ତୁଷ୍ଟୀକରଣ ରାଜନୀତି ଭାରତକୁ ଭାଗ ଭାଗ କରାଇଲା ବୋଲି ରାଜନାଥ ଅଭିଯୋଗ କରିଛନ୍ତି।

ବିତର୍କରେ ଭାଗନେଇ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରିଛି। ପ୍ରଧାନମନ୍ତ୍ରୀ ଇତିହାସର ପୁନର୍ଲିଖନ କରିବାକୁ ଉଦ୍ୟମ କରିବା ସହ ବନ୍ଦେ ମାତରମ୍ ବିତର୍କକୁ ରାଜନୈତିକ ରୂପ ଦେଉଛନ୍ତି ବୋଲି ଲୋକ ସଭାରେ କଂଗ୍ରେସର ଉପନେତା ଗୌରବ ଗୋଗୋଇ ଅଭିଯୋଗ କରିଛନ୍ତି। ଭାଜପା ଯେତେ ଚେଷ୍ଟା କଲେ ମଧ୍ୟ ନେହେରୁଙ୍କ ଅବଦାନ ଉପରେ ଗୋଟିଏ ବି ଦାଗ ଲଗାଇପାରିବ ନାହିଁ ବୋଲି ସେ କହିଛନ୍ତି। କଂଗ୍ରେସ ବନ୍ଦେ ମାତରମ୍‌କୁ ଜାତୀୟ ଗାନ ମାନ୍ୟତା ଦେଇଛି, ତାହା ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ପ୍ରସଙ୍ଗରେ ନେହେରୁ ଏବଂ କଂଗ୍ରେସର ନାଁ ନେବା ପ୍ରଧାନମନ୍ତ୍ରୀଙ୍କର ଅଭ୍ୟାସ ବୋଲି ଗୋଗୋଇ କହିଛନ୍ତି। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଆଲୋଚନାରେ ଭାଗନେଇ କହିଛନ୍ତି, ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଆଗକୁ ଥିବାରୁ ଲୋକମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକରୁ ଦୃଷ୍ଟି ଏଡ଼ାଇବା ପାଇଁ କେନ୍ଦ୍ର ସରକାର ବନ୍ଦେ ମାତରମ୍ ଉପରେ ବିତର୍କ କରାଉଛନ୍ତି। ମୋଦିଙ୍କ ଆତ୍ମବିଶ୍ୱାସ ହ୍ରାସ ପାଇବା ସହ ତାଙ୍କ ନୀତିଗୁଡ଼ିକ ଦେଶକୁ ଦୁର୍ବଳ କରିଦେଇଥିବା ପ୍ରିୟଙ୍କା କହିଛନ୍ତି। ଭାଜପା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରୁଛି। ଯେଉଁମାନେ ଦେଶର ସ୍ୱାଧୀନତା ପାଇଁ ସଂଗ୍ରାମ କରିଥିଲେ, ସରକାର ସେମାନଙ୍କ ବିରୋଧରେ ସାନି ଅଭିଯୋଗ ଆଣିବା ପାଇଁ ଏହି ବିତର୍କକୁ ବ୍ୟବହାର କରୁଥିବା ୱାୟନାଡ୍ ଏମ୍ପି ଅଭିଯୋଗ କରିଛନ୍ତି।

ସେହିପରି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଭାଜପାକୁ ସମାଲୋଚନା କରି କହିଛନ୍ତି, ଯେଉଁମାନେ ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇ ନ ଥିଲେ, ସେମାନେ ଏବେ ବନ୍ଦେ ମାତରମ୍‌ର ମୂଲ୍ୟବୋଧ ଉପରେ ଆଲୋଚନା କରୁଛନ୍ତି। ଜଣକର ବିଶ୍ୱାସକୁ ଅନ୍ୟମାନଙ୍କ ଉପରେ ଲଦିଦେବା ପାଇଁ ଜାତୀୟ ଗାନକୁ ଅସ୍ତ୍ର ଭାବେ ବ୍ୟବହାର କରାଯିବା ଉଚିତ ନୁହେଁ ବୋଲି ଅଖିଳେଶ କହିଛନ୍ତି। ଡିଏମ୍‌କେ ସାଂସଦ ଏ. ରାଜା କହିଛନ୍ତି, ମୁସଲମାନମାନଙ୍କୁ ବାଦ୍ ଦେବା ଲକ୍ଷ୍ୟରେ ବନ୍ଦେ ମାତରମ୍‌କୁ ଉପସ୍ଥାପନ କରାଯାଇଥିବାର ଐତିହାସିକ ଦସ୍ତାବିଜରୁ ଜଣାପଡ଼ିଛି। ଏହି ଗୀତକୁ ନେଇ ବିବାଦ ସମ୍ପ୍ରଦାୟ ଦ୍ୱାରା କରାଯାଇ ନ ଥିଲା, ବରଂ ଏହାକୁ 'କେବଳ ହିନ୍ଦୁ' ସଙ୍ଗୀତ ଭାବେ ପ୍ରସ୍ତୁତ କରିଥିବା ଲୋକଙ୍କ ଦ୍ୱାରା ହୋଇଥିଲା ବୋଲି ରାଜା କହିଛନ୍ତି।

## କାମ୍ବୋଡିଆ ସୀମାରେ ଥାଇଲାଣ୍ଡର ଏୟାରଷ୍ଟ୍ରାଇକ୍

ବ୍ୟାଙ୍କକ୍,୮।୧୨

କାମ୍ବୋଡିଆର ବିବାଦୀୟ ସୀମାରେ ଥାଇଲାଣ୍ଡ ଏୟାରଷ୍ଟ୍ରାଇକ୍ କରିଥିବା ଥାଇ ମନ୍ତ୍ରଣାଳୟ ସୋମବାର କହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ହୋଇଥିବା ଯୁଦ୍ଧବିରତି ଚୁକ୍ତିନାମାକୁ ଉଭୟ ଉଲ୍ଲଂଘନ କରିଥିବା ନେଇ ପରସ୍ପରକୁ ଦୋଷାରୋପ କରିଛନ୍ତି। ସାନି ସଂଘର୍ଷରେ ଥାଇଲାଣ୍ଡର ଜଣେ ସୈନ୍ୟ ନିହତ ହେବା ସହ ୪ ଜଣ ଆହତ ହୋଇଛନ୍ତି। ପୂର୍ବଭାଗରେ ଥିବା ଉବୋନ୍ ରାଟ୍‌ଚାଥାନି ପ୍ରଦେଶର ୨ଟି ସ୍ଥାନରେ ସଂଘର୍ଷ ଘଟିଥିଲା ବୋଲି ଥାଇଲାଣ୍ଡ ସେନା ପକ୍ଷରୁ କୁହାଯାଇଛି। ଏହାର ଜବାବ ଦେବାକୁ ଯାଇ ଥାଇଲାଣ୍ଡ କାମ୍ବୋଡିଆର ବିଭିନ୍ନ ଅଞ୍ଚଳକୁ ଟାର୍ଗେଟ କରି ଏୟାରଷ୍ଟ୍ରାଇକ୍ କରିଛି। ଅନ୍ୟପକ୍ଷରେ କାମ୍ବୋଡିଆ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ରବିବାର ଦିନ ତମାମ ଉତ୍ତେଜନା ଲାଗିରହିବା ପରେ ଭୋର ସମୟରେ ଥାଇଲାଣ୍ଡ ୨ଟି ସୀମାନ୍ତ ଅଞ୍ଚଳରେ ଆକ୍ରମଣ କରିଥିଲା। ତେବେ କାମ୍ବୋଡିଆ ସୈନ୍ୟ ପ୍ରତିଆକ୍ରମଣ କରିନାହାନ୍ତି। ଥାଇଲାଣ୍ଡ ସେନା କହିବା ଅନୁଯାୟୀ, କାମ୍ବୋଡିଆ ସୈନ୍ୟ ଥାଇଲାଣ୍ଡର ଜନବସତି ଅଞ୍ଚଳକୁ ଟାର୍ଗେଟ କରି ବିଏମ୍-୨୧ ରକେଟ ମାଡ଼ କରିଥିଲା। ଏଥିରେ କେତେଜଣ ମୃତାହତ ହୋଇଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ। ସୂଚନାଯୋଗ୍ୟ, ଗତ ଜୁଲାଇରେ ଦୁଇ ପଡୋଶୀ ଦେଶ ମଧ୍ୟରେ ୫ ଦିନ ସଂଘର୍ଷ ଲାଗିରହିବା ସହ ଅନେକ ସୈନ୍ୟ ଓ ସାଧାରଣ ନାଗରିକ ପ୍ରାଣ ହରାଇଥିଲେ।

## ସଂକ୍ଷେପରେ

### ଜାପାନରେ ୭.୬ ତୀବ୍ରତାର ଭୂକମ୍ପ

#### ସୁନାମି ସତର୍କ ସୂଚନା ଜାରି

ଟୋକିଓ,୮।୧୨

ଜାପାନ ଉପକୂଳରେ ସୋମବାର ୭.୬ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏହାର ପ୍ରଭାବରେ ରାତି ୧୧ଟା ୪୦ ସୁଦ୍ଧା ୩ ମିଟର ଉଚ୍ଚର ସୁନାମି ଆସିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆଓମୋରି ସହର ନିକଟ ହୋକୋଇଡୋ ଉପକୂଳକରେ ସମୁଦ୍ର ପତ୍ତନଠାରୁ ପ୍ରାୟ ୫୦ କିଲୋମିଟର ଗଭୀରରେ ଭୂକମ୍ପର କେନ୍ଦ୍ରସ୍ଥଳ ବୋଲି କୁହାଯାଉଛି। ଭୂକମ୍ପ ସମୟରେ ଗାଡ଼ିଗୁଡ଼ିକ ଦୋହଲୁଥିବା ଏବଂ ଲୋକେ ଭୟରେ ଘରୁ ବାହାରି ଆସୁଥିବାର ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଛି।

### କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ: ମନ୍ତ୍ରୀ

#### ଇଣ୍ଡିଗୋ ବିମାନ ସେବା ବିଭ୍ରାଟ

ନୂଆଦିଲ୍ଲୀ,୮।୧୨(ପି.ଟି.)

ଇଣ୍ଡିଗୋ ଏୟାରଲାଇନ୍ସର ବିମାନ ସେବାରେ ସପ୍ତାହେ ହେଲା ବିଭ୍ରାଟ ଲାଗିରହିଥିବାବେଳେ ଲୋକ ସଭାରେ ବିରୋଧୀ ଦଳ ସୋମବାର ଏହା ଉପରେ ସରକାରଙ୍କ ବିବୃତି ଦାବି କରିଥିଲେ। ବିମାନ ସେବା ବାଧାପ୍ରାପ୍ତ ହେବାରୁ ଦେଶର ବିଭିନ୍ନ ଏୟାରପୋର୍ଟରେ ଅନେକ ହଜାର ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କ'ଣ ପାଇଁ ଏଭଳି ସମସ୍ୟା ଉପୁଜିଲା, ସରକାର ଜଣାନ୍ତୁ ବୋଲି ପ୍ରଶ୍ନୋତ୍ତର କାଳରେ ଗୃହର ଉପନେତା ଗୌରବ ଗୋଗୋଇ କହିଥିଲେ। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ ଏହା ଉପରେ ସବିଶେଷ ତଥ୍ୟ ଦେବେ ବୋଲି ବାଚସ୍ପତି ଓମ୍ ବିର୍ଲା କହିଥିଲେ। ବିମାନ ସେବାରେ ସଙ୍କଟ ପାଇଁ ଇଣ୍ଡିଗୋ ବିରୋଧରେ ସରକାର ଅତ୍ୟନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ମନ୍ତ୍ରୀ ନାଇଡୁ ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ଏୟାରଲାଇନ୍ସ ଏହାର କର୍ମଚାରୀ ଏବଂ ଡ୍ୟୁଟି ରୋଷ୍ଟର ପରିଚାଳନା କରିବାରେ ବିଫଳ ହୋଇଛି। ସରକାର ଏହା ଉପରେ ତଦନ୍ତ କରୁଛନ୍ତି। କାର୍ଯ୍ୟାନୁଷ୍ଠାନ କେବଳ ବର୍ତ୍ତମାନର ସ୍ଥିତି ପାଇଁ ନୁହେଁ ବରଂ ଦୃଷ୍ଟାନ୍ତମୂଳକ ଭାବେ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ସୋମବାର ଇଣ୍ଡିଗୋର ପ୍ରାୟ ୫୦୦ ବିମାନ ଉଡ଼ାଣ ବାତିଲ ହୋଇଥିବାବେଳେ ୧୩୭ଟି ରୁଟ୍‌ରେ ୧,୮୦୨ ବିମାନ ଉଡ଼ାଣ କରିଛି। ସପ୍ତାହେ ଧରି ବାତିଲ ଓ ବିଳମ୍ବିତ ହୋଇଥିବା ବିମାନ ପାଇଁ ଏୟାରଲାଇନ୍ସ କର୍ତ୍ତୃପକ୍ଷ ସୋମବାର ସୁଦ୍ଧା ଯାତ୍ରୀମାନଙ୍କୁ ମୋଟ ୮୨୭ କୋଟି ଟଙ୍କା ଫେରସ୍ତ କରିଛନ୍ତି। ଏଥିସହିତ ଯାତ୍ରୀମାନଙ୍କୁ ୪,୫୦୦ ବ୍ୟାଗେଜ୍ ଫେରାଇ ଦିଆଯାଇଛି।

### ବାହାବଲପୁରରେ ଜୈଶ, ଲଶ୍କର ଆତଙ୍କବାଦୀଙ୍କ ସଭା

ନୂଆଦିଲ୍ଲୀ,୮।୧୨

ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ସଂଗଠନର ମୁଖ୍ୟାଳୟ ଥିବା ପାକିସ୍ତାନର ବାହାବଲପୁରଠାରେ ବହୁ ସଂଖ୍ୟାରେ ଜୈଶ ଏବଂ ଲଶ୍କର-ଇ-ତୋଇବା ଆତଙ୍କବାଦୀ ଏକାଠି ହୋଇ ସଭା କରିଥିବା ଗୋଇନ୍ଦା ସୂତ୍ରରୁ ଜଣାପଡ଼ିଛି। ଏଥିରେ ଉଭୟ ସଂଗଠନରୁ ବହୁସଂଖ୍ୟାରେ ଆତଙ୍କବାଦୀ ଯୋଗ ଦେଇଥିଲେ। ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଭାରତୀୟ ସେନାର ଅପରେଶନ ସିନ୍ଦୂର ବେଳେ ବାହାବଲପୁର ଆତଙ୍କବାଦୀ ଶିବିର ଧ୍ୱଂସ ହୋଇଥିଲା।

## ବଳାତ୍କାର ମାମଲାରେ ଅଭିନେତା ଦିଲୀପ ଦୋଷମୁକ୍ତ



କୋଚି,୮।୧୨

୨୦୧୭ରେ ମାଲୟାଲମ ଚଳଚ୍ଚିତ୍ରର ଜଣେ ଅଭିନେତ୍ରୀଙ୍କୁ ଅପହରଣ ଓ ବଳାତ୍କାର ମାମଲାରେ ଅଭିନେତା ଦିଲୀପଙ୍କୁ ଏର୍ନାକୁଲମ୍ ଡିଷ୍ଟ୍ରିକ୍ଟ ଓ ପ୍ରିନ୍ସିପାଲ ସେସନ୍ସ କୋର୍ଟ ଦୋଷମୁକ୍ତ କରିଛନ୍ତି। ଉକ୍ତ ରାୟ ବିରୋଧରେ ଅପିଲ କରିବାକୁ କେରଳ ସରକାର ସୋମବାର ଘୋଷଣା କରିଛନ୍ତି। ରାଜ୍ୟ ଆଇନମନ୍ତ୍ରୀ ପି. ରାଜୀଭ କହିଛନ୍ତି, ସରକାର ପୀଡ଼ିତାଙ୍କ ପଛରେ ଦୃଢ଼ ଭାବେ ଛିଡ଼ାହେବେ ଏବଂ ତାଙ୍କୁ ସମ୍ପୂର୍ଣ୍ଣ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରାଇବା ଲାଗି ସମସ୍ତ ଆବଶ୍ୟକ ଆଇନଗତ ପଦକ୍ଷେପ ନେବେ। ମୁଖ୍ୟ ଅଭିଯୁକ୍ତ ସୁନୀଲ ଏନ୍.ଏସ୍ ଓରଫ୍ ପୁଲସାର ସୁନିଙ୍କ ସମେତ ପ୍ରଥମରୁ ଷଷ୍ଠ ଅଭିଯୁକ୍ତଙ୍କୁ ଅଦାଲତ ଦୋଷୀସାବ୍ୟସ୍ତ କରିଥିବାବେଳେ ଉପଯୁକ୍ତ ପ୍ରମାଣ ଅଭାବରୁ ୭ମରୁ ୧୧ତମ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଛନ୍ତି।

### ରାୟ ବିରୋଧରେ ଅପିଲ୍ କରିବେ କେରଳ ସରକାର

ଦିଲୀପ ଏହି ମାମଲାରେ ଅଷ୍ଟମ ଅଭିଯୁକ୍ତ ଥିଲେ। ରାୟ ପ୍ରକାଶ ପାଇବା ପରେ ଦିଲୀପ କହିଛନ୍ତି, ତାଙ୍କୁ ବଦନାମ କରିବା ସହ କ୍ୟାରିୟର ନଷ୍ଟ କରିବା ପାଇଁ ଏହା ଏକ ଷଡ଼ଯନ୍ତ୍ର ଥିଲା।

ସୂଚନାଯୋଗ୍ୟ, ୨୦୧୭ ଫେବୃଆରୀ ୧୭ରେ ମାଲୟାଲମ ଚଳଚ୍ଚିତ୍ର ଶିଳ୍ପର ଜଣେ ଖ୍ୟାତନାମା ଅଭିନେତ୍ରୀଙ୍କୁ କେରଳର କୋଚି ନିକଟରେ ଅପହରଣ କରିନିଆଯାଇ ଚଳନ୍ତା କାର୍‌ରେ ବଳାତ୍କାର କରାଯାଇଥିଲା। ଅଭିଯୋଗ ଅନୁଯାୟୀ, ୨୦ ବର୍ଷୀୟ ଅଭିନେତ୍ରୀ ବିଳମ୍ବିତ ରାତିରେ ତ୍ରିସୁରରୁ କୋଚି ଫେରୁଥିବାବେଳେ ଗୋଟିଏ ଗାଡ଼ି ତାଙ୍କ କାର୍‌କୁ ପିଛା କରିଥିଲା। ୨ ଜଣ ବ୍ୟକ୍ତି ତାଙ୍କ କାର୍‌ରେ ପ୍ରବେଶ କରି ଡ୍ରାଇଭରଙ୍କୁ ଧମକ ଦେବା ସହ କୋଚି ଅଭିମୁଖେ ଚଲାଇବାକୁ କହିଥିଲେ। ଅଭିନେତ୍ରୀଙ୍କୁ କାର୍‌ରେ ୨ ଘଣ୍ଟା ପଣବନ୍ଦୀ ରଖାଯାଇ ଯୌନ ନିର୍ଯାତନା ଦିଆଯାଇଥିଲା। ଅପରାଧୀମାନେ ଅଭିନେତ୍ରୀଙ୍କୁ ବ୍ଲାକ୍‌ମେଲ୍ କରିବା ପାଇଁ ତାଙ୍କ ଫଟୋ ନେଇଥିଲେ। ପୀଡ଼ିତା ଅଭିନେତ୍ରୀ ନିର୍ଦ୍ଦେଶକଙ୍କ ଘରେ ପହଞ୍ଚିବା ପରେ ସେ ପୋଲିସକୁ ଜଣାଇଥିଲେ। ପୋଲିସ ତଦନ୍ତ କରି ଦିଲୀପଙ୍କ ସମେତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଦିଲୀପ ଅପରାଧର ମାଷ୍ଟରମାଇଣ୍ଡ ଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଥିଲା।

## କାଗଜକଲମରେ ପରୀକ୍ଷା ପାଇଁ ସଂସଦୀୟ କମିଟିର ସୁପାରିସ

ନୂଆଦିଲ୍ଲୀ,୮।୧୨(ପି.ଟି.)

ପ୍ରବେଶିକା ପରୀକ୍ଷାଗୁଡ଼ିକରେ ପ୍ରଶ୍ନପତ୍ର ଲିକ୍ ଭଳି ସମସ୍ୟା ଲାଗିରହିଥିବାରୁ ସଂସଦୀୟ କମିଟି ଉଦ୍‌ବେଗ ପ୍ରକାଶ କରିଛି। ଅନ୍ୟପକ୍ଷରେ ବହୁବର୍ଷ ହେଲା ସିବିଏସ୍‌ଇ ଏବଂ ୟୁପିଏସ୍‌ସି ଭଳି ପରୀକ୍ଷା ପ୍ରଶ୍ନପତ୍ର ଲିକ୍‌ରୁ ମୁକ୍ତ ରହିଥିବାରୁ କାଗଜକଲମରେ ପରୀକ୍ଷା କରାଇବା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଲାଗି କମିଟି ସୁପାରିସ କରିଛି। ଗତବର୍ଷ ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ)ର ପ୍ରଦର୍ଶନ ଆତ୍ମବିଶ୍ୱାସକୁ ଯଥେଷ୍ଟ ପ୍ରେରିତ କରି ନ ଥିବା କମିଟି କହିଛି।

କଂଗ୍ରେସ ଏମ୍ପି ଦିଗ୍‌ବିଜୟ ସିଂଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଉଲ୍ଲେଖ କରିଛି, କେବଳ ୨୦୨୪ରେ ଏନ୍‌ଟିଏ ଦ୍ୱାରା ୧୪ଟି ପ୍ରତିଯୋଗିତାମୂଳକ ପରୀକ୍ଷା କରାଯାଇଥିଲା। ପେପର ଲିକ୍ ଯୋଗୁ ୟୁଜିସି-ନେଟ୍, ସିଏସ୍‌ଆଇଆର୍-ନେଟ ଏବଂ ଏନ୍‌ଇଇଟି-ପିଜି ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ଏନ୍‌ଇଇଟି-ୟୁଜି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ହୋଇଥିବାବେଳେ ସିୟୁଇଟି (ୟୁଜି/ପିଜି)ରେ ଫଳାଫଳ ସ୍ଥଗିତ ରହିଥିଲା। ସେହିପରି ଚଳିତ ବର୍ଷ ଜାନୁଆରୀରେ ଅନୁଷ୍ଠିତ ଜେଇଇ ମେନ୍ ପରୀକ୍ଷାରେ ୧୨ଟି ପ୍ରଶ୍ନରେ ତ୍ରୁଟି ଥିବାରୁ ସେଗୁଡ଼ିକୁ ପ୍ରତ୍ୟାହାର କରିନିଆଯାଇଥିଲା ବୋଲି ଶିକ୍ଷା, ମହିଳା ଓ ଶିଶୁ ଏବଂ ଯୁବ ଓ କ୍ରୀଡ଼ା ସମ୍ପର୍କିତ ସ୍ଥାୟୀ କମିଟି ରିପୋର୍ଟରେ କୁହାଯାଇଛି। ତେଣୁ ଏନ୍‌ଟିଏ ତୁରନ୍ତ ସେଗୁଡ଼ିକୁ ସୁଧାରିବା ଦିଗରେ କାର୍ଯ୍ୟ କରିବା ଆବଶ୍ୟକ, ଯେପରି ଭବିଷ୍ୟତରେ ଏଭଳି ସମସ୍ୟା ଦେଖାଦେବ ନାହିଁ ବୋଲି କମିଟି ସୁପାରିସ କରିଛି।

## ଭାରତରେ ବାକ୍ ସ୍ୱାଧୀନତା ବିପଦରେ: ରଶ୍‌ଦି

ନୂଆଦିଲ୍ଲୀ,୮।୧୨

ନରେନ୍ଦ୍ର ମୋଦିଙ୍କ ସରକାର ସମୟରେ ଭାରତରେ ବାକ୍ ସ୍ୱାଧୀନତା ଏବଂ ଗଣମାଧ୍ୟମ ସ୍ୱାଧୀନତା ବିପଦରେ ଥିବା ନେଇ ଖ୍ୟାତନାମା ଲେଖକ ସଲମାନ ରଶ୍‌ଦି ସତର୍କ କରାଇଛନ୍ତି। ଏହି ଭାରତୀୟ-ବ୍ରିଟେନ୍ ଔପନ୍ୟାଶିକଙ୍କ ପୁସ୍ତକ 'ସାଟାନିକ୍ ଭର୍ସେସ'କୁ ଇସ୍‌ଲାମୀୟ ଚାପରେ କଂଗ୍ରେସ ନେତୃତ୍ୱାଧୀନ ସରକାର ଭାରତରେ ନିଷେଧ କରିଥିଲା। ମୋଦିଙ୍କ ଭାରତରେ ହିନ୍ଦୁ ଜାତୀୟତାବାଦ ବଢ଼ିବା ସହ ଅଭିବ୍ୟକ୍ତି ସ୍ୱାଧୀନତାକୁ ସଙ୍କୁଚିତ କରାଯାଉଥିବାରୁ ରଶ୍‌ଦି ଉଦ୍‌ବେଗ ପ୍ରକାଶ କରିଛନ୍ତି। ୨୦୨୫ରେ ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କରେ ଭାରତ ୧୫୧ତମ ର୍ୟାଙ୍କରେ ରହିଛି। ପୂର୍ବବର୍ଷ ଏହା ୧୫୯ତମ ସ୍ଥାନରେ ରହିଥିଲା। ତେବେ ଏଥିରେ ପାଶ୍ଚାତ୍ୟ ପକ୍ଷପାତିତା ଥିବା ଦର୍ଶାଇ ଭାରତୀୟ ନେତାମାନେ ଉକ୍ତ ର୍ୟାଙ୍କିଙ୍ଗ୍‌କୁ ସମାଲୋଚନା କରିଥିଲେ। ବାକ୍ ସ୍ୱାଧୀନତା ପାଇଁ ବହୁ ଦଶନ୍ଧି ଧରି ଲଢ଼େଇ କରିଆସୁଥିବା ରଶ୍‌ଦିଙ୍କୁ ୨୦୨୨ରେ ନ୍ୟୁୟର୍କରେ ମରଣାନ୍ତକ ଆକ୍ରମଣ ହୋଇଥିଲା, ଯେଉଁଥିରେ ସେ ଗୋଟିଏ ଆଖି ହରାଇଥିଲେ।

## ଶୁଭାଙ୍ଗୀ ଦତ୍ତଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର


### ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବ

ନୂଆଦିଲ୍ଲୀ



ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ଅଭିନେତ୍ରୀ ଶୁଭାଙ୍ଗୀ ଦତ୍ତଙ୍କୁ ସର୍ବଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ମିଳିଛି। ସେ ଅନୁପମ ଖେର୍‌ଙ୍କ ନିର୍ଦ୍ଦେଶିତ 'ତନଭି ଦି ଗ୍ରେଟ୍' ଚଳଚ୍ଚିତ୍ରରେ ପ୍ରଥମେ ଅଭିନୟ କରିଥିଲେ। ଉକ୍ତ ଚଳଚ୍ଚିତ୍ରକୁ ଶ୍ରେଷ୍ଠ ସ୍କ୍ରିନ୍‌ପ୍ଲେ ପୁରସ୍କାର ମିଳିଛି। ଉକ୍ତ ଚଳଚ୍ଚିତ୍ରର କାହାଣୀ ଅନୁପମ ଅଭିଷେକ ଦୀକ୍ଷିତ ଏବଂ ଅଙ୍କୁର ସୁମନ ଲେଖିଥିଲେ। ଗତ ଶନିବାର ଚଳଚ୍ଚିତ୍ର ଉତ୍ସବ ଅନୁଷ୍ଠିତ ହୋଇଥିଲା। ତାଙ୍କ ଅଭିନୀତ ଚଳଚ୍ଚିତ୍ର ବିଶ୍ୱବ୍ୟାପୀ ଚର୍ଚ୍ଚା ହୋଇଥିବାରୁ ଶୁଭାଙ୍ଗୀ ଏଥିପାଇଁ ଦର୍ଶକମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ତନଭି ଚରିତ୍ରରେ ଅଭିନୟ କରିଥିବା ଶୁଭାଙ୍ଗୀ ପୁରସ୍କାର ପାଇଥିବାରୁ ଅତ୍ୟନ୍ତ ସ୍ୱତନ୍ତ୍ର ଅନୁଭବ କରୁଥିବା କହିଛନ୍ତି। ଅନୁପମ ଖେର୍ ତାଙ୍କ ଉପରେ ବିଶ୍ୱାସ ରଖିବା ସହ ଗାଇଡ୍ କରିଥିବାରୁ ସେ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ପୁରସ୍କାର ଆମର ସମ୍ପୂର୍ଣ୍ଣ ଟିମ୍ ପାଇଁ ବୋଲି ଏକ ବିବୃତିରେ ଶୁଭାଙ୍ଗୀ କହିଛନ୍ତି।






# ଆଖି ବୁଜିଲେ ଆତ୍ମାହୁତି ଉଦ୍ୟମ କରିଥିବା ଛାତ୍ରୀ

## ୪ ଲକ୍ଷ ଟଙ୍କା, ଚାକିରି ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ରାଉରକେଲା, ୮।୧୨(ସଙ୍ଗୀତା ଜେନା)

ଜଣେ ଯୁବକଙ୍କ ଉତ୍ପୀଡ଼ନର ଶିକାର ହୋଇ ଶୁକ୍ରବାର ଆତ୍ମାହୁତି ଉଦ୍ୟମ କରିଥିବା ରାଜଗାଙ୍ଗପୁର ସରବତୀ ମହିଳା କଲେଜର ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀ (୧୭)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଆଇଜିଏଚ୍‌ରେ ରବିବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଛି। ଏହି ଘଟଣାରେ ମୃତା ଛାତ୍ରୀଙ୍କ ପରିବାରକୁ କ୍ଷତିପୂରଣ ବାବଦ ୫୦ ଲକ୍ଷ ଟଙ୍କା ଏବଂ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି ଦାବି କରି ହସ୍ପିଟାଲ ପରିସରରେ ସାମାଜିକ କର୍ମୀ ରଶ୍ମୀ ଏକ୍କା, ଶିଳ୍ପା ଏକ୍କା ଏବଂ ଅମରେଶ ପଣ୍ଡାଙ୍କ ନେତୃତ୍ୱରେ ମୃତାଙ୍କ ପରିବାର ଲୋକେ ଧାରଣା ଦେଇଥିଲେ। ଖବର ପାଇ ରାଜଗାଙ୍ଗପୁର ସହାୟକ ତହସିଲଦାର (ମାଜିଷ୍ଟ୍ରେଟ୍) କିରଣ କୁମାର ସୋରେନ, ସୁନ୍ଦରଗଡ଼ ଅତିରିକ୍ତ ଏସ୍‌ପି ଶାନ୍ତା ନୂତନ ସମାଦ ପ୍ରମୁଖ ସେଠାରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ପ୍ରଥମ ପର୍ଯ୍ୟାୟରେ


ଆଇଜିଏଚ୍ ପରିସରରେ ଛାତ୍ରୀଙ୍କ ପରିବାର ଲୋକେ ଧାରଣା ଦେଇଛନ୍ତି।

ମୃତା ଛାତ୍ରୀଙ୍କ ପରିବାର ଲୋକଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ବାବଦକୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏଥିସହ ପରବର୍ତ୍ତୀ ସମୟରେ ୪ଲକ୍ଷ ଟଙ୍କା ପ୍ରଦାନ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅପରାହ୍ନ ୩ଟାରେ ଆଇଜିଏଚ୍ ମର୍ଗ ହାଉସକୁ ବ୍ୟବଚ୍ଛେଦ ପାଇଁ ମୃତଦେହ ନିଆଯାଇଥିଲା। ସନ୍ଧ୍ୟା ୫ଟାରେ ଲାଞ୍ଜିବେର୍ନାଠାରେ ଛାତ୍ରୀଙ୍କ ଅନ୍ତ୍ୟେଷ୍ଟିକ୍ରିୟା କରାଯାଇଥିଲା।

ସୂଚନାଯୋଗ୍ୟ, ଜଣେ ଯୁବକଙ୍କ ଉତ୍ପୀଡ଼ନର ଶିକାର ହୋଇ ଉକ୍ତ ଛାତ୍ରୀ ଶୁକ୍ରବାର ରାତିରେ କିରୋସିନ୍ ଢାଳି ଦେହରେ ନିଆଁ ଲଗାଇ ଦେଇଥିଲେ। ଫଳରେ ତାଙ୍କ ଶରୀରର ପ୍ରାୟ ୯୨ ପ୍ରତିଶତ ପୋଡ଼ିଯାଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆଇଜିଏଚ୍‌ରେ ଭର୍ତ୍ତି କରିଥିଲେ। ରବିବାର ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ତାଙ୍କ ଦିନିକିଆ ରାଉରକେଲା ଗସ୍ତ ଅବସରରେ ଆଇଜିଏଚ୍ ବର୍ନ ସେଣ୍ଟରକୁ ଯାଇ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ନାବାଳିକାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମନ୍ତ୍ରୀ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ସହ ପରାମର୍ଶ କରିଥିଲେ। ଅବସ୍ଥା ସାମାନ୍ୟ ସୁଧୁରିଲେ ଉକ୍ତ ଛାତ୍ରୀଙ୍କୁ ଏୟାରଲିଫ୍ଟ କରାଯିବ ବୋଲି ମଧ୍ୟ କୁହାଯାଇଥିଲା। ଅପରପକ୍ଷେ ନାବାଳିକାଙ୍କୁ ଉତ୍ପୀଡ଼ନ କରିଥିବା ଯୁବକଙ୍କୁ ପୋଲିସ ରବିବାର ଗିରଫ କରି କୋର୍ଟଚାଲାଣ କରିଛି।

# ହାତୀ ଆକ୍ରମଣରେ ଯୁବକ ମୃତ

ଚମ୍ପୁଆ,୮।୧୨(ମହେଶ୍ୱର ଦାସ)

କେନ୍ଦୁଝର ବନଖଣ୍ଡ ଚମ୍ପୁଆ ବନାଞ୍ଚଳ ଅଧୀନ ଉଖୁଣ୍ଡା ସେକ୍ସନର ଉଛବାଲିଠାରେ ସୋମବାର ଦ୍ୱିପ୍ରହରରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଣ୍ଡାବାଙ୍କ ସାହିର ମନୋଜ ମହାନ୍ତଙ୍କ ପୁଅ ସମରେନ୍ଦ୍ର ମହାନ୍ତ(୧୮)। ସମରେନ୍ଦ୍ର କୌଣସି କାମରେ ଉଛବାଲି ଯାଉଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଭଣ୍ଡା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବର୍ତ୍ତମାନ ଚମ୍ପୁଆ ରେଞ୍ଜରେ ୩୭ଟି ହାତୀ ରହିଥିବା ବେଳେ ଉଛବାଲିଠାରେ ୩ ଗୋଟି ହାତୀ ରହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ମୃତ ସମରେନ୍ଦ୍ରଙ୍କ ପରିବାରକୁ ୧ ଲକ୍ଷ ଟଙ୍କା ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ଏସିଏଫ ଅକ୍ଷୟ ଛତ୍ରିଆ ସୂଚନା ଦେଇଛନ୍ତି।

# ୧୦ ଡିଗ୍ରୀ ତଳେ ୧୦ ସହର

## ଦ୍ୱିତୀୟ ଦିନ ପାଇଁ ଜି. ଉଦୟଗିରି ସବୁଠୁ ଥଣ୍ଡା

ଭୁବନେଶ୍ୱର, (ବନ୍ଦନା ସେଠୀ)/ ଜି. ଉଦୟଗିରି, ୮।୧୨ (ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)

ରାଜ୍ୟରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ବିଶେଷକରି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଡ଼ ଥରାଇଦେବା ଭଳି ଶୀତ ଜାରି ରହିଛି। କନ୍ଧମାଳ ଜିଲାର ଜି. ଉଦୟଗିରିଠାରେ ଲଗାତାର ଦ୍ୱିତୀୟଦିନ ପାଇଁ ରାଜ୍ୟର ସର୍ବନିମ୍ନ ତାପମାତ୍ରା ରେକର୍ଡ କରାଯାଇଛି। ଏଠାରେ ତାପମାତ୍ରା ୪.୩ ଡିଗ୍ରୀକୁ ଖସି ଆସିଥିବାବେଳେ ଗ୍ରାମାଞ୍ଚଳରେ ଏହାଠାରୁ ୨/୩ ଡିଗ୍ରୀ କମ୍ ରହୁଥିବାରୁ ଗ୍ରାମୀଣ ଜୀବନଜୀବିକା ପ୍ରଭାବିତ ହୋଇଛି। ବିଶେଷକରି ଶ୍ରମିକ ଶ୍ରେଣୀର ଲୋକେ ହଇରାଣ ହେଉଛନ୍ତି। ଶୀତ ପ୍ରକୋପରୁ ରକ୍ଷା ପାଇବା ପାଇଁ ବିଭିନ୍ନ ସ୍ଥାନରେ ଲୋକେ ନିଆଁ ପୁଉଁଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ଦୁଇ ସହରରେ ତାପମାତ୍ରା ସ୍ୱାଭାବିକଠାରୁ ୫ରୁ ୬ ଡିଗ୍ରୀ କମ୍ ରହିଛି। ଝାରସୁଗୁଡାଠାରେ ସର୍ବନିମ୍ନ ତାପମାତ୍ରା ୭.୪ ଡିଗ୍ରୀ ରହିଥିବାବେଳେ ଏହା ସ୍ୱାଭାବିକ ତାପମାତ୍ରାଠାରୁ ୬.୨ ଡିଗ୍ରୀ କମ୍। ସେହିପରି ଅନୁଗୋଳରେ ନିମ୍ନତମ ତାପମାତ୍ରା ୮.୮ ଥିବାବେଳେ ଏହା ସ୍ୱାଭାବିକ ତାପମାତ୍ରାଠାରୁ ୫.୪ ଡିଗ୍ରୀ କମ୍ ରହିଛି। ସେହିଭଳି ରାଜ୍ୟର ୧୦ ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବା ଜଣାଯାଇଛି। ସିମିଳିଗୁଡାରେ ୪.୬ ଡିଗ୍ରୀ, ଫୁଲବାଣୀ ୭.୨, ଦାରିଙ୍ଗୀବାଡି ୭.୫, ରାଉରକେଲା ୭.୬, ଚିପିଲିମା ୮, କିରେଇ ୮.୯ ଓ ଭବାନୀପାଟଣାରେ ୯ ଡିଗ୍ରୀ ରେକର୍ଡ ହୋଇଛି। ଗତ ୨୪ ଘଣ୍ଟାରେ ଫୁଲବାଣୀରେ ଘନ କୁହୁଡି ଦେଖାଦେଇଥିବାବେଳେ ରାଉରକେଲା, ଭବାନୀପାଟଣା, ଝାରସୁଗୁଡାରେ ସାମାନ୍ୟରୁ ମଧ୍ୟମ କୁହୁଡି ଦେଖାଯାଇଥିଲା। ମଙ୍ଗଳବାର ଓ ବୁଧବାର ଦୁଇଦିନ ପାଇଁ ସୁନ୍ଦରଗଡ଼, କନ୍ଧମାଳ ଜିଲାର ବିଭିନ୍ନ ସ୍ଥାନରେ ଘନ କୁହୁଡି ଏବଂ ସୁନ୍ଦରଗଡ, ଅନୁଗୋଳ ଓ ଝାରସୁଗୁଡାରେ ପ୍ରବଳ ଶୀତ ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି ହୋଇଛି। ୧୨ ତାରିଖ ଯାଏ ରାଜ୍ୟର ବିଭିନ୍ନ ଜିଲାରେ ପ୍ରବଳ ଶୀତ ନେଇ ପୂର୍ବାନୁମାନ କରାଯାଇଛି ବୋଲି ପାଣିପାଗ ବିଜ୍ଞାନୀ ସଞ୍ଜୀବ ଦ୍ୱିବେଦୀ ସୂଚନା ଦେଇଛନ୍ତି।

# ସୁନା ବିସ୍କୁଟ୍ ଲୋଭ ଦେଖାଇ ୪ ଲକ୍ଷ ଠକେଇ: ୬ ଗିରଫ

## ୩ ଲକ୍ଷ ସହ ୫ ମୋବାଇଲ, ୨ ବାଇକ୍ ଜବତ

ନୀଳଗିରି, ୮।୧୨(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଞ୍ଚଳରେ ସୁନା ବିସ୍କୁଟ ପ୍ରଲୋଭନ ଦେଖାଇ ପୁରୀ ବ୍ରହ୍ମଗିରି ଅଞ୍ଚଳର ଜଣେ ବ୍ୟକ୍ତିଙ୍କଠାରୁ ୪ଲକ୍ଷ ଟଙ୍କାର ଠକେଇ ହୋଇଥିଲା। ଏହି ଘଟଣାରେ ୬ ଅଭିଯୁକ୍ତଙ୍କୁ ସୋମବାର ନୀଳଗିରି ପୋଲିସ ଗିରଫ କରିଛି। ଅଭିଯୁକ୍ତମାନଙ୍କଠାରୁ ୩ ଲକ୍ଷ ୨୯ହଜାର ଟଙ୍କା ସହ ୫ ମୋବାଇଲ ଓ ୨ଟି ବାଇକ୍ ଜବତ ହୋଇଛି। ପୋଲିସ ନକଲି ସୁନା ବିସ୍କୁଟ ଖୋଜୁଛି। ଏହି ୬ ଅଭିଯୁକ୍ତ ହେଲେ ନୀଳଗିରି ଥାନା ଈଶ୍ୱରପୁର ଫାଣ୍ଡି, ନୀଳଗିରି, ରେମୁଣା ଓ ସୋର ଥାନା ଅଞ୍ଚଳର।

ଏହି ଗ୍ରୁପ୍ ଅତି ଚତୁରତାର ସହ ଅସଲି ସୁନାକୁ ଦେଖାଇ ନକଲି ସୁନା ବେପାର କରୁଥିଲା। ଅସଲି ସୁନା ବିସ୍କୁଟ ବିକ୍ରି ପ୍ରଲୋଭନରେ କିଛିଦିନ ପୂର୍ବରୁ ପୁରୀ ଜିଲା ବ୍ରହ୍ମଗିରି ଅଞ୍ଚଳର ଜଣେ ଶିକ୍ଷକଙ୍କ ସହ ଯୋଗାଯୋଗ ହୋଇଥିଲା। ପରେ ବ୍ରହ୍ମଗିରି ଅଞ୍ଚଳର ଶିକ୍ଷକ ଜଣଙ୍କ ତାଙ୍କ ସମ୍ପର୍କୀୟ ଶାଳକଙ୍କୁ ପଠାଇ ସୁନାର ଗୁଣ୍ଡ ନେଇଥିଲେ। ଏହି ସୁନା ଗୁଣ୍ଡ ଯାଞ୍ଚ ପରେ ଅସଲି ୨୨କ୍ୟାରେଟ୍ ଜାଣିବା ପରେ ସୁନା ବିସ୍କୁଟ ଶସ୍ତାରେ କିଣିବାର ଆଶା ବଢ଼ିଥିଲା। ସୁନା ବିସ୍କୁଟ ବିକ୍ରିର ବିଶ୍ୱାସ ଜନ୍ମାଇବା ପରେ କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ଡିଲ୍ ହୋଇଥିଲା। ଶସ୍ତାରେ ସୁନା ବିସ୍କୁଟ କିଣିବା ପାଇଁ ରବିବାର ସକାଳେ ବ୍ରହ୍ମଗିରି ଅଞ୍ଚଳର ଶିକ୍ଷକ ଓ ତାଙ୍କ ଶାଳକ ନିଜ ମାରୁତି କାର୍(ନଂ. ଓଡ଼ି୩୩ଡ଼ି–୪୯୮୮)ରେ ନଗଦ ୪ଲକ୍ଷ ଟଙ୍କା ଧରି ସନ୍ତରାଗଡ଼ିଆ ବଜାର ଅଞ୍ଚଳରେ ପହଞ୍ଚି ବିକ୍ରେତାଙ୍କ ସହ ଯୋଗାଯୋଗ କରିଥିଲେ। ସୁନା ବିକ୍ରେତା ଯୁବକମାନେ ପୂର୍ବ ପ୍ରସ୍ତୁତି ଅନୁସାରେ ଅତି ଚତୁରତାର ସହ ଈଶ୍ୱରପୁର ଫାଣ୍ଡି ଅଧୀନ ଏକ ନିଛାଟିଆ ଜାଗାକୁ ଡକାଇଥିଲେ। ଆସିଥିବା ଶାଳକ ଭିଣୋଇଙ୍କ ବ୍ୟାଗ୍‌ରେ ରଖିଥିବା ୪ଲକ୍ଷ ଟଙ୍କା ଖୋଲୁଥିବା ବେଳେ ଅନ୍ୟ ୪ଜଣ ଦୁଇଟି ବାଇକ୍‌ରେ ନକଲି ପୋଲିସ ବେଶରେ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଧମକ ଚମକ ଦେବା ସହ ନଗଦ ୪ଲକ୍ଷ ଟଙ୍କା ଓ ଶାଳକ ପିନ୍ଧିଥିବା ଏକ ସୁନାଚେନକୁ ନେଇ ୬ଜଣ ଯାକ ଫେରାର ହୋଇଯାଇଥିଲେ। ଶେଷରେ ସମ୍ପୃକ୍ତ ବ୍ୟକ୍ତି ନିରୁପାୟ ହୋଇ ରବିବାର ରାତିରେ ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଏକ ମାମଲା (ନଂ.୫୨୦/୨୫) ରୁଜୁ କରିଥିଲା। ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ ହୋଇ ଖୋଳତାଡ଼ ଆରମ୍ଭ ହୋଇଥିଲା। ରାତିତମାମ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ମାଷ୍ଟରମାଇଣ୍ଡ ସହ ୫ଜଣ ସହଯୋଗୀଙ୍କୁ ପୋଲିସ ଗିରଫ କରିଛି। ଅନ୍ୟପକ୍ଷେ ପୁରୀ ବ୍ରହ୍ମଗିରି ଅଞ୍ଚଳର ଶିକ୍ଷକତା କରୁଥିବା ଭିଣୋଇ ଓ ତାଙ୍କ ଶାଳକଙ୍କୁ ମଧ୍ୟ ପୋଲିସ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି।



## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ଫର୍ମ ପୂରଣ: ଆଉ ୩ ଦିନ ବଢ଼ିଲା

କଟକ,୮।୧୨(କାର୍ତ୍ତିକ ସାହୁ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ୨୦୨୬ ନିମନ୍ତେ ଅନ୍‌ଲାଇନରେ ଫର୍ମ ପୂରଣ ପାଇଁ ଆଉ ୩ ଦିନ ଅଧିକ ସମୟ ବଢ଼ାଇ ଦିଆଯାଇଛି। ସମଗ୍ର ରାଜ୍ୟରୁ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କ ଅନୁରୋଧକ୍ରମେ ପୁଣି ଡିସେମ୍ବର ୮ରୁ ୧୦ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ଅନ୍‌ଲାଇନ୍ ଫର୍ମ ପୂରଣ ପାଇଁ ସୁଯୋଗ ଦିଆଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ www.bseodisha.ac.in ଓ www.oav.edu.inରେ ଉପଲବ୍ଧ ଲିଙ୍କ୍‌ରେ ଫର୍ମ ପୂରଣ କରାଯିବ। ଏହାପରେ ଅବଧି ଆଉ ବଢ଼ାଯିବ ନାହିଁ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ମଙ୍ଗଳବାର ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଉତ୍କଳ ସମ୍ମିଳନୀ ପକ୍ଷରୁ କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ପାଳନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସକାଳ ୯ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୭ମ ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ସନ୍ଧ୍ୟା ୬ଟା।

**କଟକ**
- ରଘୁନାଥ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନ, ସ୍ଥାନ: ବିଦ୍ୟାଳୟ ପରିସର, ଦେଉଳସାହି, ସମୟ: ମଧ୍ୟାହ୍ନ ୧୨ଟା ୧୫।
- କ୍ରିଏଟିଭ ଆର୍ଟିଷ୍ଟ ଗ୍ରୁପ୍ ପକ୍ଷରୁ ଚିତ୍ରଶିଳ୍ପୀ ବିଭୂତି କାନୁନଗୋଙ୍କ ୧୦୪ତମ ଜୟନ୍ତୀ ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ଅପରାହ୍ନ ୩ଟା।
- ଓଡ଼ିଶା ଲଳିତ କଳା ଏକାଡେମୀ ଓ କ୍ରିଏଟିଭ ଆର୍ଟିଷ୍ଟ ଗ୍ରୁପ୍ ପକ୍ଷରୁ ଚିତ୍ରଶିଳ୍ପୀ ବିଭୂତି କାନୁନଗୋଙ୍କ ୧୦୪ତମ ଜୟନ୍ତୀ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

**ବାଲେଶ୍ୱର**
- ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ ବାଲ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଉଗରପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ, ଖଇରା, ସମୟ: ସକାଳ ୯ଟା।
- ନାଟ୍ୟ ପରିଷଦର ବାର୍ଷିକ ଉତ୍ସବ, ସ୍ଥାନ: ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରତିଭା ସମ୍ମାନ ଓ ଗୁରୁ ସମ୍ବର୍ଦ୍ଧନା ଉତ୍ସବ-୨୦୨୫, ସ୍ଥାନ: ଇମାମୀ ଜଗନ୍ନାଥ ମନ୍ଦିର ପରିସର, ବାଲଗୋପାଳପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

**ଭଦ୍ରକ**
- ଓଡ଼ିଶା ଶିକ୍ଷା ବିକାଶ ପରିଷଦ ପକ୍ଷରୁ ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ମଠଡିହ ତଥାସ୍ତୁ ଶିଶୁ ବିଦ୍ୟାମନ୍ଦିର, ଆରଡ଼ି, ସମୟ: ସକାଳ ୯ଟା।
- କବିତା ପାଠୋତ୍ସବ ଓ ଆଲୋଚନାଚକ୍ର, ସ୍ଥାନ: ନୂଆବଜାର ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

**ମୟୂରଭଞ୍ଜ**
- ବ୍ଲକ୍‌ସ୍ତରୀୟ ଓଷ୍ଟା ଶିଶୁ ଉତ୍ସବ, ସ୍ଥାନ: ରିଜିଓନାଲ ଉଚ୍ଚ ବାଳିକା ବିଦ୍ୟାଳୟ, ପୁରୁଣା ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ମୟୂରଭଞ୍ଜ ମହୋତ୍ସବ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୫ଟା।
- ଆଦିବାସୀ ସୁପରଷ୍ଟାର କଳ୍ପନା ହାଁସଦାଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ: ମୟୂରଭଞ୍ଜ ମହୋତ୍ସବ ଛଉ ପଡ଼ିଆ, ବାରିପଦା, ସମୟ:ସନ୍ଧ୍ୟା ୭ଟା।

**ଅନୁଗୋଳ**
- କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା, ସ୍ଥାନ: ଆଠମଲ୍ଲିକସ୍ଥିତ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।

**ଜଗତ୍‌ସିଂହପୁର**
- ମଣି ମନ୍ଦିର ଟ୍ରଷ୍ଟ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ସକାଳ ୯ଟା।
- ଆନ୍ତର୍ଜାତିକ ଦୁର୍ନୀତି ନିବାରଣ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ବନ୍ଦର ଭିଜିଲାନ୍ସ ବିଭାଗ ସମ୍ମିଳନୀ କକ୍ଷ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ମଧୁସୂଦନପୁର, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।

**ନୟାଗଡ଼**
- ଘୋଡାଲାଗି ପର୍ବର ତ୍ରୟୋଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଘୋଡାଲାଗି ପର୍ବର ତ୍ରୟୋଦଶ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ଘୋଡାଲାଗି ପର୍ବର ତ୍ରୟୋଦଶ ଦିବସ, ସ୍ଥାନ: ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା୩୦।
- ମା' ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟର ୫ମ ଦିବସରେ ଚମ୍ପେଶ୍ୱର ବନାମ ଖଣ୍ଡପଡା, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ମହାଲକ୍ଷ୍ମୀ ପୂଜା ମହୋତ୍ସବର ଭସାଣି ଉତ୍ସବ, ସ୍ଥାନ:ଖଣ୍ଡପଡା ରଥଗଡା ଛକ, ସମୟ: ସଂଧ୍ୟା ୭ଟା ।
- ମହାଲକ୍ଷ୍ମୀ ପୂଜାର ଷଷ୍ଠ ଦିବସରେ ଚଣ୍ଡୀ ପ୍ରସାଦର ସମ୍ପୂର୍ଣ୍ଣ ମହାଭାରତ, ସ୍ଥାନ:ଖଣ୍ଡପଡା ବ୍ଲକ ବାଇଗୁଣିଆ, ସମୟ:ଅପରାହ୍ନ ୨ଟା।
- ସୁନାଖଳା ମହୋତ୍ସବର ୨ୟ ଦିବସ, ସ୍ଥାନ:ସିଟି ସ୍କୁଲ ପଡିଆ ସୁନାଖଳା, ସମୟ:ସଂଧ୍ୟା ୬ଟା।

**ରାୟଗଡ଼ା**
- ବ୍ଲକ୍‌ସ୍ତରୀୟ ଲୋକ ମହୋତ୍ସବ ଚଇତି-୨୦୨୫, ସ୍ଥାନ: କଲ୍ୟାଣସିଂହପୁର ରଥ ପଡିଆ, ସମୟ: ସକାଳ ୭ ଟା।

**କୋରାପୁଟ**
- ପରବ ନେଇ ଜିଲାସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଘାଟନ, ସ୍ଥାନ: କୋରାପୁଟ ସାଂସ୍କୃତିକ ପରିଷଦ ପରିସର, ସମୟ: ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ଦୁର୍ଗା ଚିତ୍ରକଳା ପ୍ରଦର୍ଶନୀ-୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ: ଗୁଜୁରାତି କଲୋନୀ ସ୍ଥିତ ବନ୍ଦନା ଆର୍ଟ କର୍ନର, ସମୟ: ପୂର୍ବାହ୍ନ ୧୦ଟା।
- ତୃତୀୟ ସମ୍ବଲପୁରୀ ବହି ହାଟ -୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- ସମ୍ବଲପୁରୀ ଧନୁଯାତ୍ରାର କଳାକାରମାନଙ୍କ ଅଭିନୟ ଅଭ୍ୟାସ କାର୍ଯ୍ୟକ୍ରମ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା ।

**ବଲାଙ୍ଗୀର**
- ବ୍ଲକସ୍ତରୀୟ ଯୁବ ମହୋତ୍ସବ-୨୦୨୫, ସ୍ଥାନ: ବ୍ଲକ ପରିସର, ଲୋଇସିଂହା, ସମୟ: ପୂର୍ବାହ୍ନ ୧୦ଟା।

**ରାଉରକେଲା**
- ସାଂସଦ ଖେଳ ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ଆଥ୍‌ଲେଟିକ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଆୟୁଷ କଲେଜ ଛାତ୍ରୀଛାତ୍ରଙ୍କ ଆମରଣ ଅନଶନ, ସ୍ଥାନ: ରାଉରକେଲା ହୋମିଓପ୍ୟାଥି କଲେଜ, ସମୟ: ସକାଳ ୯ଟା।
- ପଶ୍ଚିମାଞ୍ଚଳ ଏଆଇ ହାକାଥନ୍, ସ୍ଥାନ: ଏନ୍‌ଆଇଟି, ସମୟ : ସକାଳ ୯ଟା।
- ଦ୍ୱିଦିବସୀୟ ଆଧ୍ୟାତ୍ମିକ ସାଧନା ଶିବିର, ସ୍ଥାନ: ସେକ୍ଟର-୭ ଶିବାନନ୍ଦ ଆଶ୍ରମ, ସମୟ: ସକାଳ ୯ଟା।
- ପିଏମ୍ ଶ୍ରୀ ଶିକ୍ଷକ ତାଲିମ ଶିବିରର ଦ୍ୱିତୀୟ ଦିବସ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା।
- ଏକତ୍ର ଆୟୋଜିତ ଇସ୍ପାତ ନାଟ୍ୟ ମହୋତ୍ସବର ୮ମ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୧୫।

**ବରଗଡ଼**
- ଜିଲାସ୍ତରୀୟ ଯୁବ ଉତ୍ସବ ଉପଲକ୍ଷେ ଗଳ୍ପ, ପଦ୍ୟ ଲିଖନ ପ୍ରତିଯୋଗିତା, ସ୍ଥାନ: ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ,ବରଗଡ଼, ସମୟ: ସକାଳ ୯ଟା।
- ପଦ୍ମପୁର ଲୋକ ମହୋତ୍ସବର ସାଂସ୍କୃତିକ ଶୋଭାଯାତ୍ରା ଓ ବାଣିଜ୍ୟ ମେଳା, ସ୍ଥାନ: ଅଶୋକ ପଡ଼ିଆ ପଦ୍ମପୁର, ବରଗଡ଼, ସମୟ:ସକାଳ ୧୦ଟା।
- ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ, ସ୍ଥାନ: କଲ୍ୟାଣ ମଣ୍ଡପ, ଗାନ୍ଧିଛକ, ବରଗଡ଼, ସମୟ:ପୂର୍ବାହ୍ନ ୧୧ଟା।

**କଳାହାଣ୍ଡି**
- କଂଗ୍ରେସ ପକ୍ଷରୁ ଏସ୍‌ପି ଅଫିସ ଘେରାଉ, ସ୍ଥାନ: ଭବାନୀପାଟଣା ଏସ୍‌ପି ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଚାଷ ପ୍ରଣାଳୀ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ଜିଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ବୌଦ୍ଧ, ସମୟ: ୧୦ଟା ୩୦।

**ସୁବର୍ଣ୍ଣପୁର**
- ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ଶୁଭାରମ୍ଭ, ସ୍ଥାନ: ବିନିକା ବ୍ଲକର ସିଲାଟି ମାର୍କେଟ୍ ୟାର୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ-ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ୧୭ତମ ବିରାଟ ଧନୁଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ଲଖନା ଧନୁଯାତ୍ରା ପଡିଆ, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଶୁଭଚନ୍ଦ୍ର ପ୍ରଭାବରେ ପାରିବାରିକ ସ୍ଥିତି ଏବଂ କର୍ମକ୍ଷେତ୍ର ଭଲ ରହିବ। ପରିବାରର ଆବଶ୍ୟକତାକୁ ଅନୁଭବକରି ଇଚ୍ଛା ନ ଥାଇ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। ବନ୍ଧୁଙ୍କ ପରାମର୍ଶରେ ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆନୁଷ୍ଠାନିକ କାମରେ ଆଦର ଅଭ୍ୟର୍ଥନା ମିଳିବା ସାଙ୍ଗକୁ ପ୍ରଶଂସିତ ମଧ୍ୟ ହୋଇପାରନ୍ତି।

**ବୃଷ** ଦ୍ୱିତୀୟସ୍ଥ ବୃହସ୍ପତିଙ୍କ ଯୋଗୁ ଆଲୋଚନା ପରିସରରେ ଠିକ୍ ନିଷ୍ପତ୍ତି ନେବାରେ ସମର୍ଥ ହେବେ। କେତେକ କ୍ଷେତ୍ରରେ ବେପରୁଆ କାର୍ଯ୍ୟକଳାପ ସକାଶେ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ଅଭାବ ପୂରଣ ଦିଗରେ ଚେଷ୍ଟିତ ହେବେ। ବ୍ୟବସାୟିକ ସ୍ଥିତି ଏବଂ ପାରିବାରିକ ପରିସ୍ଥିତି ପ୍ରାୟତଃ ଭଲ ରହିବ।

**ମିଥୁନ** ଧନ ସ୍ଥାନରେ ଚନ୍ଦ୍ର ଅର୍ଥନୈତିକ ଅଭିବୃଦ୍ଧି ସହ ଲୋକସମ୍ପର୍କ ସୃଷ୍ଟିରେ ସହାୟକ ହୋଇପାରନ୍ତି। କିନ୍ତୁ କର୍ମସ୍ଥ ଶନିଙ୍କ କୁପ୍ରଭାବରୁ ନୀଚଜାତିର ବ୍ୟକ୍ତିବିଶେଷଙ୍କ ଦ୍ୱାରା ଶତ୍ରୁତା ପ୍ରତିବନ୍ଧକର ସମ୍ମୁଖୀନ ହେବେ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**କର୍କଟ** ରାଶି ପ୍ରତି ଚନ୍ଦ୍ର ଓ ମଙ୍ଗଳଙ୍କ ସମ୍ପର୍କ ହେତୁ ସୁସ୍ଥ ରହିବା ସାଙ୍ଗକୁ କଳ୍ପନାବିଳାସୀ ହେବେ। ପାରିବାରିକ କ୍ଷେତ୍ର ବୁଝାମଣା ଭିତ୍ତିରେ ଶୃଙ୍ଖଳିତ ରହିବ ଏବଂ କର୍ମକ୍ଷେତ୍ରରେ ପ୍ରଶଂସିତ ମଧ୍ୟ ହେବେ। ପୂର୍ବ ସ୍ଥିରୀକୃତ ନୂତନ କର୍ମାରମ୍ଭ ପ୍ରତିପଦ ହେବ, ମାତ୍ର ସମସ୍ୟା ଛାଡ଼ିବ ନାହିଁ। ରାହୁ ଓ ରବିଙ୍କ ଦୁର୍ବଳତା ରାଜନୀତିରେ ବିବାଦୀୟ ପରିସ୍ଥିତି ସୃଷ୍ଟିକରିବ।

**ସିଂହ** ରବିଙ୍କ ଦୁର୍ବଳତା ଦୈହିକ ଦୁର୍ବଳତା ସାଙ୍ଗକୁ ଉପରିସ୍ଥ କର୍ମଚାରୀଙ୍କ ଦୋଷାରୋପ ମାନସିକ ଅସ୍ଥିରତା ସୃଷ୍ଟି କରିବ। ଅବଶ୍ୟ ଉଚ୍ଚାରୋହୀ ମଙ୍ଗଳଙ୍କ ପ୍ରଭାବରୁ ପାରିବାରିକ କ୍ଷେତ୍ର ଏବଂ ଜମିଜମା କାରବାର ବୃଦ୍ଧି ପାଇବ। ଶତ୍ରୁଠାରୁ ମଧ୍ୟ କାମ ହାସଲ କରିନେବେ। ବନ୍ଧୁଙ୍କ ସହାୟତାରେ ବିବାଦୀୟ ପରିସ୍ଥିତିକୁ ସଜାଡ଼ିନେବେ।

**କନ୍ୟା** ରାଶି ପ୍ରତି ଶନିଙ୍କ ଦୃଷ୍ଟି ଶାରୀରିକ ଓ ମାନସିକ ଅସ୍ଥିରତା ସାଙ୍ଗକୁ ନିରୁତ୍ସାହିତ କରିବ। ବନ୍ଧୁଙ୍କ ସହାୟତାରେ ଆର୍ଥିକ ସମସ୍ୟା ସୁଧାରିନେବେ। କର୍ମକ୍ଷେତ୍ର ସ୍ୱାଭାବିକ ରହିବ। ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ସହ ଅସୁବିଧା ଥିବା ଅନୁଭବ କରିବେ। ସେବା ଓ ସହଯୋଗ ମନୋଭାବରୁ ପ୍ରଶଂସିତ ହୋଇପାରନ୍ତି।

**ତୁଳା** ସପ୍ତମାଧିପତି ଧର୍ମଭାବକୁ ଦେଖୁଥିବାରୁ ବୈଷୟିକ ସୁଖସମ୍ପଦ ଓ ପ୍ରୀତିପ୍ରଦ ଜୀବନଯାତ୍ରା ପ୍ରଦାନ କରିବ। ସହକର୍ମୀଙ୍କ ଦ୍ୱନ୍ଦ୍ୱଯୁକ୍ତ କଥାକୁ ଆପଣ ଠିକ୍ ଭାବେ ବୁଝି ପାରିବେନାହିଁ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ହେତୁ ବ୍ୟସ୍ତତା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ କୌଣସି ସୁଯୋଗ ହରାଇ ମୁଣ୍ଡରେ ହାତ ଦେଇ ଅନୁତାପ କରିପାରନ୍ତି।

**ବିଛା** ରାଶିକୁ ବୃହସ୍ପତି ଦେଖୁଥିବାରୁ ଗଠନମୂଳକ ଚିନ୍ତାଧାରା ସାମାଜିକ ସମ୍ମାନ ପାଇବାରେ ସାହାଯ୍ୟ କରିବ। ଶନିଙ୍କ କୁପ୍ରଭାବରେ ନିଜ ପରିସରର ବ୍ୟକ୍ତିବିଶେଷ କୁତ୍ସାରଟନା କରିପାରନ୍ତି। ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇପାରେ। ଆଜିର ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତିଙ୍କ ସାହାଯ୍ୟ ସ୍ମରଣୀୟ ରହିବ।

**ଧନୁ** ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ଅନ୍ୟମାନଙ୍କ ମତକୁ ଉପେକ୍ଷାକରିବା ଠିକ୍ ନ ହୋଇପାରେ। ଉପରିସ୍ଥଙ୍କ ସହ ସୁସମ୍ପର୍କ ଥିବାରୁ ଖଳ ଲୋକଙ୍କ ପ୍ରାୟୋଜିତ ଅପମାନଜନକ ସ୍ଥିତିରୁ ଖସି ହେବେ। ଗୁରୁକ୍ଷେତ୍ରସ୍ଥ ଆନୁଷ୍ଠାନିକ କାମରେ ପ୍ରଶଂସିତ କରାଇବେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ଭିତରେ ରହିବାର ସୂଚନା ରହିଛି।

**ମକର** ସପ୍ତମାଧିପତିଙ୍କ ଶୁଭଦୃଷ୍ଟିରୁ ଅଟକି ରହିଥିବା ଅଭିଳାଷଟି ପୂରଣ ହେବାରୁ ଆନନ୍ଦ ଅନୁଭବ କରିବେ। ପାରିବାରିକ ସ୍ଥିତି କେତେକାଂଶରେ ଶାନ୍ତ ରହିବା ସାଙ୍ଗକୁ ବନ୍ଧୁମାନଙ୍କ ଆଦରଣୀୟ ହେବେ। ଜମିଜମା ବିବାଦ କ୍ରମଶଃ ଜଟିଳ ଆକାର ଧାରଣ କରିବା ସୂଚନା ରହିଛି। କର୍ମକ୍ଷେତ୍ରରେ ନିଜର ସୀମା ଭିତରେ ଜଗି ରଖି ଚଳିବା ଭଲହେବ।

**କୁମ୍ଭ** ସାମାନ୍ୟ ଥଣ୍ଡା ଲାଗି ରହିବା ହେତୁ ସ୍ୱାସ୍ଥ୍ୟ ବିଗିଡ଼ିବା ଆଶଙ୍କା ରହିଛି। ପାରିବାରିକ କ୍ଷେତ୍ରରେ ମୂଲ୍ୟହୀନ କଥାକୁ ଗୁରୁତ୍ୱଦେଇ ଶୋକାକୁଳ ରହିପାରନ୍ତି। କେତୁଙ୍କ କୁପ୍ରଭାବରୁ ବ୍ୟବସାୟିକ ସ୍ଥିତିର ଦୁରବସ୍ଥା ଦୁଶ୍ଚିନ୍ତାର କାରଣ ହୋଇପାରେ। ସନ୍ତାନଙ୍କ କୃତି ଓ କୃତିତ୍ୱ ଯୋଗୁ ଗୌରବାନ୍ୱିତ ହୋଇପାରନ୍ତି।

**ମୀନ** ଗୁରୁଙ୍କ ଶୁଭଦୃଷ୍ଟିରୁ କର୍ମକ୍ଷେତ୍ରରେ ପ୍ରତିଷ୍ଠାର୍ଜନ କରିପାରନ୍ତି। ସାହିତ୍ୟ, ଗବେଷଣା, ଆଲୋଚନା, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ସଭାସମିତିରେ କୌଣସି ପକ୍ଷକୁ ସମର୍ଥନକରି ବନ୍ଧୁମାନଙ୍କ ଦ୍ୱାରା ସମାଲୋଚିତ ହୋଇପାରନ୍ତି।

ଆଜି ଡିସେମ୍ବର ୯ ତାରିଖ, ବିଶ୍ୱ ରୋଗୀ ନିରାପତ୍ତା ଦିବସ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ, ପୌଷ କୃଷ୍ଣ ୫ମୀଯୁକ୍ତ ଷଷ୍ଠୀ ମଙ୍ଗଳବାର। ରାଶିନକ୍ଷତ୍ର-ଅଶ୍ଲେଷା/କର୍କଟ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୧୩ ମି. ଗତେ, ଘ.୦୬।୫୭ ମଧ୍ୟେ, ଘ.୦୮।୫୬ ଗତେ, ଘ.୧୧।୧୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୨୧ ମି. ଗତେ, ଘ.୦୩।୪୨ ମି. ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## କେନ୍ଦ୍ରୀୟ ଅନୁଦାନ...

ପୂର୍ବର ୨୪ବର୍ଷର ସରକାର କ'ଣ କଲେ ନ କଲେ ତା' ଉପରେ ମୁଁ କିମ୍ବା ଆପଣ କିଛି କହିବା ଆବଶ୍ୟକ ନାହିଁ। ନୀତି ଆୟୋଗ ପ୍ରମାଣପତ୍ର ଦେଇଛନ୍ତି, ପୂର୍ବ ସରକାର ରାଜ୍ୟକୁ ଆର୍ଥିକ ସୁପରିଚାଳନା, ବେକାରି ଦୂରୀକରଣ ଏବଂ ନିରନ୍ତର ବିକାଶ ଲକ୍ଷ୍ୟରେ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି। ୨୦୦୦ରେ ରାଜ୍ୟରେ ଦେବାଳିଆ ସ୍ଥିତି ଥିବାବେଳେ ପୂର୍ବ ସରକାର ଏକ ସୁଦୃଢ଼ ଅର୍ଥନୀତି ପ୍ରତିଷ୍ଠା କରିଥିଲେ।

ସେ କହିଥିଲେ, ୨୦୨୫ ଅକ୍ଟୋବର ସୁଦ୍ଧା କେନ୍ଦ୍ର ସରକାର ରାଜ୍ୟକୁ ମାତ୍ର ୧୮ ପ୍ରତିଶତ ଅର୍ଥ ଅନୁଦାନ ପ୍ରଦାନ କରିଛନ୍ତି। ୨୦୨୩-୨୪ରେ ବିଜେଡି ସରକାର ସମୟରେ କେନ୍ଦ୍ର ୨୧ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କାର ଅନୁଦାନ ଦେଇଥିବାବେଳେ ଅକ୍ଟୋବର ସୁଦ୍ଧା ଭାଜପା ସରକାର ସମୟରେ ୨୦୨୪-୨୫ରେ ମାତ୍ର ୧୭ହଜାର କୋଟି ଆସିଛି। ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନାଠାରୁ ଆରମ୍ଭ କରି ଆବାସ ଯୋଜନାରେ ପୂର୍ବବର୍ଷ ତୁଳନାରେ ନଗଣ୍ୟ ହାର ଅନୁଦାନ ମିଳିଛି। ପୂର୍ବ ସରକାର ସମୟରେ ଜିଏସ୍‌ଡିପି ୯ପ୍ରତିଶତ ଥିବାବେଳେ ଏବେ ଏହା ୭.୨ ପ୍ରତିଶତକୁ ଖସିଛି। କୃଷିରେ ୭.୩ ପ୍ରତିଶତକୁ ହ୍ରାସ ପାଇଥିବାବେଳେ ଶିଳ୍ପରେ ୮.୭ରୁ ୬.୧ ପ୍ରତିଶତକୁ କମିଛି। ସେବା କ୍ଷେତ୍ରରେ ମଧ୍ୟ ୧୧.୫%ରୁ ୧୦ପ୍ରତିଶତକୁ ହ୍ରାସ୍ ପାଇଛି। ପୂର୍ବ ସରକାର ଯେଉଁ ରାଜସ୍ୱ ସଂଗ୍ରହ କରୁଥିଲେ ଭାଜପା ସରକାର ସେଥିରେ ମଧ୍ୟ ସକ୍ଷମ ହୋଇପାରିନାହାନ୍ତି। ୨୦୨୩ରେ ୬.୯% ଥିବାବେଳେ ଏବେ ଏହା ୬.୨୩%କୁ ଖସିଛି। ଜିଏସ୍‌ଟି କ୍ଷେତ୍ରରେ ଦେଶରେ ଓଡ଼ିଶା ଅନ୍ୟାନ୍ୟ ରାଜ୍ୟଠାରୁ ପଛରେ ପଡ଼ିଛି। ରାଜ୍ୟ ସରକାର ଏହା ଉପରେ ଆତ୍ମ ସମୀକ୍ଷା କରନ୍ତୁ। ଖାଲି ଖର୍ଚ୍ଚ କଲେ ଚଳିବନାହିଁ, ସେହି ଅନୁପାତରେ ରୋଜଗାର ସୃଷ୍ଟି କରିବାର ରହିଛି ବୋଲି ପ୍ରସନ୍ନ କହିଥିଲେ।

ଆଲୋଚନାରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଭାଗ ନେଇ ଆଦିବାସୀଙ୍କୁ ସରକାରଙ୍କ ଅବହେଳାକୁ ନେଇ ଟାର୍ଗେଟ କରିଥିଲେ। ସେ କହିଥିଲେ, ସରକାର କେବଳ ଲୋକଦେଖାଣିଆ ବଜେଟ କରୁଛନ୍ତି। ମାତ୍ର ଠିକଣା ବାଟରେ ଖର୍ଚ୍ଚ କରିପାରୁ ନାହାନ୍ତି। ମେଡିକାଲରେ ଡାକ୍ତର ନ ଥିବାବେଳେ ବିଦ୍ୟାଳୟରେ ଶିକ୍ଷକ ନାହାନ୍ତି। ରାଜ୍ୟରେ ମା'ମାନେ ଅସୁରକ୍ଷିତ ରହିଛନ୍ତି। ଆଦିବାସୀମାନେ ନିର୍ଯ୍ୟାତିତ ହୋଇ ରହିଛନ୍ତି। ପେଷା ଆଇନ ସରକାର କାର୍ଯ୍ୟକାରୀ କରୁ ନାହାନ୍ତି। ରାଜ୍ୟରେ ୯୪ ପ୍ରତିଶତ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ ରହିଥିଲେ ହେଁ ସେମାନଙ୍କୁ ଶିକ୍ଷା କ୍ଷେତ୍ରରେ ଅଧିକାର ମିଳୁନାହିଁ କହି ସରକାରଙ୍କ ବଜେଟକୁ ବିରୋଧ କରିଥିଲେ।

ଅନ୍ୟପକ୍ଷରେ ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀ କହିଥିଲେ ଯେ, ଆମର ବରିଷ୍ଠ ସଦସ୍ୟ ଜୟନାରାୟଣ ମିଶ୍ର କହୁଛନ୍ତି ଯେ, ହୁଇସିଲ ମାରିଲେ ବିଜେଡି ଚୂନା ହୋଇଯିବ। ଏକଥା ଏବେ ଧୀରେ ଧୀରେ ସମସ୍ତେ ଜାଣିଗଲେଣି। ଯେଉଁଥିପାଇଁ ବାପା ବିଜେଡିରେ ପୁଅ ଏବେ ଆମ ଦଳରେ। ସେ ବିରୋଧୀଙ୍କ ଜବାବ ଦେଇ କହିଥିଲେ ଯେ, ସବୁ ଘରକୁ ବିଜୁଳି ଯୋଗାଇବାକୁ କହିଥିଲେ, ଶୀତଳ ଭଣ୍ଡାର ନିର୍ମାଣ କରିବେ ବୋଲି କହିଥିଲେ। ହେଲେ କୌଣସିଥିରେ ସରକାର ସଫଳ ହୋଇନାହାନ୍ତି। ଏପରିକି ଚାଷୀଙ୍କ ୧୦୦ଟଙ୍କାର ବୋନସ ଦେବାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସୋହେଲା ଚାଷୀ ସମାବେଶରେ ଘୋଷଣା କରି ପରେ ଭୁଲି ଯାଇଥିଲେ। ଶିକ୍ଷାର ରୂପାନ୍ତରୀଣ କେବଳ ଠିକେଦାରଙ୍କ ପୋଷିବା ପାଇଁ କରାଯାଇଥିଲା। ପୋଲି ରାଜନୈତିକ ଆକାଂକ୍ଷା ରଖି କାର୍ଯ୍ୟ କରୁଥିଲା। ବିଶ୍ୱରେ ନଗଡା ଓଡ଼ିଶାର ଚିତ୍ରକୁ ନଗ୍ନ କରିଥିଲା। ନୂଆପଡ଼ା ଉପନିର୍ବାଚନରେ ଏହା ପ୍ରମାଣିତ ହୋଇଛି। ଲୋକଙ୍କ ଆଶୀର୍ବାଦ ରହିଛି, ୫୦ବର୍ଷ ଯାଏ ହଟିବୁନି ବୋଲି କହି ଟଙ୍କଧର ବିରୋଧୀଙ୍କ ଉପରେ ବର୍ଷିଥିଲେ।

## ମାଲକାନଗିରି: ୨୪ ଘଣ୍ଟା...

ଏକାଠିହୋଇ ଜିଲାପାଳଙ୍କୁ ଭେଟିଛନ୍ତି। ମୃତ ମହିଳାଙ୍କ ମୁଣ୍ଡକୁ ଯଥାଶୀଘ୍ର ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ନେଇ ଆଦିବାସୀ ସଂଘ ଅଡ଼ି ବସିଛି। ସୋମବାର ରାଖେଲଗୁଡ଼ା ଗ୍ରାମବାସୀଙ୍କ ସମେତ ଆଦିବାସୀ ସମ୍ପ୍ରଦାୟର ଲୋକେ ଏମ୍‌ଭି-୨୬ ଗାଁରେ ପଶି ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିବା ସହ ୫୦ରୁ ଊର୍ଦ୍ଧ୍ୱ ଘରେ ନିଆଁ ଲଗାଇ ଜାଳିଦେଇଛନ୍ତି। ଜିଲାରେ ଶାନ୍ତି ବଜାୟ ରଖିବାକୁ ମାଲକାନଗିରି ଜିଲାରେ ସୋମବାର ସନ୍ଧ୍ୟା ୬ଟାରୁ ୨୪ ଘଣ୍ଟା ପାଇଁ ଇଣ୍ଟରନେଟ୍ ସେବା ବନ୍ଦ ସହ ବିଦେଶୀ ମଦଦୋକାନ ବନ୍ଦ ପାଇଁ ଜିଲାପାଳ ସୋମେଶ ଉପାଧ୍ୟାୟ ନିର୍ଦ୍ଦେଶ ଜାରି କରିଛନ୍ତି।

ସୋମବାର ସକାଳ ୯ ଟାରେ ରାଖେଲଗୁଡ଼ା ପୋଲ ନିକଟରେ ଥିବା ହାଟପଦାରେ ଆଦିବାସୀ ସମାଜ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଏକାଠି ହୋଇଥିଲେ। ଉକ୍ତ ପୋଲ ଉପରେ ଏସ୍‌ପିଙ୍କ ସମେତ ବହୁ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ମଧ୍ୟ ଆଦିବାସୀମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଏମ୍‌ଭି-୨୬ ଗାଁ ଅଭିମୁଖେ ବାହାରିଥିଲେ। ପୋଲିସର ବାରଣ ସତ୍ତ୍ୱେ ଉତ୍ତ୍ୟକ୍ତ ଲୋକେ ଏମ୍‌ଭି-୨୬ ଗାଁରେ ଘରେ ଘରେ ପଶି ଭଙ୍ଗାରୁଜା କରିବା ସହ ବହୁ ଆସବାବପତ୍ର, ଗାଡ଼ି, ମୋଟରସାଇକେଲ ସହ ଘରେ ନିଆଁ ଲଗାଇ ଦେଇଥିଲେ। ସୋମବାର ଏମ୍‌ଭି -୨୬ ଗାଁର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଘର ପୋଡ଼ି ନଷ୍ଟହେବା ସହ ବହୁ ଗାଡିମୋଟର, ଧାନ ଚାଉଳ ପୋଡ଼ି ନଷ୍ଟ ହୋଇଯାଇଛି। ଅଗ୍ନିଶମ ବିଭାଗ କର୍ମଚାରୀ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ସେହିପରି ଏମ୍‌ଭି- ୨୬ ଗାଁରେ ପୋଲିସ ଫ୍ଲାଗ୍ ମାର୍ଚ୍ଚ କରିବା ସହ ଗାଁ ଏବଂ ଆଖପାଖ ଅଞ୍ଚଳରେ ପୋଲିସ ଫୋର୍ସ ଏବଂ ବିଏସ୍‌ଏଫ୍ ଯବାନଙ୍କୁ ମୁତୟନ କରାଯାଇଛି।

ଅନ୍ୟପକ୍ଷେ ଜିଲାର ୨୧୪ଟି ଗ୍ରାମରୁ ପ୍ରାୟ ୪ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ସୋମବାର ଏମ୍‌ଭି- ୩ ରାଧାଗୋବିନ୍ଦ ମନ୍ଦିରରେ ଏକାଠି ହୋଇଥିଲେ। ସେଠାରେ ସେମାନେ ଏକ ବୈଠକ କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ନିଜର ସୁରକ୍ଷା ନେଇ ଦାବି ଜଣାଇଥିଲେ। ଆଗାମୀ ୨୪ ଘଣ୍ଟା ମଧ୍ୟରେ ସ୍ଥିତି ନିୟନ୍ତ୍ରଣ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେବା ସହ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଉଭୟ ଗୋଷ୍ଠୀଙ୍କୁ ଅନୁରୋଧ କରିଥିଲେ। ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ଏମ୍‌ଭି -୨୬ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ପରେ ରାଖେଲଗୁଡ଼ାଠାରେ ଆଦିବାସୀ ସମାଜ ପକ୍ଷରୁ ଆୟୋଜିତ ବୈଠକରେ ଯୋଗଦେଇଥିଲେ। ଏଭଳି ପରିସ୍ଥିତିରେ ଆଇନକୁ ହାତକୁ ନ ନେବା ପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ସନ୍ଧ୍ୟା ସୁଦ୍ଧା ସ୍ଥିତି ନିୟନ୍ତ୍ରଣ ଥିବାବେଳେ ଏମ୍‌ଭି -୨୬ ଗାଁର ଅଧିକାଂଶ ଲୋକ ଗାଁ ଛାଡ଼ି ଅନ୍ୟତ୍ର ଚାଲିଯାଇଛନ୍ତି। ଶାନ୍ତି ପାଇଁ ଜିଲା ପ୍ରଶାସନ ପକ୍ଷରୁ ୨ଗୋଷ୍ଠୀଙ୍କୁ ଡକାଯାଇ ଆଲୋଚନା କରାଯିବ ବୋଲି ଏସ୍‌ପି ବିନୋଦ ପାଟିଲ ସୂଚନା ଦେଇଛନ୍ତି।

## ବିଧାନସଭା ସରଗରମ...

ଦୁଇଟି ସମ୍ବେଦନଶୀଳ ଘଟଣା ଘଟିଲାଣି। ପୂର୍ବରୁ ଜଣେ ନାବାଳିକାଙ୍କୁ ୩ଜଣ ଗଣବଳାତ୍କାର କରିଥିବାବେଳେ ଏବେ ଦିନକ ପୂର୍ବରୁ ଜଣେ ମହିଳା ଧାନ କାଟିବାକୁ ବିଲକୁ ଯାଇଥିବାବେଳେ ୪ଜଣ ବ୍ୟକ୍ତି ତାଙ୍କୁ ବଳାତ୍କାର କରିବା ପରେ ଗଳାକାଟି ହତ୍ୟା କରିବା ଘଟଣା ଏବେ ତୀବ୍ର ରୂପ ନେଇଛି। ସେ କହିଛନ୍ତି, ଏତେବଡ଼ ଘଟଣା ଘଟିଥିଲେ ହେଁ ସେଠାରେ ଇଣ୍ଟେଲିଜେନ୍ସ କ'ଣ କରୁଛି? ପରିସ୍ଥିତି ଏପରି ହେଲା, ଦୁଇ ଗୋଷ୍ଠୀ ମୁହାଁମୁହିଁ ଓ ୫୦ ଘର ଜାଳି ପୋଡ଼ିବା ପର୍ଯ୍ୟନ୍ତ ଗଲାଣି। ହେଲେ ରାଜ୍ୟ ସରକାର ନିଘୋଡ଼ ନିଦ୍ରାରେ ଶୋଇଛନ୍ତି। ମାଲକାନଗିରିର ଅଘଟଣ ବିଷୟରେ ଗୃହ ବିଭାଗ ଜାଣି ନ ପାରିବା ଦୁର୍ଭାଗ୍ୟଜନକ। କେନ୍ଦ୍ର ସରକାର କହିଛନ୍ତି, ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କର। କିନ୍ତୁ ସେହି କେନ୍ଦ୍ର ସରକାର ବାଂଲାଦେଶୀ ମାନଙ୍କୁ ସେଠାରେ ରଖି ନ ଥିଲେ କି? ମୁଖ୍ୟମନ୍ତ୍ରୀ ଆଇନଶୃଙ୍ଖଳାକୁ ନେଇ ଗୃହରେ ଭୁଲ୍ ତଥ୍ୟ ଦିଅନ୍ତୁ ନାହିଁ। ତତ୍କ୍ଷଣାତ୍ ଘଟଣା ସ୍ଥଳକୁ ଯାଇ ତଦନ୍ତ କରି ରିପୋର୍ଟ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବାକୁ ସେ ଦାବି ରଖିଥିଲେ।

ଏହି ଆଲୋଚନାରେ ସ୍ୱର ମିଳାଇ କଂଗ୍ରେସ ବିଧାୟକ ମଙ୍ଗୁ ଖିଲ କହିଛନ୍ତି, ମହିଳାଟିଏ ବିଲକୁ ଧାନ କାଟିବାକୁ ଯାଉଛି କିନ୍ତୁ ତାଙ୍କୁ ବୀଭତ୍ସ ହତ୍ୟା କରାଯାଉଛି। ପରେ ଗୋଟେ ମିସିଂ କେସ୍ ରୁଜୁ ହେଲା କିନ୍ତୁ ଯେତେବେଳେ ମହିଳାଙ୍କୁ ଖୋଜାଖୋଜି କରାଗଲା ସେତେବେଳକୁ ତାଙ୍କର ମୃତଦେହ ମିଳୁଛି; ଯାହାକୁ ନେଇ ସେଠାରେ ବଡ଼ ଧରଣର ଗୋଷ୍ଠୀ ସଂଘର୍ଷ ଆରମ୍ଭ ହୋଇଛି। ବଙ୍ଗାଳୀ ଓ ଆଦିବାସୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଜାରି ରହିଛି। ତାକୁ କାହିଁକି ହାଲୁକା ଭାବରେ ପୋଲିସ ନେଉଛି। ଘଟଣା ପୂର୍ବରୁ ପୋଲିସ କାହିଁକି ଚୁପ୍ ବସିଥିଲା। ମୋ ମାଲକାନଗିରିର ଆଇନ ଶୃଙ୍ଖଳା ପ୍ରତି ମୁଖ୍ୟମନ୍ତ୍ରୀ ଧ୍ୟାନ ଦିଅନ୍ତୁ । କାହିଁକି ନା ଦିନକୁ ଦିନ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି ବୋଲି ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଥିଲେ।

## ବାରବାଟୀରେ ଭାରତ-ଦକ୍ଷିଣ...

ରହିଛି। ତେବେ ଏହି ଗ୍ରାଉଣ୍ଡରେ ଟି୨୦ ଫର୍ମାଟରେ ଭାରତୀୟ ଦଳ ମଧ୍ୟ ବିଜୟ ସ୍ୱାଦ ଚାଖିଛି। ୨୦୧୭ରେ ଶ୍ରୀଲଙ୍କା ବିପକ୍ଷରେ ଖେଳାଯାଇଥିବା ଏକ ଟି୨୦ ମ୍ୟାଚ୍‌କୁ ଭାରତ ୯୩ ରନର ବଡ଼ ବ୍ୟବଧାନରେ ଜିତିଥିଲା। କିନ୍ତୁ ଟିମ୍ ଇଣ୍ଡିଆ ଏଥର ଏହି ଗ୍ରାଉଣ୍ଡରେ ଦକ୍ଷିଣ ଆଫ୍ରିକା ବିପକ୍ଷ ରେକର୍ଡରେ ସୁଧାର ଆଣିବା ଲକ୍ଷ୍ୟରେ ରହିଛି।

ଟିମ୍ ଇଣ୍ଡିଆ ଏହି ମ୍ୟାଚ୍ ଲାଗି ଦଳରେ କୌଣସି ବିଶେଷ ପରିବର୍ତ୍ତନ କରିବ ନାହିଁ। ଏ ନେଇ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଦଳୀୟ ନେଟ୍ ସେଶନ ପୂର୍ବରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଭାରତୀୟ ଟେଷ୍ଟ ଓ ଦିନିକିଆ ଦଳର ଅଧିନାୟକ ଶୁବମନ ଗିଲ୍ ଦୀର୍ଘ ସମୟ ଧରି ସୋମବାର ନେଟ୍ସରେ ଝାଳ ବୁହାଇଥିଲେ। ଏହାର ଅର୍ଥ ସେ ଏବେ ବେକଜନିତ ସମସ୍ୟାରୁ ସମ୍ପୂର୍ଣ୍ଣ ମୁକୁଳି ସାରିଛନ୍ତି। ଇଞ୍ଜୁରି କାରଣରୁ ସେ ଦ. ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ ଓ ଦିନିକିଆ ସିରିଜ୍‌ରୁ ବାଦ୍ ପଡ଼ିଥିଲେ। ସୋମବାର ତାଙ୍କ ବ୍ୟାଟିଂ ପ୍ରାକ୍ଟିସରୁ ତାଙ୍କର ଖେଳିବା ନିଶ୍ଚିତ ମନେହେଉଛି। ତାଙ୍କ ବ୍ୟତୀତ ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି। ସେ ମଧ୍ୟ ଇଞ୍ଜୁରୀ କାରଣରୁ ଗତ ୨ ମାସ ହେଲା କ୍ରିକେଟରୁ ଦୂରେଇ ରହିଥିଲେ। ଉଭୟ ଖେଳାଳି ଏସିଆ କପ୍ ଚାମ୍ପିୟନ ଭାରତୀୟ ଦଳର ସଦସ୍ୟ ଥିଲେ। ତେବେ ଉଇକେଟକିପର ଭାବେ କିଏ ଖେଳିବ, ତାହାକୁ ନେଇ ପ୍ରଶ୍ନବାଚୀ ରହିଛି। ଦଳରେ ଉଇକେଟକିପର ଭାବେ ସଞ୍ଜୁ ସାମସନ ଓ ଜୀତେଶ ଶର୍ମା ସ୍ଥାନ ପାଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣଙ୍କୁ ହିଁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯିବ। ସାମସନ ଜଣେ ଟପ୍ ଅର୍ଡର ବ୍ୟାଟର ଭାବେ ନିଜକୁ ପ୍ରତିଷ୍ଠିତ କରାଇ ସାରିଛନ୍ତି। ହେଲେ ଦଳରେ ଗିଲ୍‌ଙ୍କ ଉପସ୍ଥିତି ଯୋଗୁ ତାଙ୍କୁ ଟପ୍ ଅର୍ଡରରେ ସ୍ଥାନ ମିଳିବାର ସମ୍ଭାବନା ନାହିଁ। ଏଣୁ ତାଙ୍କୁ ମିଡିଲ ଅର୍ଡର କିମ୍ବା ଲୋୟର ମିଡିଲ ଅର୍ଡରରେ ଖେଳିବାକୁ ପଡ଼ିବ। ଏହି ପୋଜିଶନରେ ତାଙ୍କୁ ସୁଯୋଗ ମିଳିଥିଲେ ହେଁ ସେ ଏ ପର୍ଯ୍ୟନ୍ତ କିଛି ଆଖିଦୃଶିଆ ପ୍ରଦର୍ଶନ କରିପାରି ନାହାନ୍ତି। ଅନ୍ୟପକ୍ଷରେ ଜୀତେଶ ଜଣେ ଲୋୟର ଅର୍ଡର ବ୍ୟାଟର ଏବଂ ମ୍ୟାଚ୍ ଫିନିଶ୍ କରିବାର ଦକ୍ଷତା ମଧ୍ୟ ତାଙ୍କ ପାଖରେ ରହିଛି, ଯାହା କି ତାଙ୍କ ସପକ୍ଷରେ ଯାଇପାରେ। ଏହା ବ୍ୟତୀତ ଦଳରେ ଟିମ୍ କମ୍ବିନେଶନକୁ ଅନ୍ୟ କୌଣସି ଚିନ୍ତା ନାହିଁ। ଟିମ ଇଣ୍ଡିଆ ଦୁଇ ପେସର, ଦୁଇ ସ୍ପିନର ଓ ଦୁଇ ଅଲରାଉଣ୍ଡରଙ୍କ ସହ ମ୍ୟାଚ୍‌କୁ ଓହ୍ଲାଇବ ବୋଲି ଆଶା କରାଯାଉଛି।

**ସମ୍ଭାବ୍ୟ ଭାରତୀୟ ଦଳ:** ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଅଭିଷେକ ଶର୍ମା, ଶୁବମନ ଗିଲ୍, ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ସଞ୍ଜୁ ସାମସନ/ଜୀତେଶ ଶର୍ମା (ଉଇକେଟକିପର), ଶିବମ ଦୁବେ, ଅକ୍ଷର ପଟେଲ/ୱାଶିଂଟନ ସୁନ୍ଦର, ଯଶପ୍ରୀତ ବୁମରା, ଅର୍ଶଦୀପ ସିଂ, କୁଲଦୀପ ଯାଦବ/ବରୁଣ ଚକ୍ରବର୍ତ୍ତୀ।

**ସମ୍ଭାବ୍ୟ ଦକ୍ଷିଣ ଆଫ୍ରିକା ଦଳ:** ଏଡେନ ମାରକ୍ରମ(ଅଧିନାୟକ), କ୍ୱିଣ୍ଟନ ଡି କକ୍, ରିଜା ହେଣ୍ଡ୍ରିକ୍ସ/ଟ୍ରିଷ୍ଟାନ ଷ୍ଟବ୍ସ, ଡେୱାଲ୍ଡ ବ୍ରେଭିସ, ଟୋନି ଡି ଜର୍ଜି, ଡେଭିଡ୍ ମିଲର, ମାର୍କୋ ଜାନସେନ, କର୍ବିନ ବୋଷ୍ଟ, କେଶବ ମହାରାଜ, ଲୁନ୍‌ଗି ଏନ୍‌ଗିଡି, ଏନରିଚ ନର୍କିଆ।

## ମ୍ୟାନେଜର ଦିଲ୍ଲୀରୁ ଗିରଫ...

ନାମରେ ମଧ୍ୟ ମାମଲା ରୁଜୁ ହୋଇଛି। ଗୌରବଙ୍କୁ ଗିରଫ କରିବାକୁ ପୋଲିସ ଉଦ୍ୟମ ଚଳାଇଥିବାବେଳେ ତାଙ୍କ ଖୋଜଖବର ମିଳୁନାହିଁ। ରବିବାର ମୁଖ୍ୟ ସାଧାରଣ ପରିଚାଳକ ରାଜୀବ ମୋଡକ, ସାଧାରଣ ପରିଚାଳକ ବିବେକ ସିଂ, ବାର୍ ମ୍ୟାନଜର ରାଜବୀର ସିଙ୍ଘାନିଆ ଏବଂ ଗେଟ୍ ମ୍ୟାନେଜର ପ୍ରିୟାଂଶୁ ଠାକୁରଙ୍କୁ ଗିରଫ କରାଯାଇଥିଲା। କୋର୍ଟରେ ହାଜର ପରେ ସେମାନଙ୍କୁ ୬ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

ଅଗ୍ନିକାଣ୍ଡ ଘଟଣାର ତଦନ୍ତ ପାଇଁ ଗୋଆ ସରକାର ୪ ଜଣିଆ ମାଜିଷ୍ଟ୍ରେଟସ୍ତରୀୟ ତଦନ୍ତ କମିଟି ଗଠନ କରିଛନ୍ତି। କେଉଁ କାରଣ ଏବଂ ପରିସ୍ଥିତିରୁ ଅଗ୍ନିକାଣ୍ଡ ଘଟିଲା କମିଟି ତାହାର ତଦନ୍ତ କରି ରିପୋର୍ଟ ଦେବ। ନାଇଟ୍ କ୍ଲବ୍‌ରେ ଆତସବାଜି କାର୍ଯ୍ୟ ବେଳେ ନିଆଁ ଲାଗିଯାଇଥିବା ଅଧିକାରୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

## ୪୨ବର୍ଷ ପରେ...

ଏହି ମାମଲାର ଶୁଣାଣି ହୋଇଥିଲା। ମୂର୍ତ୍ତିଗୁଡ଼ିକ ଗୋପାଳଜୀ ମନ୍ଦିରରେ ପୁନଃ ସ୍ଥାପନ ପାଇଁ କୋର୍ଟ ପରାମର୍ଶ ଦେଇଥିଲେ। ମାତ୍ର କୌଣସି କାରଣରୁ ମୂର୍ତ୍ତିଗୁଡ଼ିକ ସୁବର୍ଣ୍ଣପୁର ଫେରାଇ ଅଣାଯାଇ ପାରି ନ ଥିଲା। ତେବେ ବର୍ତ୍ତମାନର ଜିଲାପାଳ ଡ. ନୃପରାଜ ସାହୁ ଏହା ଜାଣିବା ପରେ ମୂର୍ତ୍ତିଗୁଡ଼ିକୁ ଫେରସ୍ତ ଆଣିବାକୁ ଉଦ୍ୟମ କରିଥିଲେ। ସୋନପୁର ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ଡ. ସୌମ୍ୟରୂପା ରଥ ଏନେଇ ଉଦ୍ୟମ ଜାରି ରଖିଥିଲେ। ମହନ୍ତ ବଂଶୀଧର ଦାସ, ଆଇନଜୀବୀ ଏବଂ ଅନ୍ୟ ଭକ୍ତଙ୍କ ସହଯୋଗରୁ ମୂର୍ତ୍ତିଗୁଡ଼ିକ ଦିନେ କିମ୍ବା ଦୁଇଦିନ ଭିତରେ ଗୋପାଳଜୀ ମନ୍ଦିରକୁ ଫେରିବା ସମ୍ଭାବନା ସୃଷ୍ଟି ହୋଇଛି।

## ଓଡ଼ିଶା ଯୋଜନାକୁ...

ମହାଜନଙ୍କ ସହ କୌଣସି ଯୋଗାଯୋଗ ହୋଇପାରିନାହିଁ। ଉପଜିଲାପାଳ ପ୍ରେମଲାଲ ହିଆଲଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ କୌଣସି ଖବର ଆସିନାହିଁ। କିନ୍ତୁ ପଟାଙ୍ଗି ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆଙ୍କ ସହ ଆଲୋଚନା କରି ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଲାଜୁକ ଷାଠିଆ**
**ପାନ ନାହିଁ ଗୁଆ ନାହିଁ**
**ଖାଲି ବଟୁଆ ।**

ଦିନହୀନ ଦରିଦ୍ର ବ୍ୟକ୍ତିଙ୍କ ପକ୍ଷେ ବଡ଼ ପଣିଆ ଶୋଭା ପାଇ ନ ଥାଏ। ନିଃସ୍ୱ ବ୍ୟକ୍ତି ଉପରକୁ ଚାକଚକ୍ୟ ଦେଖାଉଥିବା ଉପଲକ୍ଷେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅରଜେ ଜଣେ, ଖାଆନ୍ତି ପଣେ,**
**ତା' ଘରଟି ବୁଡ଼ଇ ଦିନେ।**

ଆଜିର ମହଙ୍ଗା ଯୁଗରେ ଜଣଙ୍କ ଉପାର୍ଜନରେ ଘର ଚଳାଇବା ଯେ କେତେ କଷ୍ଟକର ତାହା କେବଳ ଅନୁଭବୀ ହିଁ ଜାଣିଥାଏ। ଏପରିସ୍ଥଳେ ବହୁ କୁଟୁମ୍ବୀ ଘରେ ଜଣକ ଉପାର୍ଜନରେ ଅନ୍ୟମାନେ ପୋଷିହେଲେ ସେ ଘରେ ଆର୍ଥିକ ସମସ୍ୟା ଲାଗି ରହିବା ସହ ଘରର ଉନ୍ନତି ହୋଇପାରି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଘରକୁ ଡାକି ମହିଳାଙ୍କୁ ବଳାତ୍କାର

■ ସ୍ୱାମୀ ବଳାତ୍କାର କରୁଥିବାବେଳେ ସ୍ତ୍ରୀ କଲେ ଭିଡିଓ

■ ଚାପରେ ଅଭିଯୁକ୍ତଙ୍କୁ ଧରୁନି ପୋଲିସ

ପଡ଼ୋଶୀ ମହିଳାଙ୍କୁ ଚାଉଳ ଚୂନା କରିଦେବାକୁ କହି ଘରକୁ ଡାକିଲେ। ପରେ ସ୍ତ୍ରୀଙ୍କ ସହଯୋଗରେ ଉକ୍ତ ମହିଳାଙ୍କୁ ଘର ଭିତରେ ବଳାତ୍କାର କଲେ। ଏପରି କି ଅଭିଯୁକ୍ତ ବଳାତ୍କାର କରୁଥିବା ସମୟରେ ତାଙ୍କ ସ୍ତ୍ରୀ ଏହାର ଭିଡିଓ ଉତ୍ତୋଳନ କରିଥିଲେ। ଯେତେବେଳେ ଡାକିଲେ ଆସିବୁ, ନଚେତ୍ ଭିଡିଓ ଭାଇରାଲ୍ କରିଦେବାର ଧମକ୍ ଦେଲେ। ଏଭଳି ଏକ ଅଭାବନୀୟ ଘଟଣା ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ କଷାଫଳ ଗ୍ରାମରେ ଘଟିଛି। ଘଟଣାଟି ଗତ ୨୮ ତାରିଖରେ ଘଟିଥିବାବେଳେ ଏହାକୁ ଚପାଇ ଦେବାପାଇଁ ପୀଡ଼ିତା ମହିଳାଙ୍କ ଉପରେ ଚାପ ପକାଯାଇଥିଲା। ଏପରି କି ସମ୍ପୃକ୍ତା ମହିଳା ଗତ ୩ତାରିଖରେ ଏତଲା ଦେଇଥିଲେ ସୁଦ୍ଧା ପୋଲିସ ମାମଲା ରୁଜୁ କରି ନ ଥିଲା। ପରେ ବିଜେଡିର କେତେଜଣ ନେତା ପୋଲିସ ଡିଆଇଜିଙ୍କୁ ଭେଟି ଘଟଣା ସମ୍ପର୍କରେ କହିବା ପରେ ପୋଲିସ ଗତ ୬ତାରିଖରେ ବଳାତ୍କାର ମାମଲା ରୁଜୁ କରିଥିଲା। ହେଲେ ଅଭିଯୁକ୍ତ ଗଣେଶ ରଣାଙ୍କୁ ଗିରଫ କରୁନାହିଁ। ରାଜନୈତିକ ଚାପରେ ପୋଲିସ ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଥିବା କୁହାଯାଉଥିବାବେଳେ ପୀଡ଼ିତା ଜଣେ ପୂର୍ବତନ ବିଧାୟକଙ୍କ ପୁତୁରା ବୋହୂ ବୋଲି ଜଣାପଡ଼ିଛି।

ବାଲେଶ୍ୱର,୮।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସିଂଲା ଥାନା ସାର୍ଥା ଫାଣ୍ଡି ଅନ୍ତର୍ଗତ କଷାଫଳ ଗ୍ରାମର ଗଣେଶ ଗତ ୨୮ ତାରିଖରେ ସେହି ଗ୍ରାମର ଜଣେ ମହିଳାଙ୍କୁ ଚୂନା (ଚାଉଳ ଗୁଣ୍ଡ) କୁଟିବା ପାଇଁ ଘରକୁ ଡାକିଥିଲେ। ଗଣେଶଙ୍କ ସ୍ତ୍ରୀ ମଧ୍ୟ ଘରେ ଥିଲେ। ଏହି ସମୟରେ ସ୍ୱାମୀଙ୍କ ପାଖରେ ଉକ୍ତ ମହିଳାଙ୍କୁ ଶୋଇବା ପାଇଁ ଗଣେଶଙ୍କ ସ୍ତ୍ରୀ କହିଥିଲେ। ମହିଳା ଜଣକ ରାଜି ନ ହୋଇ ପଳାଇ ଆସୁଥିବାବେଳେ ସମ୍ପୃକ୍ତ ଦମ୍ପତି ଜୋରଜବରଦସ୍ତ ତାଙ୍କୁ ଅଟକାଇଥିଲେ। ମହିଳାଙ୍କୁ ଗଣେଶ ବଳାତ୍କାର କରୁଥିବା ସମୟରେ ସ୍ତ୍ରୀ ମୋବାଇଲରେ ଭିଡିଓ ଉତ୍ତୋଳନ କରିଥିଲେ। ପୁଣି ଥରେ ତାଙ୍କ ସହ ସମ୍ପର୍କ ରଖିବାକୁ କହିଥିଲେ। ନହେଲେ ଭିଡିଓ ଭାଇରାଲ୍ କରିଦେବେ ବୋଲି ଧମକ ଦେଇଥିଲେ। ଏନେଇ ମହିଳା ଜଣକ ସେହିଦିନ ସାର୍ଥା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ପୋଲିସ ମାମଲା ରୁଜୁ ନ କରି ମହିଳାଙ୍କୁ ଫେରାଇ ଦେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗତ ୬ ତାରିଖରେ ବିଜେଡିର ପୂର୍ବତନ ବିଧାୟକ ସ୍ୱରୂପ ଦାସ, ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ସୁକାନ୍ତ ନାୟକ ଓ ସୁଧାଂଶୁ ଶେଖର ପରିଡ଼ା ପ୍ରମୁଖ ପୂର୍ବାଞ୍ଚଳ ଡିଆଇଜି ମିଶ୍ରଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ପୋଲିସ ମାମଲା ରୁଜୁ ନ କରି ଚୁପ୍ ବସିଥିବା ଅଭିଯୋଗ କରିଥିଲେ। ଡିଆଇଜିଙ୍କ ନିର୍ଦ୍ଦେଶ କ୍ରମେ ଗତ ୬ ତାରିଖରେ ସିଂଲା ଥାନାରେ ଏକ ମାମଲା (ନଂ. ୨୮୬/୨୫) ରୁଜୁ ହୋଇଥିଲା। ଅପରପକ୍ଷରେ ଗଣେଶଙ୍କ ସ୍ତ୍ରୀ ମଧ୍ୟ ଥାନାରେ ପାଲଟା ଅଭିଯୋଗ କରିଥିଲେ। ମହିଳା ଜଣକ ତାଙ୍କ ସ୍ୱାମୀ ଗଣେଶଙ୍କ ସହ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିବା ଏବଂ ମହିଳାଙ୍କ ସ୍ୱାମୀ, ଦିଅର ମିଶି ମାରପିଟ୍ କରିବା ସହ ଘରେ ପଶି ଭଙ୍ଗାରୁଜା କରିବା ଏବଂ ସୁନା ମଙ୍ଗଳସୂତ୍ର ଓ ୨୦ହଜାର ଟଙ୍କା ନେଇଥିବା ଏତଲାରେ ଦର୍ଶାଇଥିଲେ। ଏନେଇ ଏକ ମାମଲା (ନଂ. ୨୮୭/୨୫) ରୁଜୁ ହୋଇଛି। ଅଭିଯୁକ୍ତ ଗଣେଶ ଫେରାର ଥିବାବେଳେ ଉଭୟପକ୍ଷର ଅନ୍ୟ ସମସ୍ତଙ୍କୁ ଥାନା ପକ୍ଷରୁ ନୋଟିସ୍ ଦିଆଯାଇଥିବା ପୋଲିସ କହିଛି। ଅପରପକ୍ଷରେ ଗଣେଶଙ୍କୁ ପୋଲିସ ରାଜନୈତିକ ଚାପରେ ଗିରଫ କରୁ ନ ଥିବା ଆଲୋଚନା ହେଉଛି।

# ୫ ଅଭିଯୁକ୍ତଙ୍କ ଚାର୍ଜଫ୍ରେମ୍, ୧୯ରେ ବିଚାର

## ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲା

ବ୍ରହ୍ମପୁର,୮।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ କରୁଥିବା ବେଳେ ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ-୨) ଆୟୁଷ୍ମାନ ମହନ୍ତଙ୍କ କୋର୍ଟରେ ଏହାର ବିଚାର ଚାଲିଛି। ସୋମବାର ଚାର୍ଜଫ୍ରେମ୍ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ଗିରଫ ପରଠାରୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ୫ ଅଭିଯୁକ୍ତ ପ୍ରମୋଦ ନାୟକ, କୁନାଲ ପ୍ରଧାନ, ବାବୁରାମ ଦଳାଇ, ଲକ୍ଷ୍ମଣ ପ୍ରଧାନ, ଦୀପକ ତରାଇଙ୍କୁ ପୋଲିସ କଡ଼ା ସୁରକ୍ଷାରେ ଆଣି କୋର୍ଟରେ ହାଜର କରିଥିଲା। ସେମାନଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ଯେଉଁସବୁ ଦଫା ଲଗାଇଛି ସେ ନେଇ ଜଜ୍ କହିଥିଲେ। ସେ ସବୁ ଚାର୍ଜଫ୍ରେମ୍ ହୋଇଛି ବୋଲି ଜଜ୍ ସେମାନଙ୍କୁ କହିଥିଲେ। ଆସନ୍ତା ୧୯ ତାରିଖରେ ପ୍ରଥମ ସାକ୍ଷୀ କୋର୍ଟରେ ହାଜର ହୋଇ ବୟାନ ରଖିବା ନିମନ୍ତେ କୋର୍ଟ ପକ୍ଷରୁ ଦିନ ଧାର୍ଯ୍ୟ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ତଥା କ୍ରାଇମବ୍ରାଞ୍ଚ ଡିଏସ୍‌ପି ସରିତା ମହାପାତ୍ର ସୂଚନା ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି କାଳୀ ଚରଣ ମିଶ୍ର ଏହି ମାମଲା ପରିଚାଳନା କରୁଛନ୍ତି।

ସୂଚନାଯୋଗ୍ୟ, ଗତ ଜୁନ୍ ୧୫ ସନ୍ଧ୍ୟାରେ ଯୁକ୍ତ ୩ ଶେଷବର୍ଷ ଛାତ୍ରୀଙ୍କୁ ଗୋପାଳପୁର ବେଳାଭୂମିରେ ତାଙ୍କ ପୁରୁଷବନ୍ଧୁଙ୍କ ଆଗରେ ଗଣବଳାତ୍କାର କରାଯାଇଥିଲା। ଏନେଇ ଅଭିଯୋଗ ପରେ ଗୋପାଳପୁର ଥାନା ପୋଲିସ ନଂ.୧୮୬/୨୫ରେ ମାମଲା ରୁଜୁ କରିଥିଲା। ଜୁନ ୧୬ରେ ୬ ଜଣ ସାବାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ୪ ନାବାଳକଙ୍କୁ ଧରି ଜୁଭେନାଇଲ ଜଷ୍ଟିସ୍ ବୋର୍ଡ (ଜେଜେବି)ରେ ହାଜର କରିଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ କ୍ରାଇମବ୍ରାଞ୍ଚ ଜୁନ୍ ୧୭ରେ ଉକ୍ତ ମାମଲାର ତଦନ୍ତ ଭାର ନେଇଥିଲା। ୪୪ ଦିନରେ କ୍ରାଇମବ୍ରାଞ୍ଚ ବ୍ରହ୍ମପୁର ଜେଏମଏଫସି (ଗ୍ରାମାଞ୍ଚଳ) ରିତିକା ଜେନା କୋର୍ଟରେ ୫୭୪ ପୃଷ୍ଠାର ଚାର୍ଜଶିଟ ଦାଖଲ କରିଥିଲେ। ସେଥିରେ ୫ଜଣ ସାବାଳକ ଯଥା ପ୍ରମୋଦ ନାୟକ, କୁନାଲ ପ୍ରଧାନ, ବାବୁରାମ ଦଳାଇ, ଲକ୍ଷ୍ମଣ ପ୍ରଧାନ, ଦୀପକ ତରାଇ ଓ ୪ ନାବାଳକଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। ଅନ୍ୟତମ ଅଭିଯୁକ୍ତ ଓମ୍ ପ୍ରଧାନଙ୍କୁ ଚାର୍ଜଶିଟରୁ କ୍ରାଇମବ୍ରାଞ୍ଚ ବାଦ୍ ଦେଇଥିଲା। ଓମ୍‌ଙ୍କୁ ମାମଲାରୁ ଡିସଚାର୍ଜ କରିବାକୁ ତାଙ୍କ ଓକିଲ ତଳ କୋର୍ଟ ଓ ପରେ ଜିଲା ଜଜକୋର୍ଟରେ ପିଟିଶନ ଦାଖଲ କରିଥିଲେ। ଏଠାରେ ତାହା ଖାରଜ ପରେ ହାଇକୋର୍ଟରେ ବିଚାରାଧୀନ ରହିଛି।

# ନକଲି ସୁନାଶଙ୍ଖ ସହ ୬ ଗିରଫ

## ଡକାୟତି ଉଦ୍ୟମ ପଣ୍ଡ କଲା ପୋଲିସ

ପାପଡ଼ାହାଣ୍ଡି,୮।୧୨(ସ୍ୱପ୍ନଜିତ ପଟ୍ଟନାୟକ)

ଜଙ୍ଗଲ ନିକଟରେ ଚାଲିଥିଲା ଡକାୟତି ଉଦ୍ୟମ, ଖବରପାଇ ମାଡ଼ି ବସିଲା ପୋଲିସ। ଘଟଣାସ୍ଥଳରୁ ୬ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତମାନଙ୍କଠାରୁ ଏକ ନକଲି ସୁନାଶଙ୍ଖ ସହ ଗୋଟିଏ କାର୍, ଅନେକ ମାରଣାସ୍ତ୍ର, ୯ ମୋବାଇଲ ଓ ନଗଦ ୧୪ହଜାର ୫୦୦ ଟଙ୍କା ମିଳିଥିବା ଏଏସ୍‌ପି ଆଦିତ୍ୟ ସେନ ସୋମବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ରାମ ଚାଲାଣ, ଗୋପାଳ ମାଝୀ, ଅସ୍ତୁ ମାଝୀ, କ୍ରିଷ୍ଣା ପନକା, ତ୍ରିପତି ବିନ୍ଧାଣି, ଉମେଶ ରାଜ ଭାରତୀ। ଫେରାର ଅଭିଯୁକ୍ତ ହେଲେ ବଳରାମ ହରିଜନ।



ଖବରଦାତା ସମ୍ମିଳନୀରେ ପୋଲିସ ଘଟଣା ଓ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଉଛନ୍ତି।

ପୋଲିସ ସୂଚନାନୁଯାୟୀ, ଶନିବାର ରାତିରେ ମୈଦଲପୁର ଥାନା ଅଧିକାରୀ ବିପିନ କୁମାର କୁଲଦୀପଙ୍କ ଟିମ୍ ମୈଦଲପୁରସ୍ଥିତ ନୀଳାଦ୍ରିଗୁଡ଼ା ନିକଟରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ କେତେଜଣ ଯୁବକ ମୈଦଲପୁର ଜଙ୍ଗଲରେ କାର୍ ରଖି କଥା ହେଉଥିବା ଦେଖି ପୋଲିସକୁ ସନ୍ଦେହ ହେବାରୁ ତାଙ୍କ ନିକଟରେ ପହଞ୍ଚି ପଚରାଉଚରା କରିଥିଲା। ଏହି ସମୟରେ ବଳରାମ ଘଟଣାସ୍ଥଳରୁ ଦୌଡ଼ିପଳାଇଥିଲେ। ଅନ୍ୟମାନଙ୍କୁ ପୋଲିସ କାବୁକରି ଯାଞ୍ଚ କରିବାବେଳେ ନକଲି ସୁନାଶଙ୍ଖ ସହ ମାରଣାସ୍ତ୍ର, ମୋବାଇଲ, ଟଙ୍କା ଆଦି ମିଳିଥିଲା। ପୋଲିସ ସେମାନଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଖବରଦାତା ସମ୍ମିଳନୀରେ ପାପଡ଼ାହାଣ୍ଡି ଏସ୍‌ଡିପିଓ ସତ୍ୟଜିତ କାଣ୍ଡେଲକେଲ, ଆଇଆଇସି ବିପିନ କୁମାର କୁଲଦୀପ, ଏଏସ୍‌ଆଇ କମଳ ଲୋଚନ ନାୟକ ଓ ଲୋକେଶ କୁମାର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ୬୮ ଲକ୍ଷର ବ୍ରାଉନସୁଗାର ଜବତ, ମା' ପୁଅ ଗିରଫ

କାମାକ୍ଷାନଗର, ୮।୧୨
(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଅବକାରୀ ବିଭାଗ ପକ୍ଷରୁ ରବିବାର ସନ୍ଧ୍ୟାରେ ମୁଣ୍ଡିଦେଉଳି ଅଞ୍ଚଳରେ ଚଢ଼ାଉ କରାଯାଇ ୬୮୦ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୬୮ ଲକ୍ଷ ଟଙ୍କା ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଏହି ଘଟଣାରେ ସଂପୃକ୍ତ ମା' ଓ ପୁଅଙ୍କୁ ଗିରଫ କରାଯାଇଛି। ଅନ୍ୟ ଜଣେ ପୁଅ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

ପ୍ରକାଶ ଯେ, କାମାକ୍ଷାନଗର ଥାନା କାଦୁଆ ପଞ୍ଚାୟତ ଗାଲୁକାଟେଣୀ ଗ୍ରାମର ମମତା ସାହୁ (୪୩) ଓ ତାଙ୍କ ପୁଅ ଆଶୁତୋଷ ମୁଣ୍ଡିଦେଉଳି ଅଞ୍ଚଳରେ ଏକ ଭଡ଼ା ଘର ନେଇ ବ୍ରାଉନସୁଗାର କାରବାର କରୁଥିଲେ। ଅବକାରୀ ବିଭାଗ ଓ ପୋଲିସକୁ ଚକ୍‌ମା ଦେଇ ଦୀର୍ଘଦିନ ଧରି ସେମାନେ ଏହି କାରବାର ଚଳାଇ ଆସୁଥିଲେ। ରବିବାର ସନ୍ଧ୍ୟାରେ ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବର ପାଇ ଡିଏସ୍‌ପି ସାଓ୍ୱନ କୁମାର ଭୋଳଙ୍କ ନେତୃତ୍ୱରେ କାମାକ୍ଷାନଗର ଅବକାରୀ ଥାନା ଅଧିକାରୀ ସୌରଭ ମିଶ୍ର, ଏସ୍‌ଆଇ ପୁରୁଷୋତ୍ତମ ମିଶ୍ର, ସୁନିତା କେରକେଟାଙ୍କ ସମେତ ଅନ୍ୟ କର୍ମଚାରୀମାନେ ଚଢ଼ାଉ କରିଥିଲେ। ସେମାନଙ୍କଠାରୁ ୬୮୦ ଗ୍ରାମର ବ୍ରାଉନସୁଗାର ଜବତ କରିବା ସହିତ ମା' ଓ ପୁଅଙ୍କୁ ଗିରଫ କରିଥିଲେ। ତେବେ ଏହି ବ୍ରାଉନସୁଗାର କେଉଁଠୁ ଆସୁଥିଲା ଓ କେଉଁଠାକୁ ଚାଲାଣ ହେଉଥିଲା ଏବଂ ଏହି କାରବାରରେ ରାଜ୍ୟ ବାହାର ବେପାରୀମାନଙ୍କ ସମ୍ପର୍କ ରହିଛି କି ନାହିଁ ସେ ନେଇ ଅବକାରୀ ବିଭାଗ ତଦନ୍ତ ଚଳାଇଛି।

# ବ୍ୟାଟ୍‌ରେ ଗଞ୍ଜେଇ ଚାଲାଣ, ୨ ବଙ୍ଗୀୟ ଯୁବକ ଗିରଫ

ବ୍ରହ୍ମପୁର, ୮।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜେଇ ଚାଲାଣକାରୀମାନେ ବିଭିନ୍ନ ଉପାୟରେ ସେମାନଙ୍କ କାରବାର ଚଳାଇଛନ୍ତି। ସୋମବାର ୨ ଯୁବକ କ୍ରିକେଟ ବ୍ୟାଟ ଭିତରେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଧରାପଡ଼ିଛନ୍ତି।

ଖୋର୍ଦ୍ଧା ଡିଭିଜନ ରେଳ ସୁରକ୍ଷା ବଳ (ଆର୍‌ପିଏଫ)ର ସ୍ପେଶାଲ ଟାସ୍କ ଫୋର୍ସ ଗୋଇନ୍ଦା ସୂଚନା ଆଧାରରେ ବ୍ରହ୍ମପୁର ରେଳ ଷ୍ଟେଶନ ଫୁଟ ଓଭର ବ୍ରିଜରେ ଛିଡା ହୋଇଥିବା ୨ ଯୁବକଙ୍କୁ କାବୁ କରିଥିଲା। ସେମାନେ ଧରିଥିବା ଅଖା ବସ୍ତାଗୁଡିକ ଯାଞ୍ଚ କରିବାରୁ ସେଥିରେ ୧୦ଟି କ୍ରିକେଟ ବ୍ୟାଟ, ୧୩ଟି ଏୟାର ବ୍ୟାଗ ଥିବା ଜଣାପଡିଥିଲା। ବ୍ୟାଟଗୁଡିକ କାଟିବା ବେଳେ ତାହା ଭିତରୁ ଗଞ୍ଜେଇ ମିଳିଥିଲା। ସେହିପରି ବ୍ୟାଗଗୁଡିକରେ ମଧ୍ୟ ଗଞ୍ଜେଇ ରହିଥିଲା। ସେଠାରୁ ମୋଟ ୧୭କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ପରେ ଉକ୍ତ ଟିମ୍ ଜିଆରପିରେ ଗଞ୍ଜେଇ ସହ ୨ ଅଭିଯୁକ୍ତଙ୍କୁ ଜିମା ଦେଇଥିଲା। ଅଭିଯୁକ୍ତ ଯୁବକ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦର ଅଲ୍ଲୀ ହୁସେନ(୨୨) ଓ ରୋନି ଶେଖ(୨୦)। ପୋଲିସକୁ ଦେଖି ରୋନି ରେଳବାଇ ଫୁଟ ଓଭରବ୍ରିଜ ଉପରୁ ଡେଇଁ ଆହତ ହୋଇଥିବର ସୂଚନା ମିଳିଛି। ସେମାନେ କନ୍ଧମାଳରୁ ଗଞ୍ଜେଇ ଆଣି କେରଳ ଚାଲାଣ କରୁଥିଲେ। ବିବେକ ଏକ୍ସପ୍ରେସ ଟ୍ରେନରେ ବ୍ରହ୍ମପୁରରୁ ଏର୍ନାକୁଲମ ଯିବା ପାଇଁ ସେକଣ୍ଡ କ୍ଲାସ ଏସିରେ ଟିକେଟ କରିଥିଲେ। ମାମଲା ନଂ. ୧୫୩/୨୫ରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

## Business

# ନଭେମ୍ବରରେ ଯାନ ବିକ୍ରି ବୃଦ୍ଧି

## ୨ ଚକିଆ ବିକ୍ରି ୩% ହ୍ରାସ

ଭୁବନେଶ୍ୱର,୮।୧୨

୨୦୨୫ ନଭେମ୍ବରରେ ଭାରତର ଅଟୋମୋବାଇଲ ରିଟେଲ ବିକ୍ରୟ ପାର୍ବଣ ଋତୁ ପରେ ମଧ୍ୟ ଭଲ ପ୍ରଦର୍ଶନ କରିଛି। ଯାନ ରେଜିଷ୍ଟ୍ରେଶନ ୨% ବୃଦ୍ଧି ପାଇ ୩୩ ଲକ୍ଷ ୟୁନିଟ୍‌ରେ ପହଞ୍ଚିଛି, ଯେଉଁଥିରେ ପାସେଞ୍ଜର୍ ଯାନ, ବାଣିଜ୍ୟିକ ଯାନ, ତିନି ଚକିଆ ଏବଂ ଟ୍ରାକ୍ଟର ସେଗ୍‌ମେଣ୍ଟରେ ଦୃଢ଼ ଚାହିଦା ଦେଖାଯାଇଛି। ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ(ଫାଡା) ତଥ୍ୟ ଅନୁସାରେ, ୨୦୨୪ ନଭେମ୍ବରରେ ୩୨,୩୧,୫୨୬ ୟୁନିଟ୍ ବିକ୍ରୟ ହୋଇଥିବାବେଳେ ଚଳିତବର୍ଷ ଏହା ୩୩,୦୦,୮୩୨ ୟୁନିଟକୁ ବୃଦ୍ଧି ପାଇଛି। ଫାଡା ଅଧ୍ୟକ୍ଷ ସି.ଏସ.ବିଘ୍ନେଶ୍ୱର କହିଛନ୍ତି, ଜିଏସ୍‌ଟି ହାରରେ ସଂଶୋଧନ ଏବଂ ଅରିଜିନାଲ ଇକ୍ୱିପମେଣ୍ଟ ମାନୁ୍ୟଫ୍ୟାକ୍ଚରର(ଓଇଏମ୍)-ଡିଲର ଅଫରଗୁଡ଼ିକ ଗ୍ରାହକମାନଙ୍କୁ ଗାଡ଼ି କିଣିବାକୁ ଉତ୍ସାହିତ କରିଛି। ପାସେଞ୍ଜର୍ ଯାନ ସେଗମେଣ୍ଟରେ ୨୦% ବୃଦ୍ଧି ହୋଇଛି। ଗତବର୍ଷ ୩,୨୯,୨୫୩ ୟୁନିଟ୍ ବିକ୍ରି ହୋଇଥିବାବେଳେ ଏବର୍ଷ ୩,୯୪,୧୫୨ ୟୁନିଟ୍ ରେଜିଷ୍ଟ୍ରେଶନ ହୋଇଛି। ମାତ୍ର ୨ ଚକିଆ ବିକ୍ରୟ ୩% ହ୍ରାସ ପାଇଛି ଅର୍ଥାତ୍ ୨୫,୪୬,୧୮୪ ୟୁନିଟ୍ ବିକ୍ରି ହୋଇଛି। ବାଣିଜ୍ୟିକ ଯାନ ରେଜିଷ୍ଟ୍ରେଶନ ୨୦% ବୃଦ୍ଧି ପାଇ ୯୪,୯୩୫ ୟୁନିଟ ହୋଇଛି। ୩ ଚକିଆ ରିଟେଲ ୨୪% ବୃଦ୍ଧି ପାଇ ୧,୩୩,୯୫୧ ୟୁନିଟ୍ ଏବଂ ଟ୍ରାକ୍ଟର୍ ୫୭% ବୃଦ୍ଧି ପାଇ ୧,୨୬,୦୩୩ ୟୁନିଟ୍ ହୋଇଛି। ଗ୍ରାମ୍ୟ ଅର୍ଥନୀତିରେ ସୁଧାର ଯୋଗୁ ଆଗାମୀ ମାସର ଆଉଟଲୁକ ସକାରାତ୍ମକ ରହିଛି। ଆଗାମୀ ତିନି ମାସରେ ଜିଏସ୍‌ଟି ୨.୦ର ଟ୍ୟାକ୍ସ ରେସନାଲାଇଜେଶନ, ଦୃଢ଼ ଏନ୍‌କ୍ୱାରି ପାଇପଲାଇନ ଏବଂ ଗ୍ରାମ୍ୟ ଅର୍ଥନୀତିର ସୁଧାର ଯୋଗୁ ଅଟୋ ରିଟେଲ ସେକ୍ଟରରେ ତୀବ୍ରତା ବଜାୟ ରହିବ। ଏଥିରେ ୭୪% ଡିଲର ବୃଦ୍ଧିର ଆଶା କରୁଛନ୍ତି। ଜାନୁଆରୀରେ ଯାନଗୁଡ଼ିକର ମୂଲ୍ୟ ବୃଦ୍ଧିର ଆଶଙ୍କା ଅଛି । ମାତ୍ର ୨୦୨୬ର ନୂଆ ମଡେଲ ଲଞ୍ଚ, ବିବାହ ଋତୁ ଏବଂ ଗ୍ରାମ୍ୟ ବଜାରରେ ଫସଲ ବିକ୍ରୟରୁ ଲିକ୍ୱିଡିଟି ଯୋଗୁ କନଭରସନରେ ଆହୁରି ତୀବ୍ରତା ଆସିବାର ଆଶା କରାଯାଉଛି।

# ରେଳଷ୍ଟେଶନରେ ବନ୍ଦ ହେବ ଅନଧିକୃତ ବ୍ୟବସାୟ

ଭୁବନେଶ୍ୱର,୮।୧୨(ଅନୁରାଧା ମହାରଣା)



ଖୋର୍ଦ୍ଧା ରୋଡ ରେଳମଣ୍ଡଳ ପରିସୀମା ମଧ୍ୟରେ ବିଭିନ୍ନ ଷ୍ଟେଶନ ଏବଂ ଟ୍ରେନ୍‌ରେ ଖାଦ୍ୟ ଏବଂ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରୁଥିବା ଅନଧିକୃତ ବିକ୍ରେତାଙ୍କ କାର୍ଯ୍ୟକୁ ବନ୍ଦ କରିବା ପାଇଁ ଖୋର୍ଦ୍ଧା ରୋଡ ରେଳମଣ୍ଡଳ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି । ଭାରତୀୟ ରେଳ ଆଇନର ବ୍ୟବସ୍ଥା ଅନୁଯାୟୀ କଡ଼ାକଡ଼ି ଭାବରେ ପାଳନ କରି ଯାତ୍ରୀ ସୁରକ୍ଷା, ପରିଷ୍କାର ପରିଚ୍ଛନ୍ନତା ଏବଂ ସୁରକ୍ଷା ସୁନିଶ୍ଚିତ କରିବା ଏହି ଅଭିଯାନର ଲକ୍ଷ୍ୟ ରହିଛି। ଅନଧିକୃତ ବିକ୍ରେତାଙ୍କ କାର୍ଯ୍ୟ ଚିହ୍ନଟ କରିବା ପାଇଁ ବାଣିଜ୍ୟିକ କର୍ମଚାରୀଙ୍କୁ ସ୍ୱତନ୍ତ୍ର ଭାବରେ ନିୟୋଜିତ କରାଯାଇଛି। ସେମାନଙ୍କ ସହିତ ରେଳ ସୁରକ୍ଷା ବଳ (ଆରପିଏଫ୍) ଏବଂ ସରକାରୀ ରେଳ ପୋଲିସ (ଜିଆର୍‌ପି) କର୍ମଚାରୀମାନେ ମଧ୍ୟ ଏହି କାର୍ଯ୍ୟାନୁଷ୍ଠାନ ଅଭିଯାନରେ ଅଂଶଗ୍ରହଣ କରୁଛନ୍ତି । ଅନଧିକୃତ ବିକ୍ରେତା ପରିଚ୍ଛନ୍ନତା ପ୍ରତି ବାଧା ସୃଷ୍ଟି କରିବା ସହ ବିକ୍ରି କରୁଥିବା ଦ୍ରବ୍ୟର ଅଧିକ ମୂଲ୍ୟ ଓ ଗୁଣବତ୍ତା ଏବଂ ସମ୍ଭାବ୍ୟ ସୁରକ୍ଷା ସମସ୍ୟା ସମେତ ଅନେକ ଚିନ୍ତା ସୃଷ୍ଟି କରିଥାନ୍ତି । ରେଳ ଆଇନ ଅନୁଯାୟୀ, ଅପରାଧୀମାନେ ଦଣ୍ଡ ଏବଂ ଜରିମାନା ସହ ଦଣ୍ଡିତ ହୋଇପାରିବେ । ଏହି ଅଭିଯାନକୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଅନିଲ କୁମାର ଏସ୍ ନିଜେ ତଦାରଖ କରୁଛନ୍ତି ।

# ସ୍ୱଚ୍ଛ ଶକ୍ତି ପରିବର୍ତ୍ତନକୁ ଇରେଡ଼ାର ଗୁରୁତ୍ୱ



ଭୁବନେଶ୍ୱର,୮।୧୨

ପୁରୀରେ ଅନୁଷ୍ଠିତ ଗ୍ଲୋବାଲ ଏନର୍ଜି ଲିଡର୍ସ ସମ୍ମିଳନୀ ୨୦୨୫ରେ ଭାରତୀୟ ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି ଲିମିଟେଡ (ଇରେଡା)ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ଦାସ ଯୋଗଦେଇଥିଲେ। 'ଗ୍ରିନ୍ ଆଣ୍ଡ କ୍ଲିନ୍: ବାଲାନ୍ସିଂ ଇକୋଲଜି ଆଣ୍ଡ ଇକୋନମି' ଶୀର୍ଷକ ପ୍ୟାନେଲରେ ପ୍ରଦୀପ କହିଥିଲେ, ସବୁଜ ଶକ୍ତି କ୍ଷେତ୍ରକୁ ଫାଇନାନ୍ସ ପ୍ରଦାନ କରୁଥିବା ଇରେଡା ଦେଶରେ ୨.୭ ଲକ୍ଷ କୋଟି ଟଙ୍କା ମଞ୍ଜୁର ଓ ୧.୭ ଲକ୍ଷ କୋଟି ଟଙ୍କାକୁ ଆବଣ୍ଟନ କରିଛି। ଇସ୍ପାତ ଓ ଆଲୁମିନିୟମର ଏକ ପ୍ରମୁଖ ଉତ୍ପାଦନକାରୀ ଭାବେ ଧାତବ ରିସାଇକ୍ଲିଂ ଓ ଗ୍ରୀନ ହାଇଡ୍ରୋଜେନ ସମନ୍ୱୟ ସହ ସର୍କୁଲାର ବିନିର୍ମାଣ ହାସଲ କରିବାକୁ ଓଡ଼ିଶା ପ୍ରସ୍ତୁତ ଅଛି। ରପ୍ତାନି ପାଇଁ ପ୍ରିମିୟମ ସବୁଜ ଇସ୍ପାତ ଉତ୍ପାଦନକୁ ସକ୍ଷମ କରିବ ଓ ରାଜ୍ୟର ଜିଡିପିକୁ ବଢ଼ାଇବ। ଘୋଷଣା କରାଯାଇଥିବା ୭ ଏମଟିପିଏରୁ ଅଧିକ ଗ୍ରୀନ ଆମୋନିଆ କ୍ଷମତା ଓ ଅନେକ ଶିଳ୍ପ କ୍ଲଷ୍ଟର ସହ ସାରା ଓଡ଼ିଶାରେ ଗ୍ରୀନ ହାଇଡ୍ରୋଜେନକୁ ନେଇ ରହିଥିବା ବ୍ୟାପକ ସମ୍ଭାବନା ଉପରେ ସେ କହିଥିଲେ। ଓଡ଼ିଶାରେ ଏଜେନ୍ସି ପକ୍ଷରୁ ୨୪୦୦ କୋଟି ଟଙ୍କାରୁ ଅଧିକ ଆବଣ୍ଟନ କରାଯାଇଥିବା ବେଳେ ଜଳ, ସୌର, ଇଥାନଲ ଓ ବିନିର୍ମାଣ କ୍ଷେତ୍ରରେ ଏହାର ଲୋନ୍ ବୁକ୍ ୧୮୦୦ କୋଟି ଟଙ୍କା ରହିଛି। ମିଳିତ ହାଇଡ୍ରୋଜେନ ଭିତ୍ତିଭୂମି, ପ୍ଲଗ ଆଣ୍ଡ ପ୍ଲେ ଆର୍‌ଇ ପାର୍କ, ଆବଣ୍ଟିତ ସୋଲାର ପାଇଁ ଫାଇନାନ୍ସ ଓ ବିଦେଶୀ ମୁଦ୍ରା ଋଣକୁ ଏହାର ଗିଫ୍ଟ ସିଟି ସହାୟକ ସଂସ୍ଥା ଜରିଆରେ ପ୍ରଦାନ କରିବାକୁ ଇରେଡା ପ୍ରସ୍ତୁତ ରହିଛି।

# ସ୍ୱଦେଶ ଫ୍ଲାଗଶିପ ଷ୍ଟୋରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

## ନୀତା ଅମ୍ବାନୀଙ୍କ ସହ ଓଡ଼ିଶାରୁ ଗୁଞ୍ଜନଙ୍କ ଯୋଗଦାନ

ଭୁବନେଶ୍ୱର,୮।୧୨

ରିଲାଏନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ଓ ଅଧ୍ୟକ୍ଷା ନୀତା ଅମ୍ବାନୀ ମୁମ୍ବାଇର ଇରୋସରେ ସ୍ୱଦେଶ ଫ୍ଲାଗଶିପ ଷ୍ଟୋରରେ ଭାରତୀୟ କଳାକାର ଏବଂ କାରିଗରମାନଙ୍କୁ ସମ୍ମାନିତ କରିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ନୀତା ଅମ୍ବାନୀ ବହୁପିଢ଼ି ଧରି କଳା ସହିତ ଜଡ଼ିତ ହୋଇ ରହିଥିବା ସଫଳ ଓ ଶ୍ରେଷ୍ଠ ଜାତୀୟ ପୁରସ୍କାର-ବିଜେତା କାରିଗରମାନଙ୍କ ସହିତ ଯୋଗ ଦେଇଥିଲେ। ଏହି ଶ୍ରେଷ୍ଠ କାରିଗରମାନଙ୍କ ମଧ୍ୟରେ ଓଡ଼ିଶା ଇକତ୍ ବସ୍ତ୍ର ଶିଳ୍ପୀ ଓ ୨୦୨୪ରେ ଜାତୀୟ ପୁରସ୍କାର ବିଜୟିନୀ ଗୁଞ୍ଜନ ଜୈନ, ଟାଙ୍ଗାଇଲ ଏବଂ ଜାମଦାନୀ ବୁଣା ପାଇଁ ପ୍ରସିଦ୍ଧ ୨୦୨୧ରେ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ବୀରେନ ବସକ, ୨୦୧୯ରେ ଶିଳ୍ପୀ ଗୁରୁ ପୁରସ୍କାର ଏବଂ ୨୦୧୧ରେ ଜାତୀୟ ପୁରସ୍କାରରେ ସମ୍ମାନିତ ତାଞ୍ଜୋର ଚିତ୍ରଶିଳ୍ପୀ ଭି. ପନ୍ନିରସେଲଭମ, ସପ୍ତମ ପିଢ଼ିର ମିନିଏଚର ଚିତ୍ରଶିଳ୍ପୀ ଏବଂ ୨୦୧୪ରେ ଜାତୀୟ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶମ୍ଭି ବନ୍ଧୁ ଶର୍ମା, ପ୍ରସିଦ୍ଧ ପୈଠାନୀ ବସ୍ତ୍ର ଡିଜାଇନର ଓ ହସ୍ତତନ୍ତ ପୁନରୁଦ୍ଧାରକାରୀ ଘନଶ୍ୟାମ ସରୋଡ ପ୍ରମୁଖ ଉପସ୍ଥିତ ଥିଲେ।

# ଏଆଇ ମିଶନକୁ ଆମାଜନର ସମର୍ଥନ

ଭୁବନେଶ୍ୱର,୮।୧୨

ଭାରତ ସରକାରଙ୍କ ଏଆଇ ମିଶନକୁ ସମର୍ଥନ କରି ଆମାଜନ ପକ୍ଷରୁ ୨୦୩୦ ସୁଦ୍ଧା ସବୁ ଭାରତୀୟଙ୍କ ପାଖରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। କମ୍ପାନୀ ସ୍ଥାନୀୟ କ୍ଲାଉଡ୍ ଓ ଏଆଇ ଭିତ୍ତିଭୂମିରେ ୧୨.୭ ବିଲିୟନ ଡଲାର ନିବେଶ କରି ୧୫ ନିୟୁତରୁ ଅଧିକ କ୍ଷୁଦ୍ର ବ୍ୟବସାୟ ପାଖରେ ଏଆଇର ଲାଭ ପହଞ୍ଚିପାରିବ। ୨୦୩୦ ସୁଦ୍ଧା ୪ ନିୟୁତ ସରକାରୀ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଖରେ ଏଆଇ ସାକ୍ଷରତା ଓ କ୍ୟାରିୟର ସଚେତନତା ପହଞ୍ଚାଇବାକୁ ଯୋଜନା ରହିଛି। ଆମାଜନ ଇଣ୍ଡିଆର କଣ୍ଟ୍ରି ମ୍ୟାନେଜର ସମୀର କୁମାର କହିଛନ୍ତି, ଛୋଟ ବ୍ୟବସାୟୀ ଏଆଇକୁ ବ୍ୟବହାର କରି ପ୍ରଫେସନାଲ ଉତ୍ପାଦ ଲିଷ୍ଟିଂ କରିବେ, ସରକାରୀ ସ୍କୁଲର ଛାତ୍ର ନୂଆ କ୍ୟାରିୟର ବାଛିପାରିବେ ଓ ଗ୍ରାହକମାନେ ନିଜ ଭାଷାରେ ସପିଂ କରିପାରିବେ। ସ୍ଥାନୀୟ ଭାରତ ଏଆଇ ମିଶନର ସିଇଓ ଅଭିଷେକ ସିଂହ କହିଛନ୍ତି, ଶ୍ରେଣୀ ଗୃହରେ ଏଆଇକୁ ସମନ୍ୱିତ କରିବା କେବଳ ଏକ ଦକ୍ଷତା ଅଭିଯାନ ନୁହେଁ, ଏହା ରାଷ୍ଟ୍ର ଗଠନର ଉଦ୍ୟମ।


## ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ

ମଧ୍ୟମା ସଂସ୍କୃତ ପରୀକ୍ଷା, ୨୦୨୬ (ରେଗୁଲାର ଓ ଏକ୍ସ-ରେଗୁଲାର) ଦଶମ ଶ୍ରେଣୀର କାର୍ଯ୍ୟସୂଚୀ
ବିଜ୍ଞପ୍ତି ନଂ.2800/ (Exam.Conf.-II)/ ତା.3.12.2025 ରିଖ

No.N-229:ଏତଦ୍ୱାରା ରାଜ୍ୟର ସମସ୍ତ ସଂସ୍କୃତ ବିଦ୍ୟାଳୟ/ଟୋଲ୍‌ର ପ୍ରଧାନଶିକ୍ଷକ/ ପ୍ରଧାନଶିକ୍ଷୟିତ୍ରୀ, ପରୀକ୍ଷାର୍ଥୀ, ଅଭିଭାବକ ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ୨୦୨୬ ମସିହା ମଧ୍ୟମା ସଂସ୍କୃତ (ରେଗୁଲାର ଓ ଏକ୍ସ-ରେଗୁଲାର) ପରୀକ୍ଷା ତା.୧୯.୦୨.୨୦୨୬ ରିଖଠାରୁ ଆରମ୍ଭ ହୋଇ ତା. ୦୨.୦୩.୨୦୨୬ ରିଖ ପର୍ଯ୍ୟନ୍ତ ନିମ୍ନୋକ୍ତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ ।

| | |
|---|---|
| 19/02/2026 (Thursday) (09.00 am to 11.30 am) PAPER-IV (MOR/MHN) ମାତୃଭାଷା (ଓଡ଼ିଆ/ହିନ୍ଦୀ) MATRUBHASA (ODIA/HINDI) | 20/02/2026 (Friday) (09.00 am to 11.30 am) PAPER-I (VOD) ସଂସ୍କୃତ ବ୍ୟାକରଣ ଓ ଦର୍ଶନ (SANSKRUTA VYAKARANA 'O' DARSHAN) |
| 21/02/2026 (Saturday) (09.00 am to 11.00 am) PAPER-VIII (ENG) ଇଂରାଜୀ ENGLISH | 23/02/2026 (Monday) (09.00 am to 11.30 am) PAPER-II (SHA) ସଂସ୍କୃତ ସାହିତ୍ୟମ୍ (SANSKRUTA SAHITYAM) |
| 24/02/2026 (Tuesday) (09.00 am to 11.30 am) PAPER-III (KKJ/AVJ) ପ୍ରୟୋଗାତ୍ମକ ସଂସ୍କୃତ (PRAYOGATMAKA SANSKRUTA) (କର୍ମକାଣ୍ଡ ଓ ଜ୍ୟୋତିଷ କିମ୍ବା ଆୟୁର୍ବେଦ ଓ ଯୋଗ) | 25/02/2026 (Wednesday) (09.00 am to 11.00 am) PAPER-VI (GSC) ବିଜ୍ଞାନ (SCIENCE) |
| 27/02/2026 (Friday) (09.00 am to 11.00 am) PAPER-VII (SSC) ସାମାଜିକ ବିଜ୍ଞାନ (SOCIAL SCIENCE) | 02/03/2026 (Monday) (09.00 am to 11.15 am) PAPER-V (MTH) ଗଣିତ (MATHEMATICS) |

✓ VOD, SHA, KKJ/AVJ ଏବଂ MOR/MHN ବିଷୟଗୁଡ଼ିକରେ ୫୦ ମାର୍କର Subjective ପ୍ରଶ୍ନ ଏବଂ ୫୦ ମାର୍କର Objective (MCQ) ପ୍ରଶ୍ନ ଆସିବ ।

✓ MTH, GSC, SSC ଏବଂ ENG ବିଷୟଗୁଡ଼ିକରେ ୩୫ ମାର୍କର Subjective ପ୍ରଶ୍ନ ଏବଂ ୪୦ ମାର୍କର Objective (MCQ) ପ୍ରଶ୍ନ ଆସିବ ।
Objective (MCQ) ପ୍ରଶ୍ନର ଉତ୍ତର OMR Answer Sheetରେ ଏବଂ Subjective ପ୍ରଶ୍ନର ଉତ୍ତର ପ୍ରଶ୍ନ ସଂଲଗ୍ନ ଉତ୍ତର ଖାତାରେ ଦେବାକୁ ହେବ ।

OIPR-27004/11/0121/2526

ସ୍ୱା./-ସମ୍ପାଦକ

❝ ଇନ୍ଦ୍ରିୟମାନଙ୍କର କ୍ରିୟାକଳାପ ବା ପ୍ରାଣର ଆବେଗ କିମ୍ବା କାମନା ବାସନାଗୁଡ଼ିକୁ ଯଦି ଆମେ ପରିହାର ବା ଦମନ କରୁ – ତେବେ ଆମେ ସେଗୁଡ଼ିକୁ ନିରାମୟ କରିପାରିବା ନାହିଁ। ତା'ପରିବର୍ତ୍ତେ ଆମେ ଯଦି ସେଗୁଡ଼ିକୁ ବୁଦ୍ଧି ଓ ବିବେକ ଦ୍ୱାରା ଅନୁଶାସିତ ବା ପରିଶୀଳିତ କରୁ ବା ମାର୍ଜିତ କରୁ– ତା'ହେଲେ ସେମାନଙ୍କ ଉପଦ୍ରବରୁ ଆମେ ରକ୍ଷା ପାଇବା। –ଶ୍ରୀମା



# ନେହେରୁ ନୁହେଁ, ଭବିଷ୍ୟତକୁ ଦେଖ

'ବନ୍ଦେ ମାତରମ୍' ଭାରତର ଜାତୀୟ ଗୀତ ଭାବେ ଜଣାଶୁଣା। ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଦ୍ୱାରା ଏହା ରଚିତ ହୋଇଥିଲା। ୧୮୭୫ ନଭେମ୍ବର ୭ରେ ପ୍ରଥମେ 'ବଙ୍ଗଦର୍ଶନ' ସାହିତ୍ୟ ପତ୍ରିକାରେ ଏହା ପ୍ରକାଶ ପାଇଥିଲା। ୨୦୨୫ ନଭେମ୍ବର ୭ରେ ଏହାର ୧୫୦ ବର୍ଷ ପୂର୍ତ୍ତି ହେବା ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଦେଶବ୍ୟାପୀ ବର୍ଷସାରା ଏହା ପାଳନ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ସ୍ୱାଧୀନତା ସଂଗ୍ରାମକୁ ଏହି ଗୀତ ଶକ୍ତି ଦେଇଥିବାରୁ ସଂସଦରେ ଏହା ଉପରେ ୮ ଡିସେମ୍ବରରେ ବିତର୍କ ଆରମ୍ଭ ହୋଇଛି। ହେଲେ ପ୍ରାରମ୍ଭିକ ପର୍ଯ୍ୟାୟରୁ ଏହାକୁ ନେଇ ରାଜନୀତି ଜୋରଦାର ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ସ୍ୱାଧୀନତା ସମୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ସାମ୍ପ୍ରଦାୟିକ ସମ୍ବେଦନଶୀଳତାକୁ ମାନିନେଇଥିଲେ। ସେ ପୁଣି କହିଛନ୍ତି, ନେହେରୁ ଭାବୁଥିଲେ ଯେ, ବନ୍ଦେ ମାତରମ୍ ମୁସଲମାନଙ୍କୁ କ୍ରୋଧିତ କରିବ। ମହମ୍ମଦ ଅଲ୍ଲୀ ଜିନ୍ନା ବନ୍ଦେ ମାତରମ୍‌କୁ ବିରୋଧ କରୁଥିବାରୁ ନେହେରୁ ତାଙ୍କ ସହ ଏକମତ ହୋଇଥିଲେ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ବନ୍ଦେ ମାତରମ୍‌ର ମୂଳ 'ଆନନ୍ଦମଠ' ହୋଇଥିବାରୁ ମୁସଲମାନ ସମ୍ପ୍ରଦାୟକୁ ଏହା ଅପମାନିତ କରିବ ବୋଲି ଜିନ୍ନା ଆଶଙ୍କା ବ୍ୟକ୍ତ କରିବାରୁ ନେହେରୁ ତାଙ୍କ ସହ ସାଲିସ କରିଯାଇଥିଲେ ବୋଲି ମୋଦି କହିବା ପରେ ସଂସଦରେ ରାଜନୈତିକ ବାକ୍‌ବିତଣ୍ଡା ହୋଇଛି।

ଅନ୍ୟପଟେ ଆଜି ଏକବିଂଶ ଶତାବ୍ଦୀର ୨୫ ବର୍ଷ ପୂରିବାକୁ ଯାଉଛି। କେତେଦିନ ପର୍ଯ୍ୟନ୍ତ ଇତିହାସକୁ ଗାଳିଦେଇ କେବଳ ପଛକୁ ଦେଖିବା ତାହା ସାଧାରଣ ନାଗରିକଙ୍କୁ ମଧ୍ୟ ବ୍ୟସ୍ତ କଲାଣି । ନିଃସନ୍ଦେହରେ କୁହାଯାଇପାରେ ଯେ, ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଅନେକ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ନେଇଥିବେ। ଆଜିର ପ୍ରତ୍ୟେକ ଯୁବତୀଯୁବକ ତାଙ୍କର ନିଜର ମାତାପିତାଙ୍କୁ ଅମାନ୍ୟ କରିବା ସହିତ ସେମାନଙ୍କର ତ୍ରୁଟିକୁ ଧରି ପାରିବାରିକ ଅଶାନ୍ତି ସୃଷ୍ଟି କରୁଛନ୍ତି। ଏହା ହେଉଛି ମଣିଷ ଜାତିର ଏକ କ୍ଷୁଦ୍ର ଚରିତ୍ରର ପରିଚୟ। ଆଗୁଆ ଧାଡ଼ିର ନେତା, ଲେଖକ, ବୈଜ୍ଞାନିକ, କଳାକାର ଏବଂ ସାଧାରଣ ନାଗରିକ ଭାବେ ସେହିମାନେ ପରିଚିତ ହୁଅନ୍ତି, ଯେଉଁମାନେ ବିଗତ ଦିନଗୁଡ଼ିକର ଅନ୍ଧକାର, ଦୋଷତ୍ରୁଟିକୁ ପଛରେ ପକାଇ ନିଜ କାର୍ଯ୍ୟରେ ଭବିଷ୍ୟତକୁ ଗଢ଼ନ୍ତି। ଆଇନଷ୍ଟାଇନଙ୍କ ପୂର୍ବରୁ ତାଙ୍କ 'ଥିଓରି ଅଫ୍ ରିଲେଟିଭିଟି' ସମ୍ପର୍କରେ ଅନେକ ବୈଜ୍ଞାନିକ ଗବେଷଣା କରିଥିଲେ ମଧ୍ୟ କେହି ସ୍ପଷ୍ଟ ଆକାର ଦେଇ ତାହାର ଉଦ୍ଭାବନ କରିପାରି ନ ଥିଲେ। ତେବେ ଆଇନଷ୍ଟାଇନ କେବେ ହେଲେ ପୂର୍ବ ପଦାର୍ଥବିଜ୍ଞାନୀଙ୍କୁ ହୀନ ଭାବେ ଦର୍ଶାଇ ନ ଥିଲେ। ସେହିଭଳି ଭାରତୀୟ ବୈଜ୍ଞାନିକ ସି.ଭି. ରମଣ ଯେତେବେଳେ 'ରମଣ ଇଫେକ୍ଟ' ଅବିଷ୍କାର କଲେ ସେହି କ୍ଷେତ୍ରରେ ପୂର୍ବରୁ କାର୍ଯ୍ୟ କରୁଥିବା ବୈଜ୍ଞାନିକମାନଙ୍କୁ କୌଣସି ଜାଗାରେ ସମାଲୋଚନା କରିଥିବାର ପ୍ରମାଣ ନାହିଁ। ଭାରତର ଚଳଚ୍ଚିତ୍ର ଜଗତରେ ଏମ୍. ଜି. ରାମଚନ୍ଦ୍ରନ, ଦେବ ଆନନ୍ଦ, ଦିଲୀପ କୁମାର କିମ୍ବା ରାଜ କପୁର ତାଙ୍କର ନିଜସ୍ୱ ଶୈଳୀରେ ପରିଚିତ ହେବାକୁ ଚେଷ୍ଟା କରିଥିଲେ। ସେମାନଙ୍କ ପୂର୍ବରୁ ସେମାନଙ୍କ ମୁହଁରୁ ପୃଥ୍ୱୀରାଜ କପୁର କିମ୍ବା ଅନ୍ୟ କୌଣସି ପୁରୁଣା କଳାକାରଙ୍କ ବିରୋଧରେ ପଦୁଟିଏ ମଧ୍ୟ ଉଲ୍ଲେଖ କରିଥିବାର ପ୍ରମାଣ ମିଳେ ନାହିଁ। ଏହାପଛରେ ଗୋଟିଏ ମୁଖ୍ୟ କାରଣ ରହିଛି। ଉଦାହରଣ ସ୍ୱରୂପ, ନେହେରୁଙ୍କ ସମୟରେ ସ୍ୱାଧୀନତା ପାଇଥିବା ଭାରତରେ ଷ୍ଟିଲରୁ ଛୁଞ୍ଚିଟିଏ ତିଆରି ହେଉ ନ ଥିଲା। ୭୦ ବର୍ଷରୁ ଊର୍ଦ୍ଧ୍ୱ ସ୍ୱାଧୀନତା ପରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଭାରତ ଏହି ଦେଶର ନାଗରିକଙ୍କ ଶ୍ରମ ଓ ରକ୍ତରେ ଗଢ଼ିଉଠିଛି। ଆମ ଧାରଣାରେ କୌଣସି ଦେଶକୁ ରାଜନୈତିକ ନେତୃବୃନ୍ଦ ସୃଷ୍ଟି କରନ୍ତି ନାହିଁ। ଦେଶ ଗଠନର ପରିଶ୍ରମ ଚାଷୀ, ମଲିମୁଣ୍ଡିଆ, କାରଖାନା ଶ୍ରମିକ, ସୈନିକ, ବ୍ୟବସାୟୀ ଓ ଶିଳ୍ପପତିଙ୍କ ଭଳି ସାଧାରଣ ନାଗରିକ ତିଆରି କରନ୍ତି। ରାଜନେତାମାନଙ୍କ ମୁଖ୍ୟ କର୍ତ୍ତବ୍ୟ ହେଉଛି ଉଚ୍ଚକୋଟୀର ନୀତି ସୃଷ୍ଟି କରିବା ସହିତ ନିଜେ ନିଜ ଜୀବନକୁ ଅନୁକରଣ କଲାଭଳି ମଣିଷ ଭାବେ ସାବ୍ୟସ୍ତ କରିବା ଦରକାର। ଇତିହାସରୁ ଶିକ୍ଷା ନେବା ଉଚିତ। କିନ୍ତୁ ସବୁବେଳେ ଇତିହାସକୁ ସମାଲୋଚନା କରିବା ପରିବର୍ତ୍ତେ ଭବିଷ୍ୟତର ଦେଶ ଓ ଦେଶବାସୀଙ୍କ ଚରିତ୍ର ସୁଧାରିବା ହେବା କଥା ମୂଳ ଆହ୍ୱାନ।

ସଂସଦରେ ବନ୍ଦେ ମାତରମ୍‌ର ମାହାତ୍ମ୍ୟ ଉପରେ ଆଲୋଚନା କରାଯିବାର ସମୟ ସ୍ଥିର ହୋଇଥିବା ବେଳେ ତାହାକୁ ରାଜନୀତିକରଣ କରାଯିବା ଆଜିର ସ୍ଥିତିରେ ଏକ ଘୃଣ୍ୟ ପରମ୍ପରା ସୃଷ୍ଟି ହୋଇଛି ବୋଲି କୁହାଯାଇପାରେ। ନେହେରୁଙ୍କୁ ଭାଜପା ରାଷ୍ଟ୍ରନୀତିଜ୍ଞ ଭାବେ ମାନିବାକୁ ନାରାଜ। ଅବଶ୍ୟ ଏହା ଏକ ରାଜନୈତିକ ଦଳର ଆଦର୍ଶଗତ ଚିନ୍ତାଧାରା ହୋଇପାରେ। କିନ୍ତୁ ମୃତ୍ୟୁର ୬ ଦଶନ୍ଧି ପରେ ତାଙ୍କୁ ଏବର ରାଜନୈତିକ ଗୋଳିଆପାଣି ଭିତରକୁ ବାରମ୍ବାର ଟାଣି ଆଣିବା ଅସୁନ୍ଦର ଲାଗୁଛି। ଉଦାହରଣ ଦେଇ କୁହାଯାଇପାରେ ଏମ୍ସ, ଆଇଆଇଟି, ଆଇଆଇଏମ୍, ଓଡ଼ିଶାର ରାଉରକେଲା ଷ୍ଟିଲ ପ୍ଲାଣ୍ଟ କିମ୍ବା ହୀରାକୁଦ ନଦୀବନ୍ଧ ଭଳି ସ୍ଥାପନାକୁ ଅନେକେ ତ୍ରୁଟିପୂର୍ଣ୍ଣ ଦେଖୁଥାଇ ପାରନ୍ତି। କିନ୍ତୁ ଆଜି ସେଭଳି କେଉଁ ନୂଆ କାର୍ଯ୍ୟ ହେଉଛି ତାହା ଅର୍ଦ୍ଧଶତାବ୍ଦୀ ପରେ ସେ ସମୟର ଯୁବପିଢ଼ି ଚିନ୍ତା କରିବେ। ନେହେରୁଙ୍କ ସବୁ ନିଷ୍ପତ୍ତି ନିଖୁଣ ହୋଇ ନ ଥାଇପାରେ। କିନ୍ତୁ ସେ ଭିନ୍ନ ମତକୁ ସମ୍ମାନ ଦେଉଥିଲେ ବୋଲି ପଢ଼ିବାକୁ ମିଳେ। ହେଲେ ଏବର ସରକାର ସେହି ପରମ୍ପରାକୁ ବଜାୟ ରଖିବା ପରିବର୍ତ୍ତେ ବିରୋଧୀଙ୍କ ସ୍ୱରକୁ ସର୍ବଦା ଚାପିଦେବାକୁ ଚେଷ୍ଟା କରୁଛି।

ଆଜିର ଡିଜିଟାଲ ଯୁଗରେ ପ୍ରତି ମୁହୂର୍ତ୍ତର କଥା ଓ କାର୍ଯ୍ୟ ଲିପିବଦ୍ଧ ବା ସାଇତା ହୋଇ ରହିଯାଉଛି। ନେହେରୁଙ୍କ ସମୟରେ କ'ଣ ଘଟିଥିଲା ତାହା ଇତିହାସ ବହିରୁ ପଢ଼ିବାକୁ ମିଳୁଛି। ସେଥିରେ ସତ୍ୟତା ଓ ତଥ୍ୟରେ ହୁଏତ କେତେକ ସ୍ଥାନରେ ଫରକ୍ ଆସିପାରେ। ହେଲେ ଏବେ ନେତାମାନେ ଯାହା କହୁଛନ୍ତି ଓ କରୁଛନ୍ତି, ତାହା ସମ୍ପୂର୍ଣ୍ଣ ଭାବେ ଭବିଷ୍ୟତ ପିଢ଼ି ପାଇଁ ଦଲିଲ ଭାବେ ପ୍ରତୀୟମାନ ହେବ। ଏବେ ସାଇତା ଯାଇପାରୁଥିବା ଛବି ଓ ସ୍ୱରର ପ୍ରମାଣକୁ ଭବିଷ୍ୟତରେ କେହି ଅସ୍ୱୀକାର କରିପାରିବେ ନାହିଁ। ଏଭଳି ପ୍ରଚ୍ଛଦପଟରେ କୁହାଯାଇପାରେ ଯେ, ଅତୀତର ନେତାଙ୍କ କଥା ଓ କାର୍ଯ୍ୟକୁ ନେଇ ଆଜିର ନେତୃତ୍ୱ ଯେଉଁଭଳି ଢଙ୍ଗରେ ସେମାନଙ୍କୁ ନିନ୍ଦା କରୁଛନ୍ତି, ଏବେ ସେମାନେ କରୁଥିବା କର୍ମମାନ ଓ ଉଚ୍ଚାଟ କରୁଥିବା ସ୍ୱର ମଧ୍ୟ ସମୟକ୍ରମେ ପରଖାଯିବ। ବର୍ତ୍ତମାନ ଅନେକ ଭାରତବାସୀ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସମ୍ମାନ ଓ ଶ୍ରଦ୍ଧା କରୁଛନ୍ତି। ଆଗାମୀ ଦିନଗୁଡ଼ିକରେ ପରବର୍ତ୍ତୀ ପିଢ଼ି ଯଦି ଆଜିର କାର୍ଯ୍ୟ ଓ ମତକୁ ନକାରାତ୍ମକ ଦୃଷ୍ଟିରେ ଦେଖନ୍ତି, ତେବେ ସେତେବେଳେ ଜୀବିତ ଭାରତୀୟଙ୍କୁ ବାଧିପାରେ। ସେଥିପାଇଁ ନିଜ କର୍ତ୍ତବ୍ୟକୁ ଉଚିତ ଭାବେ କରିବା ହେଉଛି ଉଚ୍ଚକୋଟୀ ନେତୃତ୍ୱର ପରିଚାୟକ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | 1 | | 6 | | 3 |
| | | | | 9 | 2 | | | 1 |
| | 4 | | 5 | | | | | |
| 4 | 2 | | | | | | 3 | |
| | | | | | | 9 | | |
| | | | | | | 7 | | 2 |
| | 9 | 3 | 6 | | 8 | | | |
| | 8 | | 9 | 7 | | | | |
| | | | | | | 3 | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 8 | 5 | 7 | 2 | 4 | 3 | 9 | 1 |
| 7 | 9 | 4 | 3 | 1 | 5 | 6 | 8 | 2 |
| 3 | 2 | 1 | 6 | 8 | 9 | 4 | 5 | 7 |
| 1 | 4 | 3 | 9 | 6 | 2 | 5 | 7 | 8 |
| 2 | 6 | 8 | 5 | 3 | 7 | 9 | 1 | 4 |
| 9 | 5 | 7 | 1 | 4 | 8 | 2 | 3 | 6 |
| 8 | 7 | 9 | 2 | 5 | 6 | 1 | 4 | 3 |
| 5 | 3 | 2 | 4 | 7 | 1 | 8 | 6 | 9 |
| 4 | 1 | 6 | 8 | 9 | 3 | 7 | 2 | 5 |

ଗତକାଲିର ଉତ୍ତର

# ଶିଶୁ ଅନୁକୂଳ ପାଠାଗାର



ଲୋକନାଥ ପଣ୍ଡା

ଜାତୀୟ ଶିକ୍ଷାନୀତି ୨୦୨୦ରେ ଏବଂ ଜାତୀୟ ପାଠ୍ୟ ଖସଡ଼ା ୨୦୨୨ରେ ପ୍ରାକ୍-ପ୍ରାଥମିକ ଶିକ୍ଷାରେ ଇମରଜେଣ୍ଟ ଲିଟେରାସି ବା ଅଙ୍କୁରିତ ସାକ୍ଷରତା, ଇମରଜେଣ୍ଟ ରିଡିଂ ବା ଅଙ୍କୁରିତ ପଠନ ବା ପ୍ରାକ୍-ପଠନ, ପ୍ରାକ୍-ଲିଖନ ଆଦି ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଜାତୀୟ ଶିକ୍ଷାନୀତିରେ ଶିଶୁଟି ୩+ ବେଳକୁ ପୁସ୍ତକ କିପରି ଖୋଲିବ, ପୁସ୍ତକ କିପରି ଓଲଟାଇବ, ବାଆଁରୁ ଡାହାଣକୁ ପଠନ ଆଦି ସମ୍ପର୍କରେ ଶିଶୁଟି ୩+ ବେଳକୁ ଜାଣିବ ଏବଂ ପୁସ୍ତକ ଦେଖି ପ୍ରି-ଟେଣ୍ଡ ରିଡିଂ ବା ଅନୁଭୂତି ଆଧାରିତ ପଠନ କରିବ, ପ୍ରାକ୍ ଲିଖନ କରିବ ସେ ସମ୍ପର୍କରେ ବର୍ଣ୍ଣନା ରହିଛି । ଏ ସବୁ ମୂଳରେ ରହିଛି ଶିଶୁବାଟିକାରେ କିମ୍ବା ଶିଶୁଙ୍କ ଅଙ୍ଗନୱାଡି ହେଉ କିମ୍ବା ପ୍ରାଥମିକ ବିଦ୍ୟାଳୟରେ କେତେଦୂର ପୁସ୍ତକ ହାତପାଆନ୍ତାରେ ମିଳୁଛି ଏବଂ ଶିକ୍ଷକ ବା ଅଙ୍ଗନୱାଡି ଦିଦି କେତେଦୂର ଶିଶୁଙ୍କୁ ପୁସ୍ତକ ସହ ପରିଚିତ କରାଉଛନ୍ତି!

ବିଦ୍ୟାଳୟର ପାଠାଗାର କିମ୍ବା ଗାଁ ପାଠାଗାର ହେଉ, ଯଦି ଏହା ସକ୍ରିୟ ଥାଏ ତେବେ ନିଶ୍ଚିତ ଭାବରେ ପିଲାଟି ଦିନରୁ ବହି ପ୍ରତି ଆକୃଷ୍ଟ କରିବା ତଥା ବହି ମାଧ୍ୟମରେ ଭାଷାର ବିକାଶ ହୋଇଥାଏ।ପୁସ୍ତକଗୁଡ଼ିକ ଯଦି ସୁନ୍ଦର ପରିପାଟୀ ହୋଇଥାଏ, ତେବେ ତାହା ପିଲାମାନଙ୍କୁ ଆକର୍ଷିତ କରିଥାଏ।ନିକଟରେ ମୁଁ ବିଷମକଟକ ବ୍ଲକ୍‌ର କିଛି ପ୍ରାଥମିକ ବିଦ୍ୟାଳୟ ବୁଲି ଦେଖୁଥିଲି, ଯେଉଁଠି ଶିଶୁଙ୍କ ପାଇଁ ପୁସ୍ତକ ଥିଲା, ପୁସ୍ତକଗୁଡ଼ିକ ମୁଖ୍ୟତଃ ଚିତ୍ରମୟ ଏବଂ କେତୋଟି ପୁସ୍ତକରେ କିଛି କିଛି ଲେଖା ଥିଲା । ଅବସର ସମୟରେ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀର ଶିଶୁମାନେ ପୁସ୍ତକରୁ ଚିତ୍ର ଦେଖୁଥିଲେ ଏବଂ ଚିତ୍ର ଦେଖି ନିଜେ ଚିତ୍ରକୁ ଆଧାରକରି ବାକ୍ୟ କିଏ ଶବ୍ଦ କିଏ କହୁଥିଲେ। ବେଳେ ବେଳେ ପୁସ୍ତକକୁ ଆଧାରକରି ଚିତ୍ର ମଧ୍ୟ କରୁଥିଲେ।

ବିଷମକଟକ ବ୍ଲକ୍‌ର କିରିବିରି ପ୍ରାଥମିକ ବିଦ୍ୟାଳୟକୁ ଦେଖୁଥିଲି।ସରକାରଙ୍କ ତରଫରୁ ବିଦ୍ୟାଳୟଗୁଡ଼ିକରେ କବିତା ପୋଷ୍ଟର ଆଦି ଦିଆଯାଇଛି, ଯାହାକି ଶିଶୁଙ୍କୁ ପାଠ୍ୟପୁସ୍ତକ ସହ ଚିତ୍ର ସାଙ୍ଗକୁ କାହାଣୀ ପୁସ୍ତକ ବ୍ୟବହାର ସମ୍ପର୍କରେ ଆଗ୍ରହ ସୃଷ୍ଟି ହୋଇପାରିବ।ବିଦ୍ୟାଳୟଗୁଡ଼ିକରେ ବିଭିନ୍ନ କର୍ଣ୍ଣର ତିଆରି ହୋଇଛି। ସେଥିମଧ୍ୟରେ ଲାଇବ୍ରେରି କର୍ନର ରହିଛି। ବିଦ୍ୟାଳୟରେ ପୁସ୍ତକଗୁଡ଼ିକ ଏକ ଖୋଟ ବ୍ୟାଗ୍‌ରେ ରଖାଯାଇଥିଲା, ଶିଶୁମାନେ ଯେତେବେଳେ ଚାହିଁବେ ବା ଶିକ୍ଷାଦାନ ଚାଲି ନ ଥିବା ବେଳେ ପୁସ୍ତକ ନେଇ ପଢ଼ିପାରିବେ ବା ବ୍ୟବହାର କରିପାରିବେ। ସେଠାକାର ପିଲାଙ୍କ ସହ କଥାବାର୍ତ୍ତା ହେଉଥିଲି, ଶିଶୁମାନେ ପୁସ୍ତକ ନେଇ ପଢ଼ୁଛନ୍ତି ବୋଲି କହୁଥିଲେ, ପୁସ୍ତକଗୁଡ଼ିକର ନାମ ମଧ୍ୟ କହିପାରୁଥିଲେ।ବିଦ୍ୟାଳୟ ତରଫରୁ ପାଠାଗାରରୁ ପ୍ରତି ମାସରେ ଅଧିକ ପୁସ୍ତକ ପଢ଼ୁଥିବା ଶିଶୁଙ୍କୁ ପ୍ରାର୍ଥନା ସଭାରେ ସମ୍ମାନିତ କରାଯିବା ବିଷୟ ମଧ୍ୟ ସୂଚନା ଦେଉଥିଲେ।ବିଦ୍ୟାଳୟର ଶିଶୁମାନଙ୍କର ଶିକ୍ଷଣ ସ୍ତର ମଧ୍ୟ ଅଧିକ ଥିଲା। ବଡ଼କଥା ହେଲା ଶିଶୁମାନେ ବେଶ୍ ସକ୍ରିୟ ଓ ଖୁସି ପରିବେଶରେ ଥିଲେ।ବିଦ୍ୟାଳୟର ଶିକ୍ଷକମାନଙ୍କ ନିଷ୍ଠାପର ଉଦ୍ୟମକୁ ପ୍ରଶଂସାକରି ରହିପାରୁ ନ ଥିଲି। କଥା ହେଉଛି ବିଦ୍ୟାଳୟକୁ ଯୋଗାଉଥିବା ପୁସ୍ତକଗୁଡ଼ିକ ଶିଶୁଙ୍କୁ ଅନୁକୂଳ ହେବା ଭଳି ଓ ପିଲାଙ୍କୁ ଆକର୍ଷଣ ହେବା ଭଳି ଥିଲା। ସିନି-ଟାଟା ଟ୍ରଷ୍ଟ ତରଫରୁ ବିଷମକଟକ ବ୍ଲକ୍‌ର ହାଟ ମୁନିଗୁଡ଼ା, ବଡ଼ଧାଣ୍ଡରା, ଚାଟିକଣା, ଜୋଡ଼, କାଙ୍କୁବାଡ଼ି ଆଦି ପ୍ରାଥମିକ ବିଦ୍ୟାଳୟରେ ଲାଇବ୍ରେରିର ପଠନ ନିମନ୍ତେ ଏକ ଶିଶୁ କୈନ୍ଦ୍ରିକ ପାଠାଗାରର ବ୍ୟବସ୍ଥା ହୋଇଛି ଏବଂ ଶିଶୁମାନେ ଏହାକୁ ଉପଯୋଗ କରୁଛନ୍ତି। ପ୍ରତି ମାସରେ ଯିଏ ପାଠାଗାରରୁ ପୁସ୍ତକ ନେଇ ଅଧିକ ବହି ପଢ଼ିଛି, ତାକୁ ସମ୍ମାନିତ କରିବା ଆଦି ବିଷୟରେ ଆଲୋଚନା ପ୍ରସଙ୍ଗରେ ଜାଣିବାକୁ ପାଉଥିଲି। କିଛି ବିଦ୍ୟାଳୟରେ ଦେଖୁଥିଲି, ଶିଶୁମାନେ ମଧ୍ୟ ଲାଇବ୍ରେରି ପୁସ୍ତକ ପରିଚାଳନା କରୁଛନ୍ତି, କିଏ ବହି ନେଉଛନ୍ତି, କିଏ କେଉଁ ବହି ରଖିଛନ୍ତି, ତାହାର ଏକ ତାଲିକା ରଖୁଛନ୍ତି। ବହି ସମ୍ପର୍କରେ ଆଲୋଚନା ମଧ୍ୟ କରୁଛନ୍ତି।

ପାଠାଗାର ହେଉଛି ଶିଶୁଙ୍କ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବାରେ ପ୍ରକୃଷ୍ଟ ମାଧ୍ୟମ। ବିଦ୍ୟାଳୟଗୁଡ଼ିକରେ ଯଦି ଅଙ୍ଗନୱାଡି ସମୟରୁ ଶିଶୁଙ୍କୁ ବହି ପ୍ରତି ଆଗ୍ରହ ସୃଷ୍ଟି ହେବା ଭଳି କିଛି ଗତିବିଧି କରାଯାଏ, ଶିଶୁର ହାତପାଆନ୍ତାରେ ବହି ରହେ, ତେବେ ନିଶ୍ଚିତ ଭାବରେ ଶିଶୁମାନଙ୍କର ଶିକ୍ଷା ପ୍ରତି ଆଗ୍ରହ ବଢ଼ିଥାଏ ଓ ପରବର୍ତ୍ତୀ ସମୟରେ ମାଆବାପାଙ୍କୁ ଅବା ଶିକ୍ଷକଙ୍କୁ ଶିଶୁଟିର ପାଠପଢ଼ା ପ୍ରତି ବିଶେଷ ଚିନ୍ତା କରିବାକୁ ପଡ଼ି ନ ଥାଏ। ଅନେକ ସମୟରେ ଅଭିଭାବକଙ୍କ ଧାରଣା ଥାଏ ଯେ, ଲାଇବ୍ରେରି ପୁସ୍ତକ କିମ୍ବା ପାଠ୍ୟପୁସ୍ତକ ଛଡ଼ା ଅନ୍ୟ ପୁସ୍ତକ ବାଟବଣା କରିଦେଇଥାଏ। ଏହିଭଳି ଭ୍ରାନ୍ତ ଧାରଣାରୁ ଅଭିଭାବକ ବାହାରକୁ ଆସିବା ଦରକାର। ଏପରିକି ଅନେକ ସମୟରେ ଶିକ୍ଷକ ମଧ୍ୟ ଲାଇବ୍ରେରି ପୁସ୍ତକ ପ୍ରତି ବିଶେଷ ଗୁରୁତ୍ୱ ଦେଇ ନ ଥାନ୍ତି।



ବିଦ୍ୟାଳୟକୁ ସରକାରଙ୍କ ତରଫରୁ ହେଉ କିମ୍ବା ବିଭିନ୍ନ ଅନୁଷ୍ଠାନ ତରଫରୁ ଶିଶୁ ଉପଯୋଗୀ ପୁସ୍ତକ ନିରନ୍ତର ଭାବରେ ଯୋଗାଇ ଦିଆଯାଉଛି। ବିଦ୍ୟାଳୟର ପାଠାଗାରକୁ ଶିଶୁ ଉପଯୋଗୀ କରିବା ସମସ୍ତଙ୍କର ଦାୟିତ୍ୱ। କେବଳ ଶିକ୍ଷକ ନୁହନ୍ତି, ଗୋଷ୍ଠୀ ଅଭିଭାବକ ମଧ୍ୟ ବିଦ୍ୟାଳୟରେ ହେଉ ଘରେ ଛୋଟ ଛୋଟ ପାଠାଗାରଟିଏ ବିକାଶ କରିବା ଦରକାର। ଯଦି ଘରେ କିମ୍ବା ଗାଁରେ ପାଠାଗାରଟିଏ ଥାଏ, ତେବେ ଶିଶୁମାନଙ୍କର ପାଠପଢ଼ାରେ କେବଳ ନୁହେଁ, ଗ୍ରାମବାସୀଙ୍କ ଉପରେ ମଧ୍ୟ ଏହାର ପଭାବ ପଡ଼ିବ। ଗ୍ରାମବାସୀଙ୍କର ପଠନ ଦିଗ ପ୍ରତି ଆଗ୍ରହ ବଢ଼ିବ।ଅନେକ ସମୟରେ ଦେଖାଯାଏ, ଚା' ଦୋକାନୀ, ଜଳଖିଆ ଦୋକାନୀ, ପାନଦୋକାନୀ, ସେଲୁନ ଆଦିରେ ଖବରକାଗଜଟିଏ ରଖାଯାଇଥାଏ। ଏହାର ପ୍ରଭାବ ମଧ୍ୟ ସେମାନଙ୍କର ବ୍ୟବସାୟରେ ଅନେକ ମାତ୍ରାରେ ପଡ଼ିଥାଏ। ପଠନ ପ୍ରତି ଲୋକଙ୍କର ଆଗ୍ରହ ଏଥିରୁ ଅନୁମାନ କରିହୁଏ।

ଗାଁ ଗହଳିରେ ହେଉ, ସହରରେ ହେଉ ପୂର୍ବରୁ ପାଠାଗାରଟିଏ ଥିଲା। ପାଠାଗାରରେ ପୁସ୍ତକ ରହୁଥିବା ସହ ଅନେକ ପତ୍ରିକା (ବିଭିନ୍ନ ଭାଷାଭାଷୀ) ସହିତ ଖବରକାଗଜ ଆସୁଥିଲା।ବାପା, ମାଆ ଖବରକାଗଜ ପଠନକୁ ଆଧାରକରି ପିଲାଏ ମଧ୍ୟ ଖବରକାଗଜ ପଠନର ଅଭ୍ୟାସରେ ପଡ଼ିଯାଉଥିଲେ। ଅନେକ ବ୍ୟକ୍ତିବିଶେଷ ନିଜର ବ୍ୟକ୍ତିଗତ ପାଠାଗାର କରିଥିଲେ, ତାହାର ପ୍ରଭାବ ମଧ୍ୟ ନିଜ ଉପରେ ଏବଂ ଅନ୍ୟ ଉପରେ ପଡୁଥିଲା । ପୂର୍ବରୁ ସରକାରଙ୍କର ଜନ ସାକ୍ଷରତା ଓ ନିରନ୍ତର ଶିକ୍ଷା କାର୍ଯ୍ୟକ୍ରମ ଚାଲୁଥିଲା।ପଞ୍ଚାୟତ ସ୍ତରରେ ଲାଇବ୍ରେରି ଘର, ଗୋଷ୍ଠୀ ଘରରେ ଲାଇବ୍ରେରି ପୁସ୍ତକ ରଖିବା ପାଇଁ ଉତ୍ସାହିତ କରାଯାଉଥିଲା। ଗାଁରେ ଗୋଷ୍ଠୀ ଲାଇବ୍ରେରିଟିଏ ଥିଲା। କିନ୍ତୁ ବର୍ତ୍ତମାନ ତାହା ବନ୍ଦ ହୋଇଗଲାଣି କହିଲେ ଚଳେ!

ନିକଟରେ ଜଣେ ଅବସରପ୍ରାପ୍ତ ଇଞ୍ଜିନିୟର ଫୋନ୍ ମାଧ୍ୟମରେ ପ୍ରାୟ ଅଧାଘଣ୍ଟାରୁ ଅଧିକ ପାଠାଗାର ସମ୍ବନ୍ଧରେ ଆଲୋଚନା କରିଥିଲେ। ସେ ତାଙ୍କର ଅନୁଭୂତିରୁ କହିଲେ, ସେ ଆଜି ଯାହା ହୋଇଛନ୍ତି କେବଳ ପିଲାଟି ଦିନରୁ ପାଠାଗାରର ସୁଯୋଗ ପାଇଥିବାରୁ ଏବଂ ପିଲାଟି ଦିନରୁ ପାଠାଗାରର ବ୍ୟବହାର କରିଥିବାରୁ। ସେ ନିଜର ଅନୁଭୂତିରୁ କହିଥିଲେ, ନିଜର ଲାଇବ୍ରେରିଟିଏ କରିଛନ୍ତି। ଲାଇବ୍ରେରି ଯୋଗୁ ତାଙ୍କର ଜୀବନରେ ଅନେକ ପରିବର୍ତ୍ତନ ଆସିଛି।ବ୍ୟକ୍ତି ଜଣକ ୮୬ ବୟସରେ ବେଶ୍ କର୍ମଚଞ୍ଚଳ ଅଛନ୍ତି। ବେଦ, ଉପନିଷଦ ତଥା ଅନେକ ପୁସ୍ତକ ସମ୍ପର୍କରେ ଅନର୍ଗଳ କହିପାରୁଛନ୍ତି ଏବଂ ବର୍ତ୍ତମାନ ଅନେକ ଅନୁଷ୍ଠାନର କର୍ମକର୍ତ୍ତା ମଧ୍ୟ ଅଛନ୍ତି।

ବିଦ୍ୟାଳୟକୁ କେବଳ ପୁସ୍ତକ ଦେଇଦେଲେ କିମ୍ବା କିଣିଦେଲେ ହେବନାହିଁ, ଏଥିପାଇଁ ଯଦି ଶିଶୁ ଅନୁକୂଳ ପାଠାଗାରଟିଏ ବିକାଶହେବ, ଶିଶୁ ମନଲାଖି ପୁସ୍ତକ ରହିବ,ଶିଶୁମାନେ ଯଦି ପ୍ରାଥମିକସ୍ତରରେ ପୁସ୍ତକକୁ ନେଇ ଅନେକ ସୁଯୋଗ ପାଇବେ, ତେବେ ନିଶ୍ଚିତଭାବରେ ଶିକ୍ଷଣସ୍ତର, ସେମାନଙ୍କର କଳ୍ପନାର ବିକାଶ, ସୃଜନଶକ୍ତିର ବିକାଶ ଘଟିବ।ପୁସ୍ତକକୁ ନେଇ ବିଭିନ୍ନ ଗତିବିଧି ମଧ୍ୟ ହେବ। ଆମେ ଯଦି ଶିଶୁ ଉପଯୋଗୀ ଏବଂ ସେମାନଙ୍କର ଆଗ୍ରହ ହେବାଭଳି ସଚିତ୍ର ପୁସ୍ତକ ଯୋଗାଇଦେବା, ପୁସ୍ତକ ସମ୍ପର୍କରେ ନିୟମିତ ଅନ୍ତରରେ ଶିଶୁଙ୍କ ସହ ଆଲୋଚନାକରିବା, ପୁସ୍ତକକୁ ନେଇ ଶିଶୁଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟିକରିବା, ତେବେ ନିଶ୍ଚିତଭାବରେ ଶିଶୁର ଶିକ୍ଷଣସ୍ତର ବଢ଼ିବା ସହ ଶିଶୁଟି ମଧ୍ୟ ବିଦ୍ୟାଳୟକୁ ଭଲପାଇବ। ବିଦ୍ୟାଳୟରେ ଯେପରି ଭଲ ବଗିଚାଟିଏ ଥିଲେ ଶିଶୁଙ୍କୁ ଆକର୍ଷିତ କରିଥାଏ, ସେହିଭଳି ଶିଶୁଙ୍କ ଅନୁକୂଳ ପାଠାଗାର ମଧ୍ୟ ଶିଶୁଙ୍କୁ ପାଠପଢ଼ିବା ପାଇଁ ଉତ୍ସାହିତକରିବାରେ ସହାୟକ ହେବ।

ରାଣୀଗୁଡ଼ା, ରାୟଗଡ଼ା
ମୋ:୯୪୩୮୦୮୧୪୩୦

# ଜୀବନ୍ତ ଗ୍ରହର ଜୀବନ ରହସ୍ୟ




ଡ. କମଳାକାନ୍ତ ଜେନା

ପୃଥିବୀକୁ ମିଶେଇ ଆଠଟା ଗ୍ରହ, ପ୍ଲୁଟୋକୁ ମିଶେଇ ୫ଟା ବାମନଗ୍ରହ, ଚନ୍ଦ୍ରକୁ ମିଶେଇ ଶହ ଶହ ଉପଗ୍ରହ, ଗ୍ରହାଣୁପୁଞ୍ଜ, ଅଗଣିତ ଛୋଟବଡ଼ ପିଣ୍ଡ ଏବଂ ବିଶାଳକାୟ ସୂର୍ଯ୍ୟକୁ ନେଇ ଆମର ସୌରଜଗତ ତିଆରି ହୋଇଛି। ସମସ୍ତେ ସୂର୍ଯ୍ୟ ଚାରିପଟେ ବୁଲନ୍ତି। ସମସ୍ତଙ୍କ ଭିତରେ ଆମ ପୃଥିବୀ କଥା ନିଆରା। କାରଣ ଏତେ ଗ୍ରହ-ଉପଗ୍ରହ ରହିଥିଲେ ବି କେବଳ ପୃଥିବୀ ଗ୍ରହରେ ଜୀବଜନ୍ତୁ ଅଛନ୍ତି। ତେଣୁ ପୃଥିବୀକୁ ଆମ ସୌରଜଗତର 'ଜୀବଗ୍ରହ' ବୋଲି କୁହାଯାଉଛି। ଆମ ସୂର୍ଯ୍ୟ ଗୋଟିଏ ନକ୍ଷତ୍ର, ଯାହାର ସୌରଜଗତ ଅଛି। ଆମେ ରାତିରେ ହଜାର ହଜାର ତାରା ଦେଖୁ। କେଇଟା ତାରାକୁ ଛାଡ଼ିଦେଲେ ବାକି ତାରା ବି ନକ୍ଷତ୍ର। ସେମାନେ ଆମ ସୌରଜଗତ ବାହାରେ ଅଛନ୍ତି। ଆମ ସୂର୍ଯ୍ୟ ପରି ଅନେକ ନକ୍ଷତ୍ରର ସୌରଜଗତ ଅଛି ଓ ଗ୍ରହ-ଉପଗ୍ରହ ଅଛନ୍ତି। ସେମାନେ ନିଜର ନକ୍ଷତ୍ର ଚାରିପଟେ ବୁଲୁଛନ୍ତି। ସେଗୁଡ଼ିକୁ 'ବାହ୍ୟଗ୍ରହ' କହୁ। ଅନେକ ବାହ୍ୟଗ୍ରହକୁ ଚିହ୍ନଟ କରାଯାଇଛି, କିନ୍ତୁ ସେଠାରେ ଜୀବଜନ୍ତୁ ଥିବାର ପ୍ରମାଣ ମିଳିନାହିଁ।

ପୃଥିବୀରେ ଜୀବନ୍ତ ପ୍ରାଣୀ ରହିପାରିବାର ଅନେକ କାରଣ ଆମକୁ ଜଣା। ବଡ଼ କାରଣ ହେଉଛି ଜଳର ଉପସ୍ଥିତି। ପୃଥିବୀ ବାହାରେ କୌଣସି 'ବାହ୍ୟଗ୍ରହ'ରେ ମଧ୍ୟ ପାଣି ଥିଲେ ସେଠାରେ ଜୀବଜନ୍ତୁ ଥିବାର ସମ୍ଭାବନାକୁ ଏଡ଼େଇ ପାରିବା ନାହିଁ। ଆଜିକୁ ୪୫୦ କୋଟି ବର୍ଷ ତଳେ ପୃଥିବୀ ସୃଷ୍ଟି ହେଲା। ସେତେବେଳେ ପୃଥିବୀ ପୃଷ୍ଠରେ କୌଣସି ଜୀବ ନଥିଲେ। ପୃଥିବୀରେ ସମୁଦ୍ର ସୃଷ୍ଟି ହେଲା। ପ୍ରାୟ ୧୦୦ କୋଟି ବର୍ଷ ବିତିଲା ପରେ ସମୁଦ୍ର ଭିତରେ ହିଁ ପ୍ରଥମ ଜୀବ ସୃଷ୍ଟି ହୋଇଥିଲା। ତେଣୁ ଜୀବନ ସହିତ ଜଳର ନିବିଡ଼ ସମ୍ପର୍କ ରହିଛି।

ପାଣିକୁ ତିନିଟା ରୂପରେ ଦେଖୁ। ଆମେ ପିଉଥିବା ପାଣି ତରଳ ଅବସ୍ଥାରେ ଥାଏ। ତରଳ ପାଣିକୁ ଫ୍ରିଜ୍ ଭିତରେ ରଖିଲେ ତାହା ବରଫରେ ପରିଣତ ହୁଏ, ଯାହାକି ପାଣିର କଠିନ ଅବସ୍ଥା। ପାଣିକୁ ଗରମ କଲେ ବାଷ୍ପ ବାହାରେ, ଯାହାକି ପାଣିର ଗ୍ୟାସୀୟ ଅବସ୍ଥା। ତେଣୁ ପାଣି ତିନିଟା ରୂପରେ ରହିପାରେ। ଯେଉଁ ଗ୍ରହରେ ପାଣି ତିନିଟା ଅବସ୍ଥାରେ ରହିପାରିବ, ସେଠାରେ ଜୀବନ ସମ୍ଭବ। ପୃଥିବୀ ଏହାର ଉଦାହରଣ। ଆହୁରି ୭ଟି ଗ୍ରହ ଓ ଅନେକ ଛୋଟବଡ଼ ପିଣ୍ଡ ସୂର୍ଯ୍ୟ ଚାରିପଟେ ବିଭିନ୍ନ ଦୂରତାରେ ବୁଲୁଛନ୍ତି। ଯେଉଁ ପିଣ୍ଡଗୁଡ଼ିକ ସୂର୍ଯ୍ୟର ଅତି ନିକଟରେ ରହି ବୁଲୁଛନ୍ତି, ସେଗୁଡ଼ିକ ଅତି ଉତ୍ତପ୍ତ ଅବସ୍ଥାରେ ଅଛନ୍ତି। ସେଠାରେ ନିଆଁ ବର୍ଷିଲା ପରି ଖରା ହୁଏ। ବୁଧ ଓ ଶୁକ୍ର ସେମିତିକା ଦୁଇଟା ଗ୍ରହ।



ସେଠାରେ ଜୀବଜନ୍ତୁ ବଞ୍ଚିପାରିବେ ନାହିଁ। ପିଣ୍ଡଗୁଡ଼ିକ ସୂର୍ଯ୍ୟଠାରୁ ଅତି ଦୂରରେ ରହିଲେ ସେଠାରେ ଜୀବଜନ୍ତୁ ତିଷ୍ଠିପାରିବେ ନାହିଁ। ଆମ ବଞ୍ଚିବା ପାଇଁ ପୃଥିବୀ ଠିକ୍ ଜାଗାରେ ରହିଛି। ସୂର୍ଯ୍ୟଠାରୁ ଯେଉଁ ଦୂରତାରେ ପୃଥିବୀ ରହିଛି, ସେହି ଅଞ୍ଚଳକୁ ଗୋଲଡିଲକ୍ସ ଅଞ୍ଚଳ ବୋଲି କୁହାଯାଏ। ଏହି ଦୂରତାରେ ବେଶି ଗରମ ନାହିଁ କିମ୍ବା ବେଶି ଥଣ୍ଡା ନାହିଁ। ଏହି ଅଞ୍ଚଳରେ ପାଣି କଠିନ-ତରଳ-ଗ୍ୟାସୀୟ ତିନିଟା ଅବସ୍ଥାରେ ରହିପାରିବ। ତେଣୁ ଜୀବଜନ୍ତୁ ବଞ୍ଚିପାରିବେ।

ଯଦି ଆମ ସୌରଜଗତ ବାହାରେ କୌଣସି ଜୀବନ୍ତ ଗ୍ରହ ଥିବେ, ସେଗୁଡ଼ିକ ନିଜର ନକ୍ଷତ୍ରଠାରୁ ଗୋଲଡିଲକ୍ସ ଦୂରତାରେ ରହିଥିବେ। ତେଣୁ ବାହ୍ୟଗ୍ରହ ଖୋଜିବା ସମୟରେ ନିଜର ନକ୍ଷତ୍ରଠାରୁ ସେହି ଗ୍ରହଟି କେତେ ଦୂରରେ ଅଛି, ସେକଥା ପ୍ରଥମେ ଚିନ୍ତା କରୁ। କାରଣ ଗୋଲଡିଲକ୍ସ ଅଞ୍ଚଳରେ ରହିଲେ ସେଠାରେ ଜୀବନର ସମ୍ଭାବନା ରହିବ। ବ୍ରହ୍ମାଣ୍ଡରେ ଅନେକ ଛାୟାପଥ ଅଛନ୍ତି। କେବଳ ଆମ ଛାୟାପଥ ଆକାଶଗଙ୍ଗାରେ ପ୍ରାୟ ୧୬,୦୦୦ କୋଟି ବାହ୍ୟଗ୍ରହ ଥିବାର ଅନୁମାନ କରାଯାଉଛି। ୨୦୨୦ ଗବେଷଣା ଅନୁସାରେ ସେଥିମଧ୍ୟରୁ ୬,୦୦୦ କୋଟି ବାହ୍ୟଗ୍ରହ ଅଛନ୍ତି, ଯାହାର ଆକାର ପୃଥିବୀ ଭଳି। କିନ୍ତୁ ଦୁଃଖର କଥା, ନକ୍ଷତ୍ରର ଗୋଲଡିଲକ୍ସ ଅଞ୍ଚଳରେ ଅନେକ ଗ୍ରହ ମିଳିଥିଲେ ବି କୌଣସି ଗ୍ରହରେ ଜୀବଜଗତ ଥିବାର ଠୋସ୍ ପ୍ରମାଣ ଆମକୁ ମିଳିନାହିଁ। କିନ୍ତୁ ସେହି ଗ୍ରହଗୁଡ଼ିକରେ ଜୀବଜଗତ ନାହିଁ ବୋଲି ଆମେ ଦୃଢ଼ ଭାବରେ କହିପାରିବା ନାହିଁ।

ଗୋଲଡିଲକ୍ସ ଅଞ୍ଚଳରେ ଗ୍ରହଟିଏ ରହିଲେ ହଠାତ୍ ଜୀବନ ଆରମ୍ଭ ହୁଏ ନାହିଁ। ସେଥିପାଇଁ ସମୟ ଦରକାର। ଯେମିତି ଗୋଲଡିଲକ୍ସ ଅଞ୍ଚଳରେ ଅବସ୍ଥାନ କରୁଥିବା ପୃଥିବୀ ସୃଷ୍ଟି ହେବା ସମୟରେ ଜୀବଜନ୍ତୁ ନଥିଲେ କି ମଣିଷ ନ ଥିଲା। ସେତେବେଳେ ତାହା ଉତ୍ତପ୍ତ ବାଷ୍ପର ବିରାଟ ପିଣ୍ଡଟିଏ ଥିଲା। ଧୀରେ ଧୀରେ ଥଣ୍ଡା ହେଲା। ଏହାର ପୃଷ୍ଠତଳ ଟାଣ ହେଲା। ପୃଥିବୀପୃଷ୍ଠରେ ସମୁଦ୍ର ସୃଷ୍ଟି ହେଲା। ବିନା ଜୀବରେ ବିତିଗଲା ୧୦୦ କୋଟି ବର୍ଷ। ତା'ପରେ ଜଳ ଭିତରେ ଏକକୋଷୀ ଜୀବନର ଆରମ୍ଭ ହେଲା। ଏକକୋଷୀରୁ ବହୁକୋଷୀ ଜୀବନ ସମ୍ଭବ ହେଲା। ନାନା ଜାତିର ପ୍ରାଣୀ ସୃଷ୍ଟି ହେଲେ। ଯାହା ପ୍ରମାଣ ମିଳିଛି, ପୃଥିବୀ ପୃଷ୍ଠରେ ମଣିଷର ଆବିର୍ଭାବ ହେଲା ଏଇ ମାତ୍ର ୫୫ ଲକ୍ଷ ବର୍ଷ ତଳେ। ଅର୍ଥାତ୍ ପୃଥିବୀର ବୟସ ୧ ଦିନ ହେଲେ ମଣିଷର ଜନ୍ମ ମାତ୍ର ୨ ମିନିଟ ତଳେ ହୋଇଛି। ତେଣୁ ଆମେ ସେମିତିକା ବାହ୍ୟଗ୍ରହକୁ ଖୋଜିଚାଲିଛୁ, ଯିଏକି ଗୋଲଡିଲକ୍ସ ଅଞ୍ଚଳରେ ଅତି କମ୍‌ରେ ୧୦୦ କୋଟି ବର୍ଷ ରହିଥିବ। କେବେ ସେମିତିକା ଗ୍ରହର ସନ୍ଧାନ ମିଳିବ, ସେହି ଖବର ଶୁଣିବା ପାଇଁ ଆମେ ଅପେକ୍ଷା କରି ରହିବୁ। ସେଠାରେ ଥିବା ଜୀବମାନଙ୍କୁ ଦେଖିବା ପାଇଁ ଅନେଇ ବସିଛୁ।

ପ୍ରାଧ୍ୟାପକ (ଫିଜିକ୍ସ),
ଭଦ୍ରକ ଅଟୋନମସ୍ କଲେଜ, ଭଦ୍ରକ
ମୋ: ୯୪୩୯୫୦୧୬୫୧

## ଏଇ ଭାରତରେ

ଉତ୍ତରପ୍ରଦେଶର ଧୀରଜ ବର୍ମା ଟିଭି ଶୋ' ଦେଖି ଷ୍ଟ୍ରବେରି ଚାଷ ଆରମ୍ଭକରି ଜଣେ ସଫଳ ଚାଷୀ ହୋଇପାରିଛନ୍ତି। ସେ ବିନା ମାଟି ଅର୍ଥାତ୍ କେବଳ ପାଣି (ହାଇଡ୍ରୋପୋନିକ୍ସ ପଦ୍ଧତି)ରେ ଚାଷକରି ପ୍ରଥମ ପର୍ଯ୍ୟାୟରେ ୫ ଟନ୍ ଷ୍ଟ୍ରବେରି ଉତ୍ପାଦନ କରିବା ସହ ଲକ୍ଷାଧିକ ଟଙ୍କା ଲାଭ ପାଇଛନ୍ତି। ଧୀରଜ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲକରିବା ପରେ ୧୩ ବର୍ଷ ଧରି ୧୦ ଏକର ପୈତୃକ ଜମିରେ ବିଭିନ୍ନ ପ୍ରକାର ଶସ୍ୟ ଓ ପନିପରିବା ଚାଷ କରୁଥିଲେ। କିନ୍ତୁ ତାହା ଲାଭଜନକ ନ ହେବାରୁ ଟିଭିରେ ଇସ୍ରାଏଲରେ ହେଉଥିବା ଷ୍ଟ୍ରବେରି ଚାଷ ପଦ୍ଧତିକୁ ଦେଖି ତାହା କରିବାକୁ ନିଷ୍ପତ୍ତି ନେଇଥିଲେ। ପରେ ମଧ୍ୟପ୍ରଦେଶରୁ ଏହି ଚାଷ ସମ୍ପର୍କରେ ପ୍ରଶିକ୍ଷଣ ନେଇ ତାଙ୍କ ଗାଁ ବାରାବାଙ୍କିର ମୀନାପୁରରେ ୩,୫୦୦ ବର୍ଗଫୁଟ ଜାଗାରେ ହାଇଡ୍ରୋପୋନିକ୍ସ ଚାଷ ପାଇଁ ଆବଶ୍ୟକ ଉପକରଣ ଲଗାଇଛନ୍ତି। ସମୁଦାୟ ପଦ୍ଧତି ଶେଷକରିବା ଲାଗି ଦେଢ଼ବର୍ଷରେ ସେ ୧୨ ଲକ୍ଷ ଟଙ୍କା ବ୍ୟୟ କରିଛନ୍ତି। ସେ ଏଥିରେ ୯,୦୦୦ ଷ୍ଟ୍ରବେରି ଚାରାଗଛ ଲଗାଇଛନ୍ତି। ଏଥିର ଗତ ୨ ମାସରେ ସେ ୫ ଟନ୍ ଷ୍ଟ୍ରବେରି ଉତ୍ପାଦନକରି ୩ ଲକ୍ଷ ଟଙ୍କା ଲାଭ ପାଇଛନ୍ତି। ଆସନ୍ତା ବର୍ଷ ଏହି ଚାଷରୁ ୧୦ ଲକ୍ଷ ଟଙ୍କା ଲାଭ କରିବେ ବୋଲି ଆଶାବାଦୀ ଅଛନ୍ତି ଧୀରଜ।

## ୫୦ ବର୍ଷ ତଳର ଧରିତ୍ରୀ

୯ ଡିସେମ୍ବର ୧୯୭୬

- ଜାତିସଂଘର ସଚିବ ପ୍ରଧାନ ପଦରେ ୫୮ ବର୍ଷ ବୟସ୍କ ଡଃ ୱାଲଡ୍ ହେଇନ୍ ୨ୟ ଥର ପାଇଁ ପୁନଃ ନିର୍ବାଚିତ।
- ମେକ୍ସିକୋର ପରମାଣୁ ପଦାର୍ଥ ବିଜ୍ଞାନୀ ଡଃ ଲୁଇସ୍ ଏଷ୍ଟ୍ରାଡାଙ୍କୁ ଆନ୍ତର୍ଜାତିକ କଳିଙ୍ଗ ପୁରସ୍କାର ଅର୍ପଣ।

## ଚିରନ୍ତନୀ

କେତେ ପରଶର ପରାସ ଲାଗି ଏ ପ୍ରାଣ
ପାଷାଣରୁ ବଳି ହୋଇଛି ତ ବଡ଼ ଟାଣ
ରୂପର ଝଲକେ ନିଭିଛି ଆଖିରୁ ଜ୍ୟୋତି
ଶିଶୁ ଖେଳ ପରା ଲାଗେ ପ୍ରୀତି ଅଭିମାନ ।
–(ରୂପର ମୋହ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପାନୀୟ ଜଳର ବ୍ୟବସ୍ଥା କରୁନାହାନ୍ତି

ମହାଶୟ,

ଓଡ଼ିଶାର ସବୁ ସହରରେ ଥିବା ହୋଟେଲ ଏବଂ ଲଜ୍‌ଗୁଡ଼ିକରେ ୨୪ ଘଣ୍ଟା ରହିବା ପାଇଁ ରୁମ୍ ପିଛା ଟଙ୍କା ନେଉଛନ୍ତି। ନିଜର କାମ ପାଇଁ ଲୋକମାନେ ବାହାରୁ ଆସି ରହୁଛନ୍ତି। ହେଲେ ପରିତାପର ବିଷୟ, ଅଧିକାଂଶ ହୋଟେଲ କିମ୍ବା ଲଜ୍‌ରେ ସାମାନ୍ୟତମ ପାନୀୟ ଜଳର ବ୍ୟବସ୍ଥା ରଖୁନାହାନ୍ତି। ପାନୀୟ ଜଳର ମାନ ମଧ୍ୟ ରହୁନାହିଁ। ପଚାରିଲେ ଉତ୍ତର ମିଳେ ଫିଲ୍‌ଟରର ବ୍ୟବସ୍ଥା ନାହିଁ। ବାଧିହୋଇ ହୋଟେଲ ଫ୍ରିଜ୍‌ରେ ଥିବା ପାଣି ବୋତଲ ୨୦ଟଙ୍କା ଦେଇ କିଣିବାକୁ ପଡୁଛି। ଏ ବାଟରେ ମଧ୍ୟ ହୋଟେଲ ଓ ଲଜ୍ ମାଲିକମାନେ ଲୋକମାନଙ୍କୁ ଶୋଷଣ କରୁଛନ୍ତି। ଏ ଦିଗରେ ସରକାର ଦୃଷ୍ଟିଦେଇ ସମସ୍ୟା ସମାଧାନ କରିବା ଦିଗରେ ପଦକ୍ଷେପ ନେବା ଦରକାର।

–କନ୍ହେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବାଇକ୍‌କୁ ଚୂର୍‌ମାର୍ କଲା ହାତୀ

ପାରଳାଖେମୁଣ୍ଡି,୮।୧୨(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ପରିଡ଼ା ପଞ୍ଚାୟତର ଜଣେ ବ୍ୟକ୍ତିଙ୍କ ବାଇକ୍ ସୋମବାର ହାତୀପଲ ଚୁରମାର କରି ଦେଇଛନ୍ତି। ବ୍ୟକ୍ତି ଜଣକ ଜାନୀଗୁଡ଼ାଠାରୁ ଆଦାନଗୁଡ଼ା ଯିବା ରାସ୍ତାରେ ପଡୁଥିବା ଡେପାଗୁଡ଼ା ଜଙ୍ଗଲ ରାସ୍ତାରେ ଯାଉଥିବା ବେଳେ ହାତୀପଲ ସହ ମୁହାଁମୁହିଁ ହୋଇଥିଲେ। ହାତୀପଲ ଦେଖି ସେ ଭୟରେ ବାଇକ୍ ଛାଡି ଦୌଡି ପଳାଇଥିଲେ। ପରେ ଏହି ୪ଟିକିଆ ହାତୀପଲରୁ ଏକ ଦନ୍ତାହାତୀ ବାହାରି ବାଇକ୍‌କୁ କଚାଡି ଭାଙ୍ଗିଥିଲା। ଏହାର ଏକ ଭିଡିଓ ଭାଇରାଲ ହୋଇଛି । ଏ ସମ୍ପର୍କରେ କାଶୀନଗର ବନବିଭାଗକୁ ଅବଗତ କରାଯିବା ପରେ କର୍ମଚାରୀମାନେ ହାତୀପଲ ଉପରେ ନଜର ରଖିଛନ୍ତି। ଏହି ହାତୀପଲ ଖବର ଲେଖା ହେବା ବେଳକୁ ସାଢେ ୮ଟା ବେଳକୁ ହରିପୁର ଜଙ୍ଗଲରେ ଥିବା ବନ ବିଭାଗ ସୂଚନା ଦେଇଛି। ସୂଚନାଯୋଗ୍ୟ, ହାତୀପଲ ପୂର୍ବରୁ ପରିଡ଼ା ପଞ୍ଚାୟତରେ ଅନେକ ଫସଲ ନଷ୍ଟ କରିବା ସହ ଘର ଭାଙ୍ଗିଛନ୍ତି।

### ଶ୍ରୀରାମଚରିତ ମାନସ ପାରାୟଣ ପ୍ରସ୍ତୁତି ବୈଠକ

ଦିଗପହଣ୍ଡି,୮।୧୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବଡ଼ ବ୍ରାହ୍ମଣସାହି ସ୍ଥିତ ଶ୍ରୀଗୋପାଳଜୀ ମଠ ପରିସରରେ ରବିବାର ଶ୍ରୀରାମଦୟା ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ଜାନୁୟାରୀ ୮ ରୁ ୧୬ ତାରିଖ ପର୍ଯ୍ୟନ୍ତ ୯ ଦିନ ବ୍ୟାପୀ ଦିଗପହଣ୍ଡି ବଜାର ସାହି ରାଜବାଟି ସିଂହଦ୍ୱାର ସମ୍ମୁଖ ଗାନ୍ଧି ଛକଠାରେ ଶ୍ରୀ ରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ପୁରୀ ସ୍ଥିତ ଶ୍ରୀରାମଦୟା ପରିଷଦର ମୁଖ୍ୟ ମହନ୍ତ ଶ୍ରୀଗଙ୍ଗାରାମ ଦାସ ମହାରାଜାଙ୍କ ସହ ଯୋଗାଯୋଗ କରି ସୁନାମଧନ୍ୟ ପ୍ରବକ୍ତା ମାନଙ୍କୁ ନିମନ୍ତ୍ରଣ କରିବାକୁ ନିଷ୍ପତ୍ତି ନିଆଯାଇଛି। କମିଟିର ସଭାପତି ଭାବେ ହରିକୃଷ୍ଣ ପଣ୍ଡା, କାର୍ଯ୍ୟକାରୀ ସଭାପତି ଭାବେ ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, ଉପସଭାପତି କାଳୁ ଚରଣ ପାଣିଗ୍ରାହୀ, ସମ୍ପାଦକ ରଘୁନାଥ ପାଣିଗ୍ରାହୀ ଏବଂ କୋଷାଧ୍ୟକ୍ଷ ଭାବେ ଶିକ୍ଷକ କାଳୁ ଚରଣ ପାଣିଗ୍ରାହୀଙ୍କୁ ସର୍ବସମ୍ମତ କ୍ରମେ ମନୋନୀତ କରାଯାଇଥିଲା। ବୈଠକରେ ଲକ୍ଷ୍ମୀ ନୃସିଂହ ମାର୍ଥା, ହେମନ୍ତ କୁମାର ପାତ୍ର, ନରସିଂହ ପଣ୍ଡା, ସୁବାସ ଚନ୍ଦ୍ର ପାଢ଼ୀ, ସୁରେନ୍ଦ୍ର ପଟ୍ଟନାୟକ, ଜୀବନ ନନ୍ଦ, ଆଇନଜୀବି ହେମନ୍ତ ପାଣିଗ୍ରାହୀ, ପରେଶ ଚନ୍ଦ୍ର ରଥ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

# ଅବ୍ୟବସ୍ଥା ଘେରରେ ଫୁଲବାଣୀ ଓଏସ୍‌ଆର୍‌ଟିସି

ଫୁଲବାଣୀ, ୮।୧୨(ରାକେଶ କୁମାର ରାଉତ)




ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲା ଫୁଲବାଣୀରୁ ଯାଉଥିବା ଘଟଗାଁ ବସ୍ ଚଳାଚଳକୁ ନେଇ ଅନିଶ୍ଚିତତା ଲାଗି ରହିଛି। ପରିବହନ ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ରାଜ୍ୟ ସଡ଼କ ଓ ପରିବହନ ବିଭାଗ ମାନୁ ନାହିଁ। କିଛି ଦିନ ଚଳାଚଳ କରିଥିବା ଓଏସ୍‌ଆର୍‌ଟିସି ବସ୍ ଏବେ ଫୁଲବାଣୀ କାର୍ଯ୍ୟାଳୟରେ ପଡ଼ି ନଷ୍ଟ ହେଉଛି। ଖାଲି ଏହି ରୁଟ ନୁହେଁ ଫୁଲବାଣୀରୁ ଅନ୍ୟ ଜିଲାକୁ ବସ୍ ଚଳାଚଳ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବି କରାଯାଇଛି। ବାରମ୍ବାର ଦାବି ପରେ ୨୦୨୩ ସେପ୍ଟେମ୍ବର ୧ରେ ବିଭାଗ ତରଫରୁ ଫୁଲବାଣୀରୁ କେନ୍ଦୁଝର ପର୍ଯ୍ୟନ୍ତ ନୂତନ ମାର୍ଗରେ ୨ଟି ଶୀତତାପ ନିୟନ୍ତ୍ରିତ ସରକାରୀ ବସ ଚଳାଚଳ ଶୁଭାରମ୍ଭ କରା ଯାଇଥିଲା। ୧୫ ଦିନ ମଧ୍ୟରେ ବସ୍‌ରେ ଯାନ୍ତ୍ରିକ ତ୍ରୁଟି ଥିବା କାରଣ ଦର୍ଶାଇ ଏବଂ ଯାତ୍ରୀ ହେଉ ନ ଥିବା କହି ବିଭାଗୀୟ କର୍ତ୍ତୃପକ୍ଷଙ୍କ ତରଫରୁ ବସ୍‌ଟିକୁ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦିଆଯାଇଛି। ଯାହା ଦ୍ୱାରା ଜନସାଧାରଣ ମାନଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଘଟଣାକୁ କେନ୍ଦ୍ରକରି ସାମାଜିକ କର୍ମୀ ରାଜେଶ କୁମାର ବର୍ଗର୍ତ୍ତୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଅବଗତ କରାଇବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆ ଯାଇନାହିଁ। ଏନେଇ ସେପ୍ଟେମ୍ବର ୮ରେ ସେ ବାଣିଜ୍ୟ ଓ ପରିବହନ ବିଭାଗୀୟ ସଚିବ ଏବଂ ରାଜ୍ୟ ସଡ଼କ ପରିବହନ ନିଗମର ମୁଖ୍ୟ କାର୍ଯ୍ୟାଳୟ ଯାଇ ବିଭାଗୀୟ ଅଧ୍ୟକ୍ଷଙ୍କ ସହ ଆଲୋଚନା କରିଛନ୍ତି। ବିଭାଗ ତରଫରୁ ଫୁଲବାଣୀ-ଘଟଗାଁ-କେନ୍ଦୁଝର ମାର୍ଗରେ ବସ୍ ଚଳାଚଳ ପାଇଁ ପୁନର୍ବାର ନୂତନ ଭାବେ ମାର୍ଗ ସର୍ଭେ କରାଯାଇଥିଲା। କିନ୍ତୁ ସର୍ଭେ କରିବାର ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଫୁଲବାଣୀ ଠାରୁ ଘଟଗାଁ ଭାୟା-କେନ୍ଦୁଝର ମାର୍ଗରେ ବସ ଚଳାଚଳ କରିପାରିଲା ନାହିଁ। ୨ଟି ଶୀତତାପ ନିୟନ୍ତ୍ରିତ ବସ ଖରା ବର୍ଷାରେ ପଡ଼ି ରହି ଖତ ଖାଇ ନଷ୍ଟ ହେବାକୁ ବସିଲାଣି। ତୁରନ୍ତ ଫୁଲବାଣୀ ଠାରୁ ଘଟଗାଁ ଭାୟା-କେନ୍ଦୁଝର ସମେତ ଜିଲାର ସମସ୍ତ ସ୍ଥାନକୁ ବସ ଚାଲିବା। ସେହିପରି ବ୍ରହ୍ମପୁର, ପାରଳାଖେମୁଣ୍ଡି, ମୋହନା, ଗୁଣୁପୁର, ସୁନାବେଡ଼ା, ମାଲକାନଗିରି,ନବରଙ୍ଗପୁର, ବାରିପଦା, ଭବାନୀପାଟଣା, ଖଡ଼ିଆଳ ରୋଡ଼, ବଲାଙ୍ଗୀର, ଟିଟିଲାଗଡ଼, କଣ୍ଟାମାଳ, ବରଗଡ଼, ଆଠଗଡ଼, ପାରାଦୀପ ଆଦିସ୍ଥାନକୁ ଓଏସ୍‌ଆର୍‌ଟିସି ବସ୍ ଚଳାଚଳ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ରାଜେଶ ଅଭିଯୋଗ କରିଛନ୍ତି।

## ସ୍ୱାକ ସଙ୍ଗଠନ ତରଫରୁ ଜିଲାପାଳଙ୍କୁ ଦାବିପତ୍ର



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ସଙ୍ଗଠନ କର୍ମକର୍ତ୍ତା ।

ଜି.ଉଦୟଗିରି,୮।୧୨(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ବ୍ଲକ୍ ଓ ଟିକାବାଲି ବ୍ଲକ୍ ଅନ୍ତର୍ଗତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଗୁଡ଼ିକର ଶୋଚନୀୟ ଅବସ୍ଥା ଥିବା ନେଇ ଜିଲାପାଳଙ୍କୁ ସ୍ୱାକ ସଂଗଠନ ତରଫରୁ ଦାବିପତ୍ର ପ୍ରଦାନ କରାଯାଇଛି। ଜି.ଉଦୟଗିରି ବ୍ଲକ୍ ରଟିଙ୍ଗିଆ ପଞ୍ଚାୟତ ଅନ୍ତର୍ଗତ ଶ୍ରୀରାମପଦା ଛକଠାରୁ ଭାୟା ରଟିଙ୍ଗିଆ ଦେଇ ଗ୍ରେସିଙ୍ଗିଆ ପର୍ଯ୍ୟନ୍ତ, ମାଲିକାପଡ଼ି ପଞ୍ଚାୟତର ବାଡ଼େନାଳୁ ଛକଠାରୁ ଭାୟା ସୁଜେଲି ଗ୍ରାମଦେଇ ରାଇପଦା ପର୍ଯ୍ୟନ୍ତ, ରାଇକଲା ପଞ୍ଚାୟତର ଶ୍ରିକଲାଠାରୁ ଭାୟା ରାଇକଲା, ଖାରିଆପଡ଼ା ଦେଇ ଯାକାମାହା ଗ୍ରାମ ପର୍ଯ୍ୟନ୍ତ ଏବଂ ଜି.ଉଦୟଗିରି ନିକଟସ୍ଥ ସୁକାନାଣ୍ଡା ଛକଠାରୁ ଭାୟା ତେଲିଙ୍ଗିଆ, ଗଦଗୁଡ଼ା, ଗସାଗୁଡ଼ା, ବ୍ରେକା ଓ ପିକରଡ଼ି ଦେଇ ଟିକାବାଲି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରିବା ପାଇଁ ଦାବି କରାଯାଇଛି। ଜିଲାପାଳ ଉକ୍ତ ସଡ଼କ ସମସ୍ୟା ନେଇ ନିଜେ ତଦନ୍ତ କରି ସଡ଼କ ନିର୍ମାଣ କାମ କରେଇବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ଜି.ଉଦୟଗିରି ଅଞ୍ଚଳରେ ବର୍ତ୍ତମାନ ୪ ଡିଗ୍ରୀ ସେଲସିୟସ ତଳେ ତାପମାତ୍ରା ରହୁଛି। କେନ୍ଦ୍ର ସରକାରଙ୍କ ବ୍ୟବସ୍ଥା ଅନୁସାରେ ୫ ଡିଗ୍ରୀରୁ କମ୍ ତାପମାତ୍ରା ରହୁଥିବା ଅଞ୍ଚଳକୁ ପ୍ରାକୃତିକ ବିପର୍ଯ୍ୟୟ ପୀଡ଼ିତ ଅଞ୍ଚଳ ଭାବେ ଘୋଷଣା କରି ସେଠାକାର ଅସହାୟ ଗରିବ ଲୋକଙ୍କୁ ଚିହ୍ନଟ କରି କମ୍ବଳ ବଣ୍ଟନ କରିବା ପାଇଁ ଅନୁରୋଧ କରାଯାଇଛି। ଏହା ସହିତ ଜି.ଉଦୟଗିରି ଅଞ୍ଚଳରେ ଜଣେ ମାନସିକ ଅସହାୟ ବୃଦ୍ଧା ମହିଳା ଅଳକା ପ୍ରଧାନ ସଂପୂର୍ଣ୍ଣ ଉଲଗ୍ନ ଅବସ୍ଥାରେ ରାଜ ରାସ୍ତାରେ ଗୁରୁଣ୍ଡି ଗୁରୁଣ୍ଡି ଚାଲୁଥିବା ଦୃଶ୍ୟକୁ ଦୃଷ୍ଟିରେ ରଖି ତାଙ୍କୁ ସ୍ଥାୟୀ ଥଇଥାନର ବ୍ୟବସ୍ଥା କରିବା ପାଇଁ ସ୍ୱାକ ସଂଗଠନ ପକ୍ଷରୁ ଜିଲାପାଳଙ୍କୁ ଦାବି କରାଯାଇଛି। ଏହି ସାମୁହିକ ସମସ୍ୟା ଗୁଡ଼ିକୁ ପ୍ରଶାସନ ପକ୍ଷରୁ ତୁରନ୍ତ ସମାଧାନ କରିବା ପାଇଁ ସଂଗଠନର ସଭାପତି ଆମନ ଚନ୍ଦ୍ର ନାୟକ, ଉପସଭାନେତ୍ରୀ ସସ୍ମିତା ମଲ୍ଲିକ, ସମ୍ପାଦକ ହୃଷିକେଶ ପ୍ରଧାନ ଓ ସହ ସମ୍ପାଦକ ସଞ୍ଜୀବ ଦିଗାଲ ଦାବି କରିଛନ୍ତି।

## ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗ କର୍ମଚାରୀଙ୍କ ଆତ୍ମହତ୍ୟା

ପାରଳାଖେମୁଣ୍ଡି,୮।୧୨
(ଗିରିଧାରୀ ପରିଚ୍ଛା)

ଗୋଷାଣି ବ୍ଲକ ଗାରାବନ୍ଧ ଗ୍ରାମ ସିନ୍ଦିରି ସାହିରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଅଶୋକ କୁମାର ନନ୍ଦ (୩୫)। ଏଠାରେ ଏକ ଭଡାଘରେ ପରିବାର ସହ ରହୁଥିବା ଅଶୋକ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗର ଜଣେ କର୍ମଚାରୀ। ମହେନ୍ଦ୍ରଗିରିଠାରେ ବିଭାଗର ସର୍ବେକ୍ଷଣ କାର୍ଯ୍ୟରେ ଅଶୋକ ନିୟୋଜିତ ଥିଲେ। ରବିବାର ରାତିରେ ସେ ଘରର ଉପର ମହଲାରେ ଶୋଇଥିଲେ। ସୋମବାର ସକାଳୁ ଦୀର୍ଘ ସମୟ ଧରି ସେ ନ ଉଠିବାରୁ ସକାଳୁ ତାଙ୍କ ମା' ଉଠାଇବାକୁ ଯାଇ କବାଟ ବାଡେଇଥିଲେ। ଅଶୋକ କବାଟ ନ ଖୋଲିବାରୁ ଗାରାବନ୍ଧ ପୋଲିସକୁ ଅବଗତ କରାଯାଇଥିଲା। ପୋଲିସ ପହଞ୍ଚି କବାଟ ଭାଙ୍ଗି ଦେଖିବା ବେଳକୁ ଅଶୋକ ଝୁଲନ୍ତା ଅବସ୍ଥାରେ ଥିଲେ। ଏନେଇ ସ୍ତ୍ରୀ ରିତାଞ୍ଜଳୀ ଶତପଥୀ ଗାରାବନ୍ଧ ଥାନାରେ ଅଭିଯୋଗ କରିବା ପରେ ଅଶୋକଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ତାଙ୍କ ଆତ୍ମହତ୍ୟାର କାରଣ ଜଣାପଡିନି। ଏନେଇ ନଂ. ୯/୨୫ରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ପ୍ରଶାନ୍ତ ନିସିକା କହିଛନ୍ତି ।

## ଯୁବକଙ୍କ ଆତ୍ମହତ୍ୟା

ଦିଗପହଣ୍ଡି,୮।୧୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଏନ୍‌ଏସି ୧୦ ନଂ. ୱାର୍ଡ ଆନନ୍ଦନଗର ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସୁନୀଲ ସେଠୀ (୨୬)। କୌଣସି କାମଧନ୍ଦା ନ କରି ବେକାର ଥିଲେ। ଖବରପାଇ ଦିଗପହଣ୍ଡି ଥାନା ଏସଆଇ ସୋଫିଆ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ୪୮/୨୫ ଅନୁଯାୟୀ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ପୋଲ ମଝିରେ ବଡ଼ ଗର୍ତ୍ତ, ଡାକୁଛି ବିପଦ

## ବାଲିଗୁଡା-ସାଡିଙ୍ଗିଆ ରାସ୍ତା ଶୋଚନୀୟ

ବାଲିଗୁଡ଼ା,୮।୧୨
(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ଉପଖଣ୍ଡରେ ବହୁ ସମସ୍ୟା ଲାଗି ରହିଛି। ରାସ୍ତାଘାଟ ପାନୀୟଜଳ, ଶିକ୍ଷା ବ୍ୟବସ୍ଥା ସହ ଅନ୍ୟ ସମସ୍ୟା ରହିଛି। ରାସ୍ତାଘାଟ ଅବସ୍ଥା ଏପରି ଯେ, ସହରର ୧୩ଟି ଯାକ ୱାର୍ଡ଼ର ରାସ୍ତା ଯାତାୟାତ ଅନୁପଯୋଗୀ ହୋଇପଡିଛି। ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ୱାର୍ଡ଼ବାସୀ ଲିଖିତ ଭାବେ ଜଣାଯାଇଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏନେଇ ଯେତେବେଳେ ବିଭାଗୀୟ ଅଧିକାରୀଙ୍କୁ ପଚାରିଲେ ସେହି ଗୋଟିଏ ଘୋଷା ଉତ୍ତର ଦେଉଛନ୍ତି, ରାସ୍ତା ମରାମତି ପାଇଁ ଅର୍ଥ ଓ ଅନୁମତି ମଗାଯାଇଛି, ଆସିଲେ ମରାମତି କରାଯିବ।

ବାଲିଗୁଡ଼ା ସହରର ଇଲେକ୍ଟ୍ରିସାହିଠାରୁ ଫିରିଙ୍ଗିଆ ବ୍ଲକର ସାଡ଼ିଙ୍ଗିଆ ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଲାଣି। ରାସ୍ତାସାରା ବଡବଡ ଖାଲଖମାରେ ଭର୍ତ୍ତି ହୋଇ ରହିଛି। ଇଲେକ୍ଟ୍ରି ସାହି ସହ ଖଜୁରୀନାଳ ସାହିକୁ ସଂଯୋଗ କରୁଥିବା କଲଭର୍ଟ ପୋଲରେ ଏକ ବଡ ଗର୍ତ୍ତ ସୃଷ୍ଟି ହୋଇଛି। ଏହା ପ୍ରତି ମୁହୂର୍ତ୍ତରେ ବିପଦକୁ ଡାକୁଛି। ଗାଡିମୋଟର ଯାତାୟାତ ବେଳେ ସାମାନ୍ୟ ଏପଟ ସେପଟ ହେଲେ ସିଧା ଖାଲରେ ପଡ଼ିବ । ଏହି ରାସ୍ତା ଉପରେ ବାଲିଗୁଡ଼ା ବ୍ଲକର ୪ଟି ପଞ୍ଚାୟତର ଶତାଧିକ ଗ୍ରାମବାସୀ ନିର୍ଭର କରନ୍ତି। ଏଠାରେ ନଦୀ ବାଲି ଡିପୋ ଥିବାରୁ ବାଲି ବୋଝେଇ ହାଇୱା, ଟ୍ରକ ସବୁ ସମୟରେ ଯାତାୟାତ କରୁଛି। ଏଥିସହ ସରକାରୀ, ବେସରକାରୀ ଯାତ୍ରୀବାହୀ ବସ୍, ସ୍କୁଲ୍ ବସ୍, ଅଟୋ, ବାଇକ୍ ଯାତାୟତ କରୁଛି। ଉକ୍ତ ପୋଲ ଖାଲକୁ ସାହି ଲୋକେ ଜରି ଓ ବାଉଁଶ ଦେଇ ଗୁଡ଼େଇ ରଖିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ୟାମ ସୁନ୍ଦର ସିଂଙ୍କୁ ପଚାରିବାରୁ ସେ କହିଛନ୍ତି, ରାସ୍ତାକାମ ପାଇଁ ଅର୍ଥ ଆସିଲେ କାମ ହେବ। ତେବେ କେବେ ଅର୍ଥ ମଞ୍ଜୁର ହେବ ଓ କାମ କେବେ ହେବ ସେନେଇ ସହକାରୀ ନିର୍ବାହୀ ଯନ୍ତ୍ରୀ ନିରୁତ୍ତର। ଏଥିପ୍ରତି ପ୍ରଶାସନ ପଦକ୍ଷେପ ନ ନେଲେ ଅଞ୍ଚଳବାସୀ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି।

## ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା

ଆସିକା,୮।୧୨
(ସୁରେନ୍ଦ୍ର ନାଥ ସାହୁ):

ଆସିକା ତହସିଲ ଅନ୍ତର୍ଗତ ବାବନପୁର ଗ୍ରାମର ପଞ୍ଚାନନ ରାଉତଙ୍କ ଗତ ଜୁଲାଇ ମାସରେ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା । ଶନିବାର ଆସିକା ବିଧାୟକ ସରୋଜ କୁମାର ପାଢୀ, ତହସିଲଦାର ସଙ୍ଗୀତା ସେନ ମୃତକଙ୍କ ଘରେ ପହଞ୍ଚି ତାଙ୍କ ସ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଏହି ସରକାରୀ ସହାୟତା ଲାଗି ଆସିକା ବିଧାୟକ ଓ ତହସିଲଦାରଙ୍କ ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି । ସୂଚନା ଯୋଗ୍ୟ ବିଧାୟକ ପାଢୀ ଏହି ପରିବାରର ଆର୍ଥିକ ଅବସ୍ଥାରେ ସହାୟତା ପ୍ରଦାନ ଲାଗି ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

## ବ୍ଲକ୍‌ସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା

ବାଲିଗୁଡ଼ା,୮।୧୨(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ନୂଆସାହି ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ ମହେଶ୍ୱର ମାଝୀ ଏବଂ ସମ୍ମାନିତ ଅତିଥି ଭାବେ ପଦ୍ମଲୋଚନ ପଣ୍ଡା ଯୋଗଦେଇ ଉଦଘାଟନ କରି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବାଲିଗୁଡ଼ା ବ୍ଲକ୍‌ର ୩୮ଟି ବିଦ୍ୟାଳୟର ୧୦୧ ଜଣ ଛାତ୍ରୀଛାତ୍ର କୁଇଜ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତିତ୍ୱ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ପ୍ରତିଯୋଗିତାରେ ବ୍ଲକ୍‌ର ବରିଷ୍ଠ ପ୍ରଧାନ ଶିକ୍ଷକ ଶିଶିର କାନ୍ତ ପଣ୍ଡା, ଶିଶିର କାନ୍ତ ଦାସ, ଶ୍ରୀଧର ସାହୁ ଏବଂ ସିଆରସିସି ଗାୟତ୍ରୀ ପାଳଙ୍କ ସମେତ ସମସ୍ତ ସିଆରସିସି, ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

### ଅନ୍ତର୍ଜାତୀୟ ବରିଷ୍ଠ ନାଗରିକଙ୍କ କ୍ରୀଡା
## ପାରଳାଖେମୁଣ୍ଡିର କିଶୋରଙ୍କୁ ବ୍ରୋଞ୍ଜ, ରୌପ୍ୟ ପଦକ

ପାରଳାଖେମୁଣ୍ଡି,୮।୧୨(ଗିରିଧାରୀ ପରିଚ୍ଛା): ହାଇଦ୍ରାବାଦ ଉସମାନିଆ ବିଶ୍ୱ ବିଦ୍ୟାଳୟ ଖେଳ ପଡିଆରେ ସପ୍ତମ ଅନ୍ତର୍ଜାତୀୟ ବରିଷ୍ଠ ନାଗିରିକଙ୍କ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶାର ୧୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଗଜପତି ଜିଲା ସଦର ପାରଳାଖେମୁଣ୍ଡିର ବରିଷ୍ଠ ନାଗରିକ ମଞ୍ଚର କିଶୋର ଚନ୍ଦ୍ର ରଥ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେ ୧୦୦ ମିଟର ଦୌଡରେ ତୃତୀୟ ସ୍ଥାନ ହାସଲ କରି ବ୍ରଞ୍ଜ ପଦକ ଏବଂ ଟ୍ରିପଲ ଜମ୍ପରେ ଦ୍ୱିତୀୟ ସ୍ଥାନ ହାସଲ କରି ରୌପ୍ୟ ପଦକ ହାସଲ କରିଛନ୍ତି।


### QUOTATION CALL NOTICE

Sealed Quotations are invited from registered firms having valid GSTN for supply of various items related to the IT infrastructure as per the specification given by the Govt. of Odisha (Govt. of Odisha Higher Education No.202469785168/Dt.5.3.25 Non-Govt. aided colleges having students strength less than 750). The sealed Quotations should reach the office of the undersigned within 10 days from the date of publication of the notice. The undersigned reserves the right to cancel any quotation without assigning any reason thereof.

Sd./- Principal
Anchalika Degree Mahavidyalaya,
Pragyanvihar, Siminai, Dhenkanal-759025


# ଜବରଦଖଲରେ ଶ୍ମଶାନ ଗୃହ

## ବାରମ୍ବାର ଜଣାଇଲେ ବି ଶୁଣୁନି ଏନଏସି ପ୍ରଶାସନ

ପୁରୁଷୋତ୍ତମପୁର,୮।୧୨(ସବିତା ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁରରେ ମୃତଦେହ ଦାହ କରିବା ଲୋକଙ୍କ ଲାଗି ସମସ୍ୟା ପାଲଟିଛି। ଏସମ୍ପର୍କରେ ବାରମ୍ବାର ଜଣାଇଥିଲେ ମଧ୍ୟ ଏନଏସି ପ୍ରଶାସନ, ଅଧ୍ୟକ୍ଷ କିମ୍ବା ଜନପ୍ରତିନିଧିମାନେ କେହି ଗୁରୁତ୍ୱ ଦେଉ ନ ଥିବା ଦେଖିବାକୁ ମିଳୁଛି। ୧୪ ୱାର୍ଡ ବିଶିଷ୍ଟ ଏହି ଏନଏସିର ଆରମ୍ଭ ଓ ଶେଷରେ କନକା ଓ କୁମାରୀ ମୌଜାରେ ମୃତଦେହ ଦାହ ଲାଗି ଗୃହ ରହିଛି। ପୁରଷୋତ୍ତମପୁର ମୌଜାର ସହର ମଧ୍ୟ ଭାଗରେ ରହିଥିବା ୱାର୍ଡନଂ ୭,୮,୯,୧୦,୧୧ର ବାସିନ୍ଦା ମୃତଦେହ କାନ୍ଧେଇ ବହୁଦୂରରେ ଥିବା କନକା ଓ କୁମାରୀ ମୌଜା ଶ୍ମଶାନଘାଟକୁ ନେଉଛନ୍ତି। ଏଥିପାଇଁ ୱାର୍ଡବାସୀ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। କପିଳେଶ୍ୱର ମନ୍ଦିର ସମ୍ମୁଖ ତୋରାବଣ ପାର୍ଶ୍ୱ ରୁଷିକୁଲ୍ୟା ନଦୀପଠାରେ ଗତକିଛି ବର୍ଷ ତଳେ ନିର୍ମିତ ଶବଦାହ ଗୃହକୁ କେତେ ଜଣ ବ୍ୟକ୍ତି ବେଆଇନଭାବେ କବଜା କରି ରଖି ତା' ନିକଟରେ ଗୃହ ନିର୍ମାଣ କରିଛନ୍ତି। ଫଳରେ ମୃତଦେହ ଦାହ ନେଇ ସମସ୍ୟା ଉପୁଜୁଛି। ମୃତଦେହ ଦାହ ଲାଗି ରୁଷିକୁଲ୍ୟା ନଦୀପଠା ଏକମାତ୍ର ସ୍ଥାନ ହୋଇଥିବାରୁ ବର୍ଷା ଦିନେ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ପଠାରେ ମୃତଦେହ ଦାହ କରିବା ଓ ଅନ୍ୟାନ୍ୟ କ୍ରିୟାକର୍ମ କରିବା କଷ୍ଟକର ହୋଇପଡୁଛି। ଏହାକୁ ଗୁରୁତ୍ୱ ଦେଇ ଏନଏସି ପ୍ରଶାସନ ଏଠାରେ ଗୃହ ନିର୍ମାଣ କରି ରହିଥିବା ବ୍ୟକ୍ତିଙ୍କୁ ହଟାଇ ମୃତଦେହ ଦାହ ପାଇଁ ସହରବାସୀଙ୍କ ପାଇଁ ଏହାକୁ ଜବରଦଖଲମୁକ୍ତ କରିବାକୁ ସାଧାରଣରେ ଦାବି ହେଉଛି।

# ମିଟର ନ ବଦଳାଇବାକୁ ନିର୍ଦ୍ଦେଶ ଦେଲା ପୌର ପରିଷଦ

ପାରଳାଖେମୁଣ୍ଡି,୮।୧୨(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ଗତ କିଛି ଦିନ ହେଲା ଟିପିଏସ୍‌ଓଡିଏଲ୍ ମିଟର ବଦଳାଇ ସ୍ମାଟ ମିଟର ଲଗାଇବାକୁ ସହରବାସୀ ବିରୋଧ କରିଛନ୍ତି। ଏନେଇ ପାରଳ ପୌର ପରିଷଦର ଏକ ବୈଠକରେ ପ୍ରସ୍ତାବ ପାରିତ ହୋଇ ଗ୍ରାହକଙ୍କ ବିନା ସମ୍ମତିରେ ଟିପିଏସ୍‌ଓଡିଏଲ୍ ସେମାନଙ୍କ ମିଟର ନ ବଦଳାଇବାକୁ ନିର୍ଦ୍ଦେଶ ହୋଇଛି। କମ୍ପାନୀର କର୍ମଚାରୀ ପାରଳାଖେମୁଣ୍ଡି ସହରର ବିଭିନ୍ନ ସାହି, ଗଳିଗୁଡିକରେ ବିଦ୍ୟୁତ୍ ମିଟର ଭଲ ଥିଲେ ମଧ୍ୟ ଗ୍ରାହକମାନଙ୍କ ବିନା ସମ୍ମତ ସ୍ମାଟ୍ ମିଟର ଲାଗାଉଥିଲେ। ଗ୍ରାହକଙ୍କୁ ଭୁଲ ତଥ୍ୟ ଦେଇ ମିଟର ଖରାପ ଅଛି କହି ସେମାନେ ସ୍ମାଟ ମିଟର ଲଗାଇବାକୁ ପଛାଉ ନ ଥିଲେ। ବଡ଼ଦାଣ୍ଡରେ ବିଭିନ୍ନ ଦୋକାନରେ ସ୍ମାଟ ମିଟର ବସାଇବାକୁ ନେଇ କେତେ ଜଣ ବ୍ୟବସାୟୀ ବିରୋଧ କରିବାରୁ ସେମାନଙ୍କ ସହ ଯୁକ୍ତିତର୍କ ହେବାର ନଜୀର ମଧ୍ୟ ରହିଛି। ଏହାକୁ ନେଇ ଅଭିଯୋଗ ପରେ ପାରଳା ପୌର ପରିଷଦର ଏକ ବୈଠକରେ ଆଲୋଚନା ହୋଇଥିଲା। ବିଭିନ୍ନ ୱାର୍ଡର କାଉନସିଲରମାନେ ମଧ୍ୟ ଏନେଇ ଅଭିଯୋଗ ଆଣିଥିଲେ। ପାରଳା ପୌରଧ୍ୟକ୍ଷା, ବିଧାୟକ, ଏମ୍‌ପି ପ୍ରତିନିଧି ଆଲୋଚନା କରି ପୌର ପରିଷଦ ଅଞ୍ଚଳରେ ମିଟର ନ ବଦଳାଇବାକୁ ବିଦ୍ୟୁତ୍ ବିଭାଗକୁ ନିର୍ଦ୍ଦେଶ ଦେବାକୁ ପ୍ରସ୍ତାବ ପାରିତ ହୋଇଥିଲା। ଫଳରେ ପୌର ନିର୍ବାହୀ ଯନ୍ତ୍ରୀ ତାଙ୍କ ପତ୍ରସଂଖ୍ୟା ୪୨୩୨/୬।୧୨।୨୫ରେ ବିଦ୍ୟୁତ୍ ବିଭାଗକୁ ନିର୍ଦ୍ଦେଶ ଦେଇ ଗ୍ରାହକଙ୍କ ବିନା ସମ୍ମତିରେ ମିଟର ବଦଳାଇ ସ୍ମାଟ ମିଟର ଲଗାଇବାକୁ ବାରଣ କରିଛନ୍ତି। ସୂଚନାଯୋଗ୍ୟ, ବିଭିନ୍ନ ସମୟରେ ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ସ୍ମାର୍ଟ ମିଟର ଲଗାଇବାକୁ ବିରୋଧ କରି ଏ ସମ୍ପର୍କରେ ଓଇଆରସିକୁ ଜଣାଇଛି। ମାତ୍ର ଏ ଦିଗରେ ଓଇଆରସି କୌଣସି ପଦକ୍ଷେପ ନେଇ ନ ଥିବା ମହାସଂଘ ଅଭିଯୋଗ କରିଛି।


### OFFICE OF THE ASKA CO-OPERATIVE SUGAR INDUSTRIES LTD., NUAGAM (ASKA)

P.O.NUAGAM (ASKA)-761111, GANJAM DISTRICT, ODISHA
Phones:06822-273464, email:askasugar@yahoo.co.in, website:askasugar.com
Letter No.(Engg.) 1991, Dt.06.12.2025

Sealed Tenders are invited from competent farm/agency for undertaking **"AMC of Global make electronic weigh bridges 40 MT (01 No.), 10 MT (02 Nos.) & Eurotech make electronic weigh bridge 80 MT (01 No.)"** for the crushing season 2025-2026 at the Aska Co-operative Sugar Industries Ltd., Nuagam, Aska. Interested tenderers can get details & obtain tender form by download from our **website: www.askasugar.com.** Filled tender forms can be sent by Speed Post/ Registered Post only, which should reach the office latest by dated. 18.12.2025 by 05.00 P.M.

Sd./- Managing Director

### सीएमपीडीआई cmpdi मिनी रत्न Mini Ratna
सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LTD.
(कोल इण्डिया लिमिटेड की एक अनुषंगी ईकाई)/(A Subsidiary of Coal India Limited)
गोन्दवाना प्लेस, काँक रोड राँची - 834008, झारखंड, भारत

**सूचना/NOTICE**

"सामग्री, कार्यो एवं सेवाओं की खरीद हेतु सीआईएल एवं इसकी अनुषंगी कम्पनियों द्वारा जारी सभी निविदाएँ कोल इण्डिया लिमिटेड की वेबसाइट **www.coalindia.in**/सम्बंधित अनुषंगी कम्पनी (सीएमपीडीआई, **www.cmpdi.co.in**), सीआईएल ई-प्रोक्योरमेंट पोर्टल **https://coalindiatenders.nic.in** एवं सेन्ट्रल पब्लिक प्रोक्योरमेंट पोर्टल **https://eprocure.gov.in** पर उपलब्ध है । इसके अलावा, जीईएम पोर्टल **https://gem.gov.in** के माध्यम से भी खरीद की जाती है ।"/ "All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in**/respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM Portal **https://gem.gov.in.**"

### OFFICE OF THE EXECUTIVE ENGINEER
### MINOR IRRIGATION DIVISION, LOHARDAGA

**e-Procurement Notice**

Tender Reference No. WRD /MID/LOHARDAGA/F2-26/2025-26
Date – 06/12/2025

| | | |
|---|---|---|
| 1. | Name of Work | Construction of Series Checkdam on Paras Nala at vill – Heswe , Block – Senha, Distt.- Lohardaga. |
| 2. | Estimated Cost (Rs. In Lakh) | Rs. 122.811 Lakh |
| 3. | Time of Completion | 11 Months |
| 4. | Date of Publication of e-Tender on website | 24/12/2025 at 05:00 PM |
| 5. | Last date/Time for Submission of e-Tender BID's | 01/01/2026 up to 05:00 PM |
| 6. | Last date for online Submission of Tender Fee and EMD | e-Procurement Portal (jharkhandtenders.gov.in) 01/01/2026 up to 05:00 PM |
| 7. | Date of opening Tender | 03/01/2026 at 02:00 PM |
| 8 | Name & address of office inviting tender | Executive Engineer, Minor Irrigation Division, Lohardaga. |
| 9. | (a) Contact No. of e-Procurement officer (b) E-Mail of e-Procurement officer | 9801286765 Midloh632@gmail.com |
| 10. | Helpline Number of e-Procurement cell | 7488537740 |

**Note: - (1) Only e-Tender will be accepted**
**(2) Published Estimated Cost may be Increase or Decrease.**
**Further details can be seen on website** http://jharkhandtenders.gov.in

Executive Engineer
PR 367989 (Lohardaga) 25-26 (D) Minor Irrigation Division, Lohardaga.

### GOVERNMENT OF JHARKHAND
### OFFICE OF THE EXECUTIVE ENGINEER
### R.C.D. , ROAD DIVISION, SAHIBGANJ

**e- Procurement Notice**
**(2nd Call)**
**(SHORT TENDER)**

e-Tender Reference no.- **RCD/SAHIBGANJ/1047/2025-26**
**Dated : 06.12.2025**

| | | |
|---|---|---|
| 1 | Name of Work | **IRQP/Strengthening work of Shobhanpur Bhatta to Rajgaon via Kishan Prasad from K.M. 0.00 to 19.625 under Road Division, Sahibganj for the Year 2025-26** |
| 2 (a) | Estimated Cost (Rs) | **Rs. 12,57,13,074.00** (Rupees Twelve Crore Fifty Seven Lakh Thirteen Thousand Seventy Four) Only. |
| (b) | Bid Security (Rs) | **12,58,000.00** (Rupees Twelve Lakh and Fifty Eight Thousand) Only. |
| 3 | Time of Completion | 06 (Six) Months |
| 4 | Last date / Time for receipt of bids | 23.12.2025 upto 12.00 Noon |
| 5 | Date of Publication of Tender on website | 10.12.2025 from 10.30 A.M. |
| 6 | Name & address of office Inviting tender | Executive Engineer, R.C.D. Road Division, Sahibganj |
| 7 | Contact no. of Procurement officer | 8271102250 |
| 8 | Helpline number of e- Procurement cell | 0651 - 2401010 |

Further details can be seen on website *http://jharkhandtenders.gov.in*

EXECUTIVE ENGINEER
ROAD CONSTRUCTION DEPARTMENT
ROAD DIVISION, SAHIBGANJ

PR 367995 (Road) 25-26 (D)

## ସଂକ୍ଷେପରେ

### କେଭି ନିର୍ମାଣାଧୀନ କୋଠା ତଦାରଖ କଲେ ଜିଲାପାଳ

ହିଞ୍ଜିଳିକାଟୁ,୮।୧୨( ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳିକାଟୁ କେନ୍ଦ୍ରୀୟ ବିଦ୍ୟାଳୟର ନିର୍ମାଣାଧୀନ କୋଠା ସୋମବାର ଗଞ୍ଜାମ ଜିଲାପାଳ ଭି.କୀର୍ତ୍ତିଭାସନ ତଦାରଖ କରିଛନ୍ତି। ଦୀର୍ଘ ଦିନ ଏହି ନିର୍ମାଣ କାର୍ଯ୍ୟ ଜାରି ରହିଛି। ଟେଣ୍ଡରରେ ଧାର୍ଯ୍ୟ କରାଯାଇଥିବା ସମୟସୀମା ଅତିକ୍ରମ କରିଥିଲେ ମଧ୍ୟ ନିର୍ମାଣକାରୀ ଏଜେନ୍ସି ସିପିଡବ୍ଲ୍ୟୁ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏହି ସମୟରେ ଜିଲାପାଳଙ୍କ ସହ ବିଡ଼ିଓ ସାଗରିକା ଷଡ଼ଙ୍ଗୀ ଓ କେଭିର ପ୍ରିନ୍ସିପାଲ ଅନ୍ୟମାନେ ଉପସ୍ଥିତ ରହିଥିଲେ। ଅନ୍ୟପକ୍ଷରେ ବର୍ତ୍ତମାନ ବୃନ୍ଦାବନ ବିଦ୍ୟାଳୟ ପରିସରରେ ଚାଲିଥିବା କେଭି କୋଠା ଅସୁରକ୍ଷିତ ଅବସ୍ଥାରେ ଅଛି। ଛାତରୁ ପଲସ୍ତରା ଖସିବା କାରଣରୁ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ଭୟ ରହିଛି। ପରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ହିଞ୍ଜିଳିକାଟୁ ବ୍ଲକ୍ ଅର୍ନ୍ତଗତ ସାରୁ ଓ ରାଳବ ପଞ୍ଚାୟତରେ ଚାଲିଥିବା ବିଭିନ୍ନ ନିର୍ମାଣାଧୀନ କାର୍ଯ୍ୟ ଗୁଡ଼ିକ ସହ ସମୀକ୍ଷା କରିଥିଲେ।

# ଦଣ୍ଡନାଚରେ ହେବ ସାମାଜିକ ନାଟକ

ଛତ୍ରପୁର,୮।୧୨(ଦିଲୀପ ସାମଲ):



ଅତିରିକ୍ତ ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଦଣ୍ଡନାଚ ସଙ୍ଗଠନ ସହ ବିଭିନ୍ନ ସଂଘର କର୍ମକର୍ତ୍ତାମାନେ।

ଗଞ୍ଜାମ ଜିଲାର ଦଣ୍ଡନାଚରେ ସାମାଜିକ ନାଟକ ମଞ୍ଚସ୍ଥ ହେବ। ରାତ୍ର ମଞ୍ଚରେ ପାରମ୍ପରିକ କଳା ସହିତ ସାମାଜିକ ନାଟକ ମଞ୍ଚସ୍ଥକୁ ଅନୁମତି ଦେଇ ନୂତନ ଦଣ୍ଡନାଚ ଏସଓପି ବାହାର କରିବା ନେଇ ଅତିରିକ୍ତ ଜିଲାପାଳ ସୁନିଲ କେର୍କେଟା ଓ ଜିଲା ସଂସ୍କୃତି ଅଧିକାରୀ ଆଦିତି ଆଚାର୍ଯ୍ୟ ସୂଚନା ଦେଇଛନ୍ତି । ପୂର୍ବ ନିଷ୍ପତ୍ତି ପ୍ରକାରେ ସୋମବାର ଦଣ୍ଡନାଚ ସଙ୍ଗଠନ, ନିର୍ଦ୍ଦେଶକ ସଂଘ, କଳାକାର ସଂଘ, ଚିତ୍ରାଳୟ ସଂଘ ସହ ଅନ୍ୟ ଅନୁଷ୍ଠାନର ଶତାଧିକ କର୍ମକର୍ତ୍ତା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ଗଞ୍ଜାମ ଜିଲା ନାଟ୍ୟ ନିର୍ଦ୍ଦେଶକ ସଂଘର ସଭାପତି ରାଜଗୋପାଳ ପାଢ଼ୀ,ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଟୁଟୁ ପାଢ଼ୀ, ଚିତ୍ରାଳୟ ସଂଗଠନର ରାଜ୍ୟ ସମ୍ପାଦକ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ,ଦଣ୍ଡନାଚ ସଂଗଠନର ନବର୍ନିବାଚିତ ସଭାପତି ବ୍ରଜସୁନ୍ଦର ମଲିକ,ସମ୍ପାଦକ ବିବେକାନନ୍ଦ ପ୍ରଧାନ, କୋଷାଧ୍ୟକ୍ଷ କୃତିବାସ ଡାକୁଆ, ସୁବାସ ଜେନା, ଭବାନୀ ଶଙ୍କର ମଳିକ, ରଜନୀକାନ୍ତ ସାହୁ, ସୁନିଲ ନାୟକ, ରବୀନ୍ଦ୍ର ବେହେରା, ଗଙ୍ଗୋପ ପରିଡ଼ା, ବିଟୁସାହୁ, ସରୋଜ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଜିଲା ପ୍ରଶାସନର ଏସଓପି ମାନି ସମସ୍ତେ ଅପସଂସ୍କୃତି, ଦ୍ୱିଅର୍ଥ ବୋଧକ ଶବ୍ଦ ଓ ନଗ୍ନତା ବିହୀନ ଦଣ୍ଡନାଚ କରି ଗଞ୍ଜାମର ଦଣ୍ଡନାଚ ପରମ୍ପରାକୁ ବିକଶିତ କରିବେ ବୋଲି ଅତିରିକ୍ତ ଜିଲାପାଳଙ୍କ ନିକଟରେ କହିଥିଲେ। ଦଣ୍ଡନାଚ ମହାସଂଘର ନୂତନ କର୍ମକାର୍ତ୍ତାଙ୍କ ସହିତ ଦଣ୍ଡନାଚ ସମ୍ପର୍କିତ ଆଲୋଚନା କରିବାକୁ ଉପସ୍ଥିତ ଅତିରିକ୍ତ ଜିଲାପାଳ ଓ ସଂସ୍କୃତି ଅଧିକାରୀଙ୍କୁ ଭେଟିବାକୁ ଯାଇଥିବା ପ୍ରତିନିଧି ଦଳ ଜଣାଇଥିଲେ । ଏହି ଅବସରରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ପ୍ରଦାନ କରାଯାଇଥିଲା । ପ୍ରଶାସନ ତରଫରୁ ସାମାଜିକ ନାଟକକୁ ଦଣ୍ଡନାଚର ରାତ୍ର ମଞ୍ଚରେ ଅନୁମତି ମିଳିବା ପରେ ସବୁ ମହଲରେ ଏହାକୁ ସ୍ୱାଗତ କରାଯାଇଛି।

# ଦୁର୍ଘଟଣାରେ ଯୁବକ ଗୁରୁତର

## ଭଞ୍ଜନଗର-ଦୁର୍ଗାପ୍ରସାଦ ରାସ୍ତା ଅସୁରକ୍ଷିତ

ଭଞ୍ଜନଗର,୮।୧୨(ବାବୁଲା ପ୍ରଧାନ):

ଭଞ୍ଜନଗର-ଫୁଲବାଣୀ ମୁଖ୍ୟ ରାସ୍ତାର ସୋରାଦେବୀ ମନ୍ଦିର ନିକଟରେ ସୋମବାର ସନ୍ଧ୍ୟାରେ ଦୁର୍ଘଟଣାରେ ଜଣେ ବାଇକ ଚାଳକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ କଣ୍ଟେଇପଲ୍ଲୀର ଜି. ଏସ. ସ୍ୱାଇଁ। ସେହି ରାସ୍ତାରେ ଆସୁଥିବା ଭେଜିପୁଟର କେତେଜଣ ଯୁବକ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଯୁବକ ଜଣଙ୍କ ଫୁଲବାଣୀରୁ କୌଣସି କାମରେ ଭଞ୍ଜନଗର ଆସୁଥିଲେ। ସୋରାଦେବୀ ମନ୍ଦିର ନିକଟରେ ହଠାତ୍ କୌଣସି ଏକ ଜନ୍ତୁ ବାଇକ୍ ଆଗକୁ ଚାଲି ଆସିବାରୁ ଧକ୍କା ହୋଇ ବାଇକ୍‌ରୁ ଖସି ପଡ଼ିଥିଲେ। ଭେଜିପୁଟର ମିଥୁନ ସ୍ୱାଇଁ ଏବଂ ଅନ୍ୟମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କର ହସ୍ପିଟାଲକୁ ଆଣିଥିଲେ। ଗତ କିଛିମାସ ହେବ ଉକ୍ତ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଦ୍ରୁତ ଗତିରେ ଗାଡି ଚଳାଇବା, ନିଶାସକ୍ତ ଚାଳକ, ଜାତୀୟ ରାଜପଥ ଉପରେ ବନ୍ୟପ୍ରାଣୀଙ୍କ ଚଳପ୍ରଚଳ ବୃଦ୍ଧି ଯୋଗୁ ଦୁର୍ଘଟଣା ବଢୁଛି। ଗତ ଗୁରୁବାର ରାତିରେ ସୋରାଦେବୀ ମନ୍ଦିରଠାରୁ କିଛି ଦୂରରେ ଏକ କଲରାପତରିଆ ବାଘ ଗୋଟିଏ ବାଛୁରୀକୁ ମାରି ଖାଇଥିଲା। ସୋମବାର କେଉଁ ଜନ୍ତୁ ରାସ୍ତା ଉପରକୁ ଚାଲିଆସିଲା ତାହା ବାଇକ ଚାଳକ ଜାଣି ପାରୁନାହାନ୍ତି।

# ଋଷିକୁଲ୍ୟାରେ ଧ୍ରୁବ ହଂସ ବ୍ରାଡହଜ୍



ଗଞ୍ଜାମ,୮।୧୨(ବିଦ୍ୟାଧର ସାହୁ)

ଶୀତର ପ୍ରକୋପ ବୃଦ୍ଧି ପାଇବା ଫଳରେ ଋଷିକୁଲ୍ୟା ନଦୀ ଅଞ୍ଚଳରେ ବିଦେଶୀ ଅତିଥି ପକ୍ଷୀ ଧ୍ରୁବ ହଂସ ବ୍ରାଡହଜ୍‌ଙ୍କ ଆଗମନ ହୋଇଥିବା ଦେଖିବାକୁ ମିଳିଛି। ଏବେ ବହୁ ସଂଖ୍ୟାରେ ହୁମ୍ମା ଲୁଣ ଜମିରେ ରହିଥିବା ଜଳାଶୟରେ ଜଳକ୍ରୀଡା କରିବା ସହ ଖାଦ୍ୟ ଆହାର କରୁଥିବା ଲକ୍ଷ୍ୟ କରାଯାଇଛି। ନଭେମ୍ବର ମାସରେ ପ୍ରବଳ ଥଣ୍ଡା ସହି ନ ପାରି ମାଙ୍ଗୋଲିଆ, ଚୀନ, ପାକିସ୍ତାନ, ବାଂଲାଦେଶ, ମିଆଁମାର ଓ ସାଲିମର ପ୍ରମୁଖ ଅଞ୍ଚଳରୁ ଆସିଥାନ୍ତି। ଦଳଗତ ଭାବେ ଜଳକ୍ରୀଡା, ବାଲୁକା ଶଯ୍ୟାରେ ଖାଦ୍ୟ ସଂଗ୍ରହ ଓ ଉଡ଼ିବାର ମନୋରମ ଦୃଶ୍ୟ ଶୀତ ଦିନେ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିଥାଏ। ଆଗାମୀ ଦିନରେ ଏହି ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ଘଟିପାରେ ବୋଲି ଯୁବ ପରିବେଶବିତ ରବିନ୍ଦ୍ର ନାଥ ସାହୁ କହିଛନ୍ତି। କିଛି ଦିନ ତଳେ ସାମୁଦ୍ରିକ ଝଡ଼ର ପ୍ରଭାବ ଯୋଗୁ ଏହି ପକ୍ଷୀ ଆସିବାରେ ବିଳମ୍ବ ଘଟିଥିବା ସେ କହିଛନ୍ତି।

# ଜବରଦଖଲ ଉଚ୍ଛେଦ ସହ କମ୍ୟୁନିଟି ହଲ୍ ନିର୍ମାଣ ଦାବି


ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଅମ୍ବିକାନଗରବାସୀ ।

ବ୍ରହ୍ମପୁର,୮।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ମହାନଗର ନିଗମର ୨୫ନଂ. ୱାର୍ଡ ଅମ୍ବିକା ନଗର ପ୍ରଥମ ଗଳିରେ ଏକ ସର୍ବସାଧାରଣ ଉପଯୋଗୀ ଜାଗାକୁ ଜଣେ ବ୍ୟକ୍ତି ଜବରଦଖଲ କରିଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ପରେ ବିଇଡିଏ ଏନଫୋର୍ସମେଣ୍ଟ ବିଭାଗକୁ ଉକ୍ତ ଜାଗାରୁ ଜବରଦଖଲ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦେବା ସହ ଏକ ଲଟକା ଜାରି କରିଛି। ସାହି ବାସିନ୍ଦାଙ୍କ ପକ୍ଷରୁ କୁହାଯାଇଛି ଯେ, ଉକ୍ତ ସ୍ଥାନ କାହାର ବ୍ୟକ୍ତିଗତ ନୁହେଁ। ଏହା ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଜାଗା। ଦୀର୍ଘବର୍ଷ ହେଲା ଏହି ଜାଗାରେ ସର୍ବ ସାଧାରଣ ବୈଠକ ସହ ଅନ୍ୟାନ୍ୟ କାର୍ଯ୍ୟ ହୋଇ ଆସୁଛି। ତେବେ ଗତ କିଛି ଦିନ ହେଲା ସହରର ଜଣେ ପ୍ରଭାବଶାଳୀ ବ୍ୟକ୍ତି ଉକ୍ତ ସ୍ଥାନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହା ୧୨୦୦ ବର୍ଗଫୁଟ ଅଞ୍ଚଳର ହୋଇଥିବାବେଳେ ଏଥିରୁ ୩୦୦ ବର୍ଗଫୁଟ ଜାଗାକୁ ଅକ୍ତିଆର କରି ଦୁଇ ମହଲା ଘର ନିର୍ମାଣ ପାଇଁ ଯୋଜନା କରିଛନ୍ତି। ଏହା ଜଣାପଡିବା ପରେ ସାହିବାସିନ୍ଦା ପ୍ରତିବାଦ କରବି ସହ ଏ ସଂକ୍ରାନ୍ତରେ ସ୍ଥାନୀୟ ବାସିନ୍ଦା କର୍ପୋରେଟର, ବିଏମସି କମିଶନର, ମେୟର ଓ ବିଇଡିଏ କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଆହୁରି ମଧ୍ୟ ସେମାନେ କହିଥିଲେ ଯେ, ଉକ୍ତ ଜାଗା ସରକାରୀ ହୋଇଥିବାରୁ ଏଠାରେ ଏକ କମ୍ୟୁନିଟି ହଲ ନିର୍ମାଣ ସହିତ କଲ୍ୟାଣ ମଣ୍ଡପ କରିବା ପାଇଁ ସାହିବାସୀ ମନସ୍ଥ କରିଛନ୍ତି। ଉକ୍ତ ଜମିକୁ ଜବରଦଖଲ ମୁକ୍ତ କରିବା ନିମନ୍ତେ ସାହିବାସୀଙ୍କ ଅଭିଯୋଗ ପାଇବା ପରେ ବିଭାଗୀୟ ଅଧିକାରୀ ତତ୍ପରତା ପ୍ରକାଶ କରିବା ସହ ଉକ୍ତ ବେନିୟମ ଜବର ଦଖଲ କାରୀଙ୍କୁ ସେଠାରୁ ଉଚ୍ଛେଦ କରିବା ପାଇଁ ଏନଫୋର୍ସମେଣ୍ଟ ବିଭାଗକୁ ନିର୍ଦ୍ଦେଶ ଦେବା ସହ ବେଆଇନ ଜାଗା ଉପରେ ଏକ ଲଟକା ଲଗାଇଛନ୍ତି ବୋଲି ସାହିବାସୀ କହିଛନ୍ତି। ଜବରଦଖଲକାରୀଙ୍କୁ ଉଚ୍ଛେଦ କରି ଗୋଷ୍ଠୀ ଉନ୍ନୟନ କେନ୍ଦ୍ର ତୁରନ୍ତ କରିବା ପାଇଁ ଅମ୍ବିକା ନଗର ବାସୀ ସ୍ଥାନୀୟ କର୍ପୋରେଟରଙ୍କ ନିକଟରେ ଦାବି କରିଛନ୍ତି । ଏ ସଂକ୍ରାନ୍ତରେ ସ୍ଥାନୀୟ କର୍ପୋରେଟର ନରସିଂହ ସେଠୀ କହିଛନ୍ତି ଯେ, ହଠାତ ସାହିବାସୀ ତାଙ୍କୁ ଡାକିବାରୁ ସେ ଆସିଥିଲେ। ସେଠାରେ ବେଆଇନ ଜବରଦଖଲ ହୋଇଥିବା ସେ ଦେଖିବା ପରେ ଉକ୍ତ ଜାଗାରେ କମ୍ୟୁନିଟି ହଲ ନିର୍ମାଣ ପାଇଁ ସେ କିଛି ଦିନ ତଳେ ଟେଣ୍ଡର କରିଥିଲେ। କିନ୍ତୁ ବିଇଡିଏ ପକ୍ଷରୁ କୁହାଯାଇଥିଲା ଯେ, ଉକ୍ତ ଜାଗା ବିଇଡିଏର। ତେଣୁ ସେଠାରେ କ'ଣ କରିବାକୁ ହେବ ନିଷ୍ପତ୍ତି ନେବା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। କିନ୍ତୁ ଏ ସଂକ୍ରାନ୍ତରେ କମିଶନର ଓ ମେୟରଙ୍କୁ ସେ କହିଥିବା କହିଛନ୍ତି।

# ଉଚ୍ଛେଦ ପ୍ରତିବାଦରେ ଉଠାଦୋକାନୀ ସଂଘ ପକ୍ଷରୁ ବିକ୍ଷୋଭ

ଦିଗପହଣ୍ଡି,୮।୧୨(ଅଶେଷ ନାଥ ମିଶ୍ର)


ନିର୍ବାହୀ ଅଧିକାରୀଙ୍କୁ ବ୍ୟବସାୟୀମାନେ ଦାବିପତ୍ର ଦେଉଛନ୍ତି।

ଗଞ୍ଜାମ ଜିଲା ଦିଗପହଣ୍ଡି ବସ୍‌ଷ୍ଟାଣ୍ଡ ରାସ୍ତା ପାର୍ଶ୍ୱରେ ଥିବା ଉଠା ଦୋକାନୀମାନଙ୍କୁ ପ୍ରଥମେ ଥଇଥାନ କରି ପରେ ଉଚ୍ଛେଦ କରାଯିବାକୁ ଦାବି କରି ସୋମବାର ଉଠା ଦୋକାନୀ ସଂଘ ପକ୍ଷରୁ ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ବ୍ୟବସାୟୀମାନେ ଏକ ଦାବିପତ୍ର ଏନଏସି ନିର୍ବାହୀ ଅଧିକାରୀ ଅବିନାଶ ମିଶ୍ରଙ୍କୁ ଦେଇଛନ୍ତି। ଦିଗପହଣ୍ଡି ପୁରୁଣା ବସଷ୍ଟାଣ୍ଡ ରାସ୍ତା କଡ଼ରେ କିଛି ବ୍ୟବସାୟୀ ନିଜସ୍ୱ ଦୋକାନ ଗୃହ ନ ଥିବାରୁ ଦୀର୍ଘ ବର୍ଷ ଧରି ରାସ୍ତାକଡରେ ଠେଲାଗାଡି ଦ୍ୱାରା ବ୍ୟବସାୟ କରି ଆସୁଛନ୍ତି । ତେବେ ସ୍ଥାନୀୟ ବସଷ୍ଟାଣ୍ଡରେ ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ଗତ ୨ ଦିନ ତଳେ ଏନଏସି ପ୍ରଶାସନ ଏହି ରାସ୍ତାରୁ ଜବରଦଖଲ ଉଚ୍ଛେଦ କରିଥିଲା। ସହରରେ ଭେଣ୍ଡିଂ ଜୋନ ବ୍ୟବସ୍ଥା ହୋଇ ନ ଥିବାରୁ ଏବେ ବ୍ୟବସାୟୀମାନେ କିପରି ପରିବାର ଚଳାଇବେ ସେନେଇ ଚିନ୍ତାରେ ପଡିଛନ୍ତି।

ଏନଏସିର ଏପରି କାର୍ଯ୍ୟର ପ୍ରତିବାଦରେ ଉଠା ଦୋକାନୀ ସଂଘ ସଭାପତି ପରେଶ ଚନ୍ଦ୍ର ରଥଙ୍କ ନେତୃତ୍ୱରେ ସମ୍ପାଦକ ଭବାନୀ ଶଙ୍କର ପଣ୍ଡା, କାର୍ଯ୍ୟକର୍ତ୍ତା ଅରୁଣ ଚୌଧୁରୀ, ଶଙ୍କର ପାତ୍ର, ସଞ୍ଜୟ ସ୍ୱାଇଁ , ସନ୍ତୋଷ ସାହୁ, ସୀମାଞ୍ଚଳ ବେହେରା, ବଳିଆ ସାହୁ, ବିଶିକେସନ ସାହୁ, ବାବୁଲା ବେହେରାଙ୍କ ସମେତ ବହୁ ସଂଖ୍ୟକ ବ୍ୟବସାୟୀ ଏନଏସି କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସେମାନେ ନିର୍ବାହୀ ଅଧିକାରୀଙ୍କୁ ଭେଟି ଆଲୋଚନା କରିଥିଲେ। ସହରରେ ଏନଏସି ପକ୍ଷରୁ ଭେଣ୍ଡିଂ ଜୋନ ନିର୍ମାଣ ହେବା ପର୍ଯ୍ୟନ୍ତ ଉଠାଦୋକାନୀ ମାନଙ୍କୁ ରାସ୍ତା କଡ଼ରେ ବ୍ୟବସାୟ କରିବାକୁ ଅନୁମତି ପାଇଁ ଅନୁରୋଧ କରିଥିଲେ। ଏହି ସମୟରେ ସେମାନେ ଏକ ଦାବିପତ୍ର ଦେଇଥିଲେ। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ମିଶ୍ରଙ୍କୁ ପଚାରିବାରୁ ସେ କହିଲେ, ଆସନ୍ତା ୨୦୨୬ ଜୁଲାଇ ସୁଦ୍ଧା ଦିଗପହଣ୍ଡି ସହରରେ ଏନଏସି ପକ୍ଷରୁ ୪୦ଟି ଦୋକାନ ଗୃହ ନିର୍ମାଣ କରାଯାଇ ଉଠା ଦୋକାନୀଙ୍କୁ ଥଇଥାନ କରାଯିବା ଲକ୍ଷ୍ୟ ରହିଛି। ସହରର ପୁରୁଣା ବସଷ୍ଟାଣ୍ଡରେ କିଛି ଉଠାଦୋକାନୀ ରାସ୍ତା ଉପରେ ଠେଲା ଗାଡି ରଖି ବ୍ୟବସାୟ କରିବା ଦ୍ୱାରା ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବାରୁ ସେମାନଙ୍କୁ ଉଚ୍ଛେଦ ପାଇଁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି କହିଥିଲେ।

# ରେଳଧାରଣାରୁ ମୃତଦେହ ଜବତ

ବ୍ରହ୍ମପୁର, ୮।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ସରକାରୀ ରେଳବାଇ ପୋଲିସ ସୋମବାର ସକାଳେ ଖୋଡ଼ାସିଂ ଜୀବନ ବୀମା ମୁଖ୍ୟ କାର୍ଯ୍ୟାଳୟ ପଛପଟ ରେଳଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଥିଲା। ମୃତକ ହେଲେ ଖୋଡାସିଙ୍ଗିର ସୁନୀଲ ସାହୁ। ତାଙ୍କ ବୟସ ଆନୁମାନିକ ୩୫ ରୁ ୪୦ ବର୍ଷ ହେବ। ତାଙ୍କ ଭାଇ ଅମୀୟ କୁମାର ସାହୁ ଓ ମା' ମେଡିକାଲରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ମୃତଦେହ ପଞ୍ଚନାମା ବେଳେ ଟ୍ରେନ ଲାଇନ ଅତିକ୍ରମ ବେଳେ ଅସାବଧାନତା ଯୋଗୁଁ ଟ୍ରେନ ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟିଥିବା ପୋଲିସ ଅନୁମାନ କରୁଛି। ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

# ଜମି, ଘରବାଡି ଚିହ୍ନଟ ନେଇ ହଇରାଣ ହେଉଛନ୍ତି ୯ଶହ ପରିବାର

ଶେରଗଡ଼,୮।୧୨(ପୂର୍ଣ୍ଣ ନାରାୟଣ ଦାଶ)

ଶେରଗଡ଼ ବ୍ଲକର ବିଭିନ୍ନ ଗ୍ରାରେ ଏଯାଏ ଜମି, ଘରବାଡି ମାପଚୁପ କରି ଅଲଗା କରିବା ନେଇ ରହିଥିବା ସମସ୍ୟା ସମାଧାନ ହୋଇପାରିନାହିଁ। ଫଳରେ ବିଭିନ୍ନ କାମରେ ଲୋକେ ନାହିଁ ନ ଥିବା ହଇରାଣ ହେଉଥିବା ଅଭିଯୋଗ ହେଉଛି। ଏନେଇ ତହସିଲଦାରଙ୍କ ପକ୍ଷରୁ ଅନୁମତି ପାଇଁ ଯାଇଥିବା ପତ୍ର ଦୀର୍ଘ ଦିନ ହେଲା ରାଜସ୍ୱ ବୋର୍ଡ ନିକଟରେ ପଡି ରହିଛି। ଫଳରେ ଲୋକଙ୍କ ଜମି ଓ ଘରବାଡି ସମସ୍ୟା ସମାଧାନ ହୋଇପାରୁନାହିଁ। ଶେରଗଡ଼ ବ୍ଲକ ଅନ୍ତର୍ଗତ ପଦ୍ମପୁର,ଗୋବିନ୍ଦପୁର ଗ୍ରାମରେ ବହୁ ବର୍ଷ ହେଲା ଲୋକଙ୍କ ଘର ଓ ଜମିର ପଟ୍ଟା ନ ଥିଲା। ଏନେଇ ଲୋକେ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିଆସୁଥିଲା। ଏହାକୁ ଭିତ୍ତିକରି ଗତ ୪ବର୍ଷ ତଳେ ସେଟେଲମେଣ୍ଟ ଆରମ୍ଭ ହୋଇଥିଲା। କେତେ ଜଣ ସେଟେଲମେଣ୍ଟ କର୍ମଚାରୀ ଦୁଇ ଗ୍ରାମରେ ରହି ମାପଚୁପ ଆରମ୍ଭ କରିଥିଲେ। ଦୀର୍ଘ ଦିନ ସର୍ଭେ ପରେ ମଧ୍ୟ ଦୁଇ ଗ୍ରାମର ଲୋକଙ୍କ ଜମିର ପରିମାଣ ଓ ଅଞ୍ଚଳ ବାହାର କରିପାରି ନ ଥିଲା। ଏହି କାର୍ଯ୍ୟ ଅଧାରେ ଅଟକି ରହିଥିଲା। ସେଟେଲମେଣ୍ଟ ଶିବିର ବନ୍ଦ ହୋଇଯାଇଥିଲା। ତେବେ ସେଟେଲମେଣ୍ଟ ଦାୟିତ୍ୱରେ ଥିବା ଶେରଗଡ଼ ତହସିଲଦାର ତ୍ରିଦେବ ରଥ ଏହି ଦୁଇ ଗ୍ରାମର ପୂର୍ଣ୍ଣାଙ୍ଗ ଜମି ଅଞ୍ଚଳ ଚିହ୍ନଟ କରିବା ପାଇଁ ରାଜସ୍ୱ ବୋର୍ଡକୁ ଚିଠି ଲେଖିଥିଲେ। ସାନି ସେଟେଲମେଣ୍ଟ କରି ଉପରୋକ୍ତ ଦୁଇଟି ଗ୍ରାମର ପୁଣି ସର୍ଭେ କରିବାକୁ ଅନୁରୋଧ କରିଥିଲେ। ତହସିଲଦାରଙ୍କ ଏହି ଚିଠି ଉପରେ ବୋର୍ଡ ଏଯାଏ କୌଣସି ପଦକ୍ଷେପ ନେଇନାହିଁ। ଫଳରେ ପଦ୍ମପୁର ଓ ଗୋବିନ୍ଦପୁର ଗ୍ରାମବାସୀଙ୍କ ଜମିଜମା ଚିହ୍ନଟ ହୋଇପାରିନାହିଁ। ପଟ୍ଟା ନ ଥିବାରୁ ଦୁଇ ଗ୍ରାମର ୯ଶହ ପରିବାର ବ୍ୟାଙ୍କ, ତହସିଲ, ବ୍ଲକରେ ବିଭିନ୍ନ କାର୍ଯ୍ୟରେ ଜମିର ପ୍ରମାଣ ଦେଇପାରୁ ନାହାନ୍ତି କି ପାଇବାକୁ ଥିବା ସୁବିଧା ପାଇପାରୁନାହାନ୍ତି। ଏ ସମ୍ପର୍କରେ ତହସିଲଦାର ରଥଙ୍କୁ ପଚାରିବାରୁ ସେ କହିଲେ, ପଡିଥିବା ସେଟେଲମେଣ୍ଟ ଶିବିର ପଦ୍ମପୁର,ଗୋବିନ୍ଦପୁର ଗ୍ରାମର ଜମିର ପରିସୀମା ଚିହ୍ନଟ ନ କରିପାରିବାରୁ ସାନି ସେଟେଲମେଣ୍ଟ ପାଇଁ ରାଜସ୍ୱ ବୋର୍ଡକୁ ଚିଠି ଲେଖାଯାଇଛି। ବୋର୍ଡ ଯାହା ନିଷ୍ପତ୍ତି ନେବେ ସେହି ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ।

# ବିନାୟକ ଆଚାର୍ଯ୍ୟ କଲେଜରେ ସାମ୍ବତ୍ସରିକ ସାଂସ୍କୃତିକ ସମାରୋହ

ବ୍ରହ୍ମପୁର, ୮।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ବିନାୟକ ଆଚାର୍ଯ୍ୟ ସରକାରୀ କଲେଜ ଓ ବିନାୟକ ଆଚାର୍ଯ୍ୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନାଟ୍ୟ ସଂସଦ ଓ ଅନ୍ୟ ସମସ୍ତ ଭଗିନୀ ସଂସଦର ମିଳିତ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷା ଡ.ପ୍ରମିଳା ଖାଡ଼ଙ୍ଗା କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ରର ପ୍ରାକ୍ତନ ଉପ ନିର୍ଦ୍ଦେଶକ ହୃଷୀକେଶ ପାଣିଗ୍ରାହୀ ମୁଖ୍ୟଅତିଥି ଓ ମହାତ୍ମା ଗାନ୍ଧୀ କାରାଗାର ଏକାଡେମୀ ଓ ସୁଧାର ସେବାର ପ୍ରାକ୍ତନ ଉପ ନିର୍ଦ୍ଦେଶିକା ସୁଦୀପ୍ତା ପାଣିଗ୍ରାହୀ ସମ୍ମାନନୀୟ ଅତିଥି ରୂପେ ଯୋଗଦେଇ ଓଡ଼ିଶାର ସାଂସ୍କୃତିକ ମହତ୍ତ୍ୱ ଓ ମାହାତ୍ମ୍ୟ ସଂପର୍କରେ ମତ ରଖିଥିଲେ । ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. କୁଳମଣି ଓଝା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନାଟ୍ୟ ସଂସଦ ଉପ ସଭାପତି ଡ. ଦେବରାଜ ସ୍ୱାଇଁ ଅତିଥି ପରିଚୟ ଦେଇଥିଲେ । ସହଯୋଗୀ ଉପ ସଭାପତି ଡ. ମଧୁମିତା ନାୟକ ନାଟ୍ୟ ସଂସଦର ବାର୍ଷିକ ବିବରଣୀ ପାଠ କରିଥିଲେ। ମହାବିଦ୍ୟାଳୟ ପ୍ରାଶାସନିକ ଅଧିକାରୀ ଡ. ଆନନ୍ଦ ସେଠୀ ଅନ୍ୟତମ ଅତିଥି ରୂପେ ଯୋଗଦେଇ ଶିକ୍ଷାଗ୍ରହଣ ସହ ସଂସ୍କୃତି ସମ୍ପନ୍ନ ହେବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ନାଟ୍ୟ ସଂସଦର ଅନ୍ୟତମ ସହଯୋଗୀ ଉପ ସଭାପତି ଅଧ୍ୟାପିକା ସ୍ନେହାସିନୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହୁ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ରାଜ୍ୟ ଘରୋଇ ବିଦ୍ୟାଳୟ ଶିକ୍ଷା ଓ କର୍ତ୍ତୃପକ୍ଷ ମହାସଂଘର ବୈଠକ



କାର୍ଯ୍ୟକ୍ରମରେ ମହାସଂଘର ନେତୃବୃନ୍ଦ।

ବ୍ରହ୍ମପୁର,୮।୧୨(ସ୍ମୃତି ରଞ୍ଜନ ମହାଲିକ)

ରାଜ୍ୟ ଘରୋଇ ବିଦ୍ୟାଳୟ ଶିକ୍ଷା ଏବଂ କର୍ତ୍ତୃପକ୍ଷ ମହାସଂଘର ବୈଠକ ରବିବାର ଗଞ୍ଜାମ କଳା ପରିଷଦ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ରଘୁନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ସଂଘର ଭବିଷ୍ୟତ ଯୋଜନା ଓ ନୂତନ ଚିନ୍ତାଧାରା ଏବଂ ଗୁଣାତ୍ମକ ଶିକ୍ଷା ପାଇଁ ନୂତନ ପଦକ୍ଷେପ ସଂପର୍କରେ ଆଲୋଚନା ହୋଇଥିଲା। ଏଥିସହ ଘରୋଇ ବିଦ୍ୟାଳୟ ସମ୍ପର୍କିତ ବିଭିନ୍ନ ସମସ୍ୟା ଓ ପ୍ରସ୍ତାବ ଆଗତ ହୋଇଥିଲା। ଆଗାମୀ ଦିନରେ ଘରୋଇ ବିଦ୍ୟାଳୟ ବ୍ୟବସ୍ଥାକୁ ଆହୁରି ସୁଦୃଢ଼, ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି କରିବା ଏବଂ ଛାତ୍ରୀଛାତ୍ରଙ୍କ ନିମନ୍ତେ ଶିକ୍ଷା ପରିବେଶ ସୃଷ୍ଟି କରିବା କ୍ଷେତ୍ରରେ ସଂଘର ଲକ୍ଷ୍ୟ ରହିଛି ବୋଲି କୁହାଯାଇଥିଲା। କାର୍ଯ୍ୟକାରି ସଭାପତି ପ୍ରଶାନ୍ତ ମହାପାତ୍ର , ସଂଗଠନ ସମ୍ପାଦକ ଲକ୍ଷ୍ମଣ ରାଓ ଆଚାରୀ, ସାଧାରଣ ସମ୍ପାଦକ ଅମ୍ବରିଶ ମିଶ୍ର, ଉପଦେଷ୍ଟା ଶରତ କୁମାର ପଟ୍ଟନାୟକ,ସଭାପତି କଟକ ରେଞ୍ଜର ଶରତ ଚନ୍ଦ୍ର ସାମନ୍ତ, ଉପଦେଷ୍ଟା ରଞ୍ଜନ ପୋଲାଇ, ସନତ କୁମାର ବେହେରାଙ୍କ ସମେତ ବିଭିନ୍ନ ଜିଲାରୁ ଆସିଥିବା ସଦସ୍ୟ ଯୋଗଦେଇଥିଲେ। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ରାଜ୍ୟ ଘରୋଇ ବିଦ୍ୟାଳୟ ଶିକ୍ଷକ ଏବଂ କର୍ତ୍ତୃପକ୍ଷ ମହାସଂଘର ନୂତନ ସଭାପତି ରୂପେ ପ୍ରଶାନ୍ତ ମହାପାତ୍ର ଦାୟିତ୍ୱ ଗ୍ରହଣ କରିଥିଲେ।

# ଆଦିବାସୀ କଲେଜ ପୁରୁଷ, ଗାନ୍ଧୀ ଗ୍ଲୋବାଲ୍ ବିଜ୍‌ନେସ ଷ୍ଟଡିଜ୍ ମହିଳା ବର୍ଗରେ ଗ୍ରୁପ ଚାମ୍ପିୟନ

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଆଥ୍‌ଲେଟିକ୍ ମିଟ୍ ଉଦ୍‌ଯାପିତ

ବ୍ରହ୍ମପୁର,୮।୧୨(ସୁବାସ ଚନ୍ଦ୍ର ପାଢ଼ୀ)



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ନିଜସ୍ୱ ମିନି ଷ୍ଟାଡିୟମଠାରେ ଦୁଇ ଦିନ ଧରି ଚାଲିଥିବା ଖେଳକୁଦ ପ୍ରତିଯୋଗିତା ସୋମବାର ଉଦଯାପିତ ହୋଇଛି । କ୍ରୀଡ଼ା ପରିଷଦ ସମ୍ପାଦକ ପ୍ରଫେସର ଧ୍ରୁବ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ କୁଳପତି ତଥା ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ଯୋଗ ଦେଇ ପାଠପଢ଼ା ସହ ଖେଳକୁଦର ଆବଶ୍ୟକତା ରହିଛି ବୋଲି କହିଥିଲେ। ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଖେଳକୁଦ ସହାୟକ ହୋଇପାରିବ ବୋଲି କହିଥିଲେ। କଲେଜଗୁଡିକରେ ଖାଲିଥିବା ପିଇଟି ପଦବୀ ପୂରଣ ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ । ସମ୍ମାନନୀୟ ଅତିଥି ଭାବେ ଜିଲା ଆଥେଲେଟିକ ସଂଘର ସାଧାରଣ ସମ୍ପାଦକ ତଥା କ୍ରୀଡ଼ା ପରିଷଦ ସଭ୍ୟ ଜେ.କାମେଶ୍ୱର ରାଓ ଯୋଗ ଦେଇ କ୍ରୀଡ଼ାବିତ୍ତଙ୍କୁ ଉତ୍ସାହିତ କରିଥିଲେ । ଆଗାମୀ ବର୍ଷରେ କିଭଳି ବହୁ କ୍ରୀଡ଼ାବିତ ଭାଗ ନେବେ ସେଥିପ୍ରତି ଦୃଷ୍ଟି ଦେବେ ବୋଲି କହିଥିଲେ । ଡ଼.ରବି ନାରାୟଣ ସାହୁ,ରମାକାନ୍ତ ଭୂୟାଁ,ଅଶୋକ କୁମାର ଖାଣ୍ଡା,ଜଗନ୍ନାଥ ରାଓ,ସୁଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ପୁରୁଷ ବର୍ଗରେ ବାଲିଗୁଡା ଆଦିବାସୀ କଲେଜ , ମହିଳା ବର୍ଗରେ ବ୍ରହ୍ମପୁର ଗାନ୍ଧୀ ଗ୍ଲୋବାଲ ବିଜନେସ ଷ୍ଟଡିଜ ଗ୍ରୁପ ଚାମ୍ପିୟନ ହୋଇଥିବା ବେଳେ ବ୍ୟକ୍ତିଗତ ଚାମ୍ପିୟନ ପୁରୁଷ ବର୍ଗରେ ବ୍ରହ୍ମପୁର ଗାନ୍ଧୀ ଗ୍ଲୋବାଲ ବିଜନେସ ଷ୍ଟଡିଜର ନିର୍ମଳ ଜେନା ସଟପୁଟ,ଡିସ୍କସ ଥ୍ରୋ ଓ ହାମାର ଥ୍ରୋରେ ୧ମ ଏବଂ ଫିରିଙ୍ଗିଆ ପଞ୍ଚାୟତ ଡିଗ୍ରୀ କଲେଜର ଅଭି ଶିସା ୪୦୦, ୮୦୦ ଓ ୧୫୦୦ ମିଟର ଦୌଡ଼ରେ ୧ମ ସ୍ଥାନ ପାଇଁ ଯୁଗ୍ମ ଚାମ୍ପିୟନ ହୋଇଛନ୍ତି । ଚଳିତ ବର୍ଷ ନିର୍ମଳ ଜେନା ସଟପୁଟ ଓ ଡିସ୍କସ୍ ଥ୍ରୋରେ ରେକର୍ଡ କରିଛନ୍ତି । ମହିଳା ବର୍ଗରେ ବ୍ୟକ୍ତିଗତ ଚାମ୍ପିଅନ କେନ୍ଦୁପଦର ଏନ୍‌ସି କଲେଜର ସୋନାଲି ବଡେଇ ୧୦୦,୨୦୦ ମିଟର ଦୌଡ଼ରେ ଓ ଲମ୍ଫଡିଆଁରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ବ୍ରହ୍ମପୁର ଗାନ୍ଧୀ ଗ୍ଲୋବାଲ ବିଜନେସ୍ ଷ୍ଟଡିଜ୍‌ର ପାୟଲ କୁମାରୀ ସାହୁ ସଟ୍‌ପୁଟ୍ ଓ ଡିସ୍‌କସ୍ ଥ୍ରୋରେ ଚଳିତ ବର୍ଷ ରେକର୍ଡ କରିଛନ୍ତି। କାର୍ଯ୍ୟକ୍ରମରେ ରାଜେଶ ମହାନ୍ତି, କ୍ରିଷ୍ଣା ରେଡ୍ଡୀ, ରବି ବେହେରା, ଧନେଶ୍ୱର ଦାସ, ସୁନିତା ପାତ୍ର, ସୁଜାତା ବିଷୋୟୀ କବିରାଜ ଗୌଡ,ସଚ୍ଚିଦାନନ୍ଦ ଦାଶ, ରାମନାରାୟଣ ସାହୁଙ୍କ ସମେତ ବିଭିନ୍ନ କଲେଜ ପିଇଟି, ଶିକ୍ଷକ, ଅଣ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

## ୬୫ ବର୍ଷର ବିଦ୍ୟାଳୟରେ ନାହିଁ ମୌଳିକ ସୁବିଧା

■ନାହିଁ ନାହିଁରେ ଚାଲିଛି ସୁଜାମାଳୁ ବିଦ୍ୟାଳୟ
■ଶୌଚ ପାଇଁ ପାହାଡ଼, ଜଙ୍ଗଲ ଭରସା




ଦାରିଙ୍ଗବାଡ଼ି,୮।୧୨(ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ ପର୍ତ୍ତମାହା ପଞ୍ଚାୟତ ସୁଜାମାଳୁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାର ୬୫ ବର୍ଷ ବିତିଲାଣି। ମାତ୍ର ଛାତ୍ରୀଛାତ୍ରମାନେ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ଏହି ବିଦ୍ୟାଳୟରେ ବାଟିକାରୁ ଦଶମ ପର୍ଯ୍ୟନ୍ତ ୨୩୦ ଛାତ୍ରୀଛାତ୍ର ପଢୁଛନ୍ତି। ସେମାନଙ୍କ ମଧ୍ୟରେ ତୃତୀୟରୁ ଦଶମ ପର୍ଯ୍ୟନ୍ତ ଅନୁସୂଚିତ ଜନଜାତି ଛାତ୍ରୀଙ୍କ ପାଇଁ ହଷ୍ଟେଲ ବ୍ୟବସ୍ଥା ରହିଛି। ନବମ ଓ ଦଶମ ଶ୍ରେଣୀ ପାଇଁ ସ୍ୱତନ୍ତ୍ର କୋଠା ଓ ସ୍ମାର୍ଟ ବିଦ୍ୟାଳୟ ରହିଛି। କିନ୍ତୁ ବାଟିକାଠାରୁ ଅଷ୍ଟମ ପର୍ଯ୍ୟନ୍ତ ପଢୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ପାଚେରି କି ପାଇଖାନା ବ୍ୟବସ୍ଥା ନାହିଁ। ମୁଖ୍ୟ ଫାଟକ ନ ଥିବାରୁ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପଛପାଖରେ ରହିଥିବା ପାହାଡ଼, ଜଙ୍ଗଲକୁ ଶୌଚ ପାଇଁ ଯାଉଥିବା ଛାତ୍ରୀ ଫିଲମିନା ପ୍ରଧାନ, ରଙ୍କିତା ପ୍ରଧାନ କହିଛନ୍ତି। କେବଳ ଛାତ୍ରୀଛାତ୍ର ନୁହନ୍ତି, ଶିକ୍ଷାଦାନ କରୁଥିବା ୭ ଶିକ୍ଷୟିତ୍ରୀଶିକ୍ଷକମାନେ ମଧ୍ୟ ବିଦ୍ୟାଳୟଠାରୁ କିଛି ଦୂରକୁ ଶୌଚ ପାଇଁ ଯାଉଥିବା ସହକାରୀ ଶିକ୍ଷକ ପ୍ରସନ୍ନ ନାୟକ, ଅନନ୍ତ ନାୟକ କହିଛନ୍ତି। ଏନେଇ ପ୍ରଧାନ ଶିକ୍ଷକ ମାନସ ଖମାରୀ କହିଛନ୍ତି, ବିଦ୍ୟାଳୟ ସମସ୍ୟା ନେଇ ସେ ମୌଖିକ ଭାବେ ବିଡିଓ ଓ ବିଇଓଙ୍କୁ ଅବଗତ କରିଥିଲେ। ଏବେ ଲିଖିତ ଜଣାଇବେ। ବିଡ଼ିଓ ପ୍ରତିରଞ୍ଜନ ରଥଙ୍କୁ ପଚାରିବାରୁ ସେ କହିଛନ୍ତି, ଏ ସମ୍ପର୍କରେ ସେ ଅବଗତ ଅଛନ୍ତି। ଆସନ୍ତା ୩ ମାସ ମଧ୍ୟରେ ବିଦ୍ୟାଳୟରେ ସୌଚାଳୟ ନିର୍ମାଣ କରାଯିବ। ଏଥିସହ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଚାରବାଡ଼ କରାଯିବା ସହ ରହିଥିବା ମୁଖ୍ୟ ଫାଟକ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ ହେବ ବୋଲି ବିଡିଓ ରଥ କହିଛନ୍ତି।

## ଜାତୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା କାଂସ୍ୟ ଜିତିଥିବା ସୋହନଙ୍କୁ ସ୍ୱାଗତ

ଛତ୍ରପୁର,୮।୧୨(ଦିଲୀପ ସାମଲ): ଛତ୍ରପୁର ନିକଟ ଧ୍ରୁବେଶ୍ୱର ବିଦ୍ୟାପୀଠର ନବମ ଶ୍ରେଣୀ ଛାତ୍ର ଏସ୍. ସୋହନ ରେଡ୍ଡୀ ଅରୁଣାଞ୍ଚଳ ପ୍ରଦେଶରେ ହୋଇଥିବା ଜାତୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତିଛନ୍ତି। ୧୭ ବର୍ଷରୁ କମ୍ ବର୍ଗରେ ଟାଏକୋଣ୍ଡୋରେ ସେ ଏହି ପଦକ ପାଇଛନ୍ତି। ସେ ଗଞ୍ଜାମ ବଡ଼ମାଧପୁର ଟାଏକୋଣ୍ଡୋ ଏକାଡେମୀରେ ପ୍ରଶିକ୍ଷଣ ନେଉଥିଲେ। ଶନିବାର ସୋହନ ଗାଁକୁ ଫେରିବା ପରେ ତାଙ୍କୁ ଆଡ଼ମ୍ବରରେ ସ୍ୱାଗତ କରାଯାଇଛି। ଧ୍ରୁବେଶ୍ୱର ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ରାଜକିଶୋର ପାଣିଗ୍ରାହୀ, ଶାରୀରିକ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ଶତପଥୀ ତଥା ବଡ଼ମାଧପୁର, ଗଞ୍ଜାମ ଟାଏକୋଣ୍ଡୋ ଏକାଡେମୀର ପ୍ରଶିକ୍ଷକ ଇ. ଲଳିତ କୁମାର, ଜିଲା ଟାଏକୋଣ୍ଡୋ ସଂଘର ସମ୍ପାଦକ କେ ମନୋଜ ପ୍ରଧାନ, ଶ୍ୟାମାକାଳୀ ଯୁବକ ସଂଘ ଓ ଗ୍ରାମବାସୀ ଶୁଭେଚ୍ଛା ଜଣାଇଛନ୍ତି।

## ନୂତନ ଜିଲା ଜଜ୍‌ଙ୍କୁ ସମ୍ବର୍ଦ୍ଧନା



ଛତ୍ରପୁର,୮।୧୨(ଦିଲୀପ ସାମଲ):

ଛତ୍ରପୁର ଓକିଲ ସଂଘ ପକ୍ଷରୁ ସୋମବାର ନୂତନ ଜିଲା ଜଜ୍ ଅଶାନ୍ତ କୁମାର ଦାଶଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଛତ୍ରପୁର ଓକିଲ ସଂଘ ସଭାପତି ପ୍ରଦୀପ କୁମାର ପାଢ଼ୀ ପ୍ରଥମେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲା ଜଜ ପ୍ରଦୀପ କୁମାର ସାମଲ, ସବ ଜଜ ପୂଜା ଦେ, ଏସଡିଜେଏମ ପ୍ରୀତିଶ କୁମାର ରଥ, ଜେଏଫସି ସ୍ୱାଗତିକା ସ୍ୱାଇଁ, ଛତ୍ରପୁର ଓକିଲ ସଂଘ ଉପସଭାପତି ଚୈତନ୍ୟ ପ୍ରଧାନ, ଲାଇବ୍ରେରୀ ସେକ୍ରେଟାରୀ ବିଶ୍ୱ ଭୂଷଣ ପାଢ଼ୀ, ଆସିଷ୍ଟାଣ୍ଟ ସେକ୍ରେଟାରୀ ପି. କେଶବ ରେଡ୍ଡୀ, ଯୁଗ୍ମ ସମ୍ପାଦକ ଅନାମ ପ୍ରଧାନ ଓ କାର୍ଯ୍ୟ କାରି ସଦସ୍ୟ ଶିବ ପ୍ରସାଦ ସାହୁଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ଏହି ଅବସରରେ ସଂଘ କାର୍ଯ୍ୟାଳୟରେ ଇ – ଲାଇବ୍ରେରୀ ସହିତ ଛତ୍ରପୁର ଠାରେ ନୂତନ ପୋକ୍‌ସୋ କୋର୍ଟ ପ୍ରତିଷ୍ଠା ନିମନ୍ତେ ସଂଘ ପକ୍ଷରୁ ସଭାପତି ପାଢ଼ୀ ନୂତନ ଜିଲ୍ଲା ଜଜଙ୍କୁ ଅନୁରୋଧ କରିଥିଲେ।

## ଅର୍ଜୁନପଲିରେ ହେବ ଉପସ୍ୱାସ୍ଥ୍ୟ କେନ୍ଦ୍ର

କବିସୂର୍ଯ୍ୟନଗର,୮।୧୨ (କୃପାସିନ୍ଧୁ ସ୍ୱାଇଁ)

ଘର ପାଖରେ ସ୍ୱାସ୍ଥ୍ୟସେବା ପାଇବା ପାଇଁ ଅର୍ଜୁନପଲିଠାରେ ଏକ ଉପସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ହେବ। ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନର ଅନୁଦାନ ୩୪ ଲକ୍ଷ ଟଙ୍କା ବ୍ୟୟରେ କବିସୂର୍ଯ୍ୟନଗର ବ୍ଲକ ବାଉଁଶିଆ ପଞ୍ଚାୟତର ଅର୍ଜୁନପଲିଠାରେ ଏହା ନିର୍ମାଣ କରାଯିବ। ଏଥିପାଇଁ ସୋମବାର କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ମେଡିକାଲ କୋଠାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ବିଧାୟକ ନାୟକ କହିଲେ, ସରକାର ସବୁବେଳେ ଲୋକଙ୍କ ସ୍ୱାସ୍ଥ୍ୟସେବା ନେଇ ସଚେତନ ଅଛନ୍ତି। କେହି ଯେପରି ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଗୁରୁତ୍ୱାରୋପ କରାଯାଉଛି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଉଁଶିଆ ସରପଞ୍ଚ ପ୍ରତିନିଧି ଗୌତମ ଦାସ, ମଣ୍ଡଳ ସଭାପତି ଅଶୋକ ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପୀତାମ୍ବର ସେଠୀ,ବି. ଶଙ୍କର ପାତ୍ର, ପୀତାବସ ବିଶ୍ୱାଳ, ଗ୍ରାମ୍ୟ ନିର୍ମାଣ ଉପ ନିର୍ବାହୀ ଯନ୍ତ୍ରୀ ବାଦଲ ପାଢ଼ୀ, ଯନ୍ତ୍ରୀ ଗିରିଶ ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ସିପିଆଇର ଶତବାର୍ଷିକୀ ଉତ୍ସବ ପ୍ରସ୍ତୁତି ବୈଠକ

ଛତ୍ରପୁର,୮।୧୨(ଦିଲୀପ ସାମଲ): ଆସନ୍ତା ୨୩ ତାରିଖରେ ଛତ୍ରପୁରଠାରେ ସିପିଆଇର ଶତବାର୍ଷିକ ଉତ୍ସବ ପାଳନ ହେବ। ଏଥିରେ ପାର୍ଟିର କେନ୍ଦ୍ରୀୟ ସମ୍ପାଦକ କେ. ରାମକ୍ରିଷ୍ଣା ଓ ରାମ କୃଷ୍ଣ ପଣ୍ଡାଙ୍କ ସମେତ ବହୁ ରାଜ୍ୟ ନେତୃବୃନ୍ଦ ଯୋଗଦେବେ। ଏନେଇ ସୋମବାର ଛତ୍ରପୁରସ୍ଥିତ ଲକ୍ଷ୍ମଣ ଭବନ ପରିସରରେ ଏକ ବୈଠକ ବରିଷ୍ଠ ନେତା ଏସ. କ୍ରିଷ୍ଣା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ପାର୍ଟିର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଆଶିଷ କାନୁନଗୋ ଯୋଗ ଦେଇ (ଚଣ୍ଡିଗଡ଼ କାର୍ଯ୍ୟକ୍ରମର ରିପୋର୍ଟ ପାଠ କରି ଶତ ବାର୍ଷିକ ଉତ୍ସବକୁ ସଫଳ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ପୂର୍ବତନ ବିଧାୟକ ତଥା ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଏନ. ନାରାୟଣ ରେଡ୍ଡୀ ଏବଂ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ପ୍ରକାଶ ପାତ୍ର ଯୋଗଦେଇ ଦଳକୁ କିପରି ମଜଭୁତ କରାଯିବ ତାହା ଉପରେ ଆଲୋକପାତ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ମାରଣ ନୀତିକୁ ସମାଲୋଚନା କରିଥିଲେ। ଅପରାହ୍ନରେ ଛତ୍ରପୁର ସହରରେ ଗଣ ପାଣ୍ଠି ଆଦାୟ କରାଯାଇଥିଲା। ନେତାମାନେ ଦୋକାନ ଦୋକାନ ବୁଲି ପାଣ୍ଠି ସଂଗ୍ରହ କରିଥିଲେ।

## ସମବାୟ କେନ୍ଦ୍ର ବ୍ୟାଙ୍କ, ଡାକଘରୁ ଲୁଟ ଉଦ୍ୟମ



ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ଓ ପୋଷ୍ଟ ଅଫିସ।

ଆସିକା,୮।୧୨(ସୁରେନ୍ଦ୍ର ନାଥ ସାହୁ): ଆସିକା ଥାନା ଅନ୍ତର୍ଗତ ନୂଆଗାଁ ଚିନିଶିଳ୍ପ ସଂଲଗ୍ନ ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ଓ ପାଖରେ ଥିବା ଡାକଘର ଶାଖାରୁ ରବିବାର ରାତିରେ ଲୁଟ ଉଦ୍ୟମ ହୋଇଛି। ଲୁଟେରା ବ୍ୟାଙ୍କର ସାମନାପଟ ଓ ପଛପଟ ତାଲା ଭାଙ୍ଗି ଭିତରେ ପଶି ଲକରକୁ ମଧ୍ୟ କାଟିବା ପାଇଁ ଉଦ୍ୟମ କରିଥିଲେ। ସେଥିରେ ବିଫଳ ହେବା ପରେ ଡାକ ଘର ଶାଖାକୁ ଯାଇଥିଲେ । ସେଠାରେ ମଧ୍ୟ ତାଲା କାଟି ଭିତରକୁ ଯାଇଥିଲେ ମଧ୍ୟ ଟଙ୍କା ପଇସା ନ ପାଇ କାଗଜପତ୍ର ଓ ପାର୍ସଲ ସବୁ ଫିଙ୍ଗାଫୋପଡା କରିଥିବା ଦେଖାଯାଇଛି। ଅଭିଯୁକ୍ତ ତାଲା କାଟିବା ଲାଗି ଗ୍ୟାସ କଟର ବ୍ୟବହାର କରିଥିବା ଜଣାପଡିଛି । ଘଟଣା ସମ୍ପର୍କରେ ବ୍ୟାଙ୍କ ଶାଖା ଓ ଡାକଘର ପକ୍ଷରୁ ବିଭାଗୀୟ ଅଧିକାରୀ ଓ ପୋଲିସର ଦୃଷ୍ଟି ଆକର୍ଷଣ କରାଯାଇଛି। ଆସିକା ଏସ୍‌ଡିପିଓ ସନ୍ତୋଷ ଜେନା, ଥାନା ଅଧିକାରୀ କୁଳମଣି ସେଠୀ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛନ୍ତି । ଛତ୍ରପୁରରୁ ସାଇଣ୍ଟିଫିକ ଟିମ୍ ଓ ପୋଲିସ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛି। ସନ୍ଧ୍ୟା ସୁଦ୍ଧା ଲୁଟେରାଙ୍କ ସମ୍ପର୍କରେ କୌଣସି ପତ୍ତା ମିଳିପାରି ନାହିଁ। ସୂଚନାଯୋଗ୍ୟ,ଗତ ୨୩ ତାରିଖ ରାତିରେ ସେହି ପୋଷ୍ଟ ଅଫିସ ଶାଖାରୁ ଲୁଟେରା କିଛି ନପାଇ ଫେରିଥିଲେ।

## ଗଜପତି ଉତ୍ସବ ପ୍ରସ୍ତୁତି ବୈଠକ ବାତିଲ

ପ୍ରତିବର୍ଷ ଡିସେମ୍ବର ଶେଷ ସପ୍ତାହରେ ହୁଏ ଉତ୍ସବ

ପାରଳାଖେମୁଣ୍ଡି,୮।୧୨(ଗିରିଧାରୀ ପରିଚ୍ଛା) ଚଳିତ ବର୍ଷ ଗଜପତି ଉତ୍ସବ ପାଳନ ପାଇଁ ଶନିବାର ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ କରାଯିବାକୁ ଧାର୍ଯ୍ୟ ହୋଇଥିଲା। ମାତ୍ର ଶେଷ ମୁହୂର୍ତ୍ତରେ ବୈଠକକୁ ବାତିଲ କରାଯାଇଛି। ଫଳରେ ଚଳିତବର୍ଷ ଗଜପତି ଉତ୍ସବ ପାଳନ ହେବ କି ନାହିଁ ସେ ନେଇ ଆଶଙ୍କା ପ୍ରକାଶ ପାଇଛି। ପ୍ରତିବର୍ଷ ଡ଼ିସେମ୍ବର ଶେଷ ସପ୍ତାହକୁ ଉତ୍ସବ ପାଳନ କରାଯାଇଥାଏ। ଏଥିପାଇଁ ଗୋଟିଏ ମାସ ପୂର୍ବରୁ ପ୍ରସ୍ତୁତି ବୈଠକ ବସେ। ବୈଠକରେ ଆଲୋଚନା କରାଯାଇ ତାରିଖ ଘୋଷଣା ହୁଏ। ଅଧିକାରୀମାନଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଏ। ତେବେ ଚଳିତବର୍ଷ ବହୁ ବିଳମ୍ବରେ ଏଥିପାଇଁ ପ୍ରସ୍ତୁତି ବୈଠକ ବସିବାକୁ ସ୍ଥିର ହୋଇଥିଲେ ମଧ୍ୟ ଏହାକୁ ବାତିଲ କରାଯାଇଛି। ଏ ଦିଗରେ ଖୁବ୍ ଶୀଘ୍ର ପଦକ୍ଷେପ ନେଇ ଗଜପତି ଉତ୍ସବ ପାଳନ କରିବାକୁ ପାରଳାବାସୀ ଦାବି କରିଛନ୍ତି।

## ଫାଟୁଆ ରୋଗ ନିୟନ୍ତ୍ରଣ ପାଇଁ ବିଭାଗର ପଦକ୍ଷେପ

## ୩୭ ହଜାର ଗାଈ, ବଳଦଙ୍କୁ ଟିକାକରଣ ଲକ୍ଷ୍ୟ

ଦାରିଙ୍ଗବାଡ଼ି, ୮।୧୨ (ଅରୁଣ ସାହୁ)

 କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ପ୍ରଶାସନ ଗାଈ, ବଳଦଙ୍କୁ ହେଉଥିବା ଫାଟୁଆ ରୋଗ ପ୍ରତିଷେଧକ ପାଇଁ ଯୋଜନା ପ୍ରସ୍ତୁତ କରିଛି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ବ୍ଲକ ଅଞ୍ଚଳର ୨୫ଟି ପଞ୍ଚାୟତର ଗାଈ ଓ ବଳଦଙ୍କୁ ପ୍ରତିଷେଧକ ଟିକା ଦେବାକୁ ନିଷ୍ପତ୍ତି ନେଇଛି। ଏହି ଅନୁସାରେ ୩୭ ହଜାର ଗାଈ,ବଳଦଙ୍କୁ ଟିକାକରଣ କରାଯିବ। ଏନେଇ ବିଭାଗ ଫାଟୁଆ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଲୋକଙ୍କୁ ସଚେତନ କରିଛି। ପ୍ରାଣୀମିତ୍ର, ପ୍ରାଣୀଧନ ନିରୀକ୍ଷକ ଏବଂ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା କ୍ଲିନିକ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରୁଛି। ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା କ୍ଲିନିକ ଗାଈ, ବଳଦମାନଙ୍କୁ ଫାଟୁଆ ରୋଗରୁ ଦୂରେଇ ରଖିବାକୁ



ଭ୍ରାମ୍ୟମାଣ ଡାକ୍ତରୀ ଟିମ୍ ଗାଈବଳଦଙ୍କୁ ଟିକାରଣ କରୁଛନ୍ତି।

ନଭେମ୍ବର ୧୫ ତାରିଖରୁ ଟିକାକରଣ କରୁଛନ୍ତି। ଆସନ୍ତା ୩୧ ସୁଦ୍ଧା ଏହି କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ପୁଣି ୬ ମାସ ପରେ ଦ୍ୱିତୀୟ ଥର ପାଇଁ ଏହି ଟିକାକରଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା କ୍ଲିନିକ ଇନଚାର୍ଜ ଡାକ୍ତର ଜଗନ୍ନାଥ ଘଡେଇ କହିଛନ୍ତି। ସୂଚନାଯୋଗ୍ୟ, ଶନିବାରଠାରୁ ସୋମବାର ପର୍ଯ୍ୟନ୍ତ ଦାରିଙ୍ଗବାଡି ବ୍ଲକର କିରିକୁଟି, ସିମନବାଡି ଅଞ୍ଚଳରେ ସିମନବାଡି ପ୍ରାଣୀଧନ ନିରୀକ୍ଷକ ସ୍ୱୟଂପ୍ରଜ୍ଞା ଦଳେଇ, ପ୍ରାଣୀମିତ୍ର ମିତାଞ୍ଜଳି ନାୟକ ଟିକାକରଣ ସମ୍ପନ୍ନ କରିଛନ୍ତି।

## ବ୍ଲକସ୍ତରୀୟ କୁଇଜ୍‌ରେ ଭାଗନେଲେ ୨୦୫ ଛାତ୍ରୀଛାତ୍ର

ଧରାକୋଟ,୮।୧୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ତରଫରୁ ଧରାକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆନୁକୁଲ୍ୟରେ ବ୍ଲକସ୍ତରୀୟ କୁଇଜ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକସ୍ତରର ସମସ୍ତ ବିଦ୍ୟାଳୟର ଉପକନିଷ୍ଠ, କନିଷ୍ଠ ଓ ବରିଷ୍ଠ ବର୍ଗର ତୃତୀୟ ଶ୍ରେଣୀରୁ ଯୁକ୍ତ ୨ ଶ୍ରେଣୀ ପର୍ଯ୍ୟନ୍ତ ୨୦୫ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ୩ଟି ବର୍ଗର ୧୦ ଛାତ୍ରୀଛାତ୍ର ଏଥିରେ କୃତକାର୍ଯ୍ୟ ହୋଇଥିବା ବେଳେ ଅନ୍ୟମାନଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା । ବିଇଓ ଅଭିମନ୍ୟୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଡିଓ ସଂଗ୍ରାମ କେଶରୀ ଜେନା, ତହସିଲଦାର ଲମ୍ବୋଦର ମାରାଣ୍ଡି, ସମ୍ମାନିତ ଅତିଥି ଭାବରେ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ, ଡାକ୍ତର ସଚ୍ଚିଦାନନ୍ଦ ବିଷୋୟୀ, ଏବିଇଓ ବିଭୂତି ଭୂଷଣ ପାତ୍ର, ଖବରଦାତା ହୃଦାନନ୍ଦ ଜେନା,ପୂର୍ବତନ ଏବିଇଓ ସିମାଞ୍ଚଳ ବେହେରା ପ୍ରମୁଖ ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କ ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନର ବିକାଶ ପାଇଁ ଏହି କାର୍ଯ୍ୟକ୍ରମ ଗୁରୁତ୍ୱ ବହନ କରୁଥିବା ପ୍ରକାଶ କରିଥିଲେ। ବିଆରସିସି ସୌରୀ ଶଙ୍କର ବେହେରା ଏହାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ସିଆରସିସି ଗୌରୀ ଶଙ୍କର ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ହଳଦିଆ ତୈଳିକ ବୈଶ୍ୟ ସମାଜର ଆଲୋଚନା ସଭା

ଦିଗପହଣ୍ଡି,୮।୧୨(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଚିକିଟି ଓ ଖେମୁଣ୍ଡି ହଳଦିଆ ତୈଳିକ ବୈଶ୍ୟ ସମାଜର ଏକ ଆଲୋଚନା ସଭା ସାନଖେମୁଣ୍ଡି ବ୍ଲକ ଜିଉରା ଗ୍ରାମ ନିକଟସ୍ଥ ମା’ ରତନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବୈଶ୍ୟ ସମାଜର କେନ୍ଦ୍ରୀୟ ସଭାପତି ଦଣ୍ଡାସି ସାହୁ ମୁଖ୍ୟଅତିଥି, ତୈଳିକ ସମାଜର ଉପଦେଷ୍ଟା ଯୋଗୀ ସାହୁ, ମୁଖ୍ୟ ନିର୍ବାଚନ ଅଧିକାରୀ ଧର୍ମା ସାହୁ, ଉପସଭାପତି ପ୍ରଶାନ୍ତ ସାହୁ, ସଙ୍ଗଠନ ସମ୍ପାଦକ ନୀଳମଣି ସାହୁ, ସହ ସମ୍ପାଦକ ବିନୋଦ ସାହୁ, ସହ କୋଷାଧ୍ୟକ୍ଷ କ୍ରିଷ୍ଣା ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବୈଶ୍ୟ ସମାଜର ସାଙ୍ଗଠନିକ ଅଭିବୃଦ୍ଧି ସମ୍ପର୍କରେ ସଭାରେ ଆଲୋଚନା କରାଯାଇ ପ୍ରସ୍ତାବ ଗୃହୀତ ହୋଇଥିଲା। ୧୧ ସଭ୍ୟାସଭ୍ୟଙ୍କ ସମସ୍ୟା ସମ୍ପର୍କିତ ଅଭିଯୋଗ ବିଚାର ପାଇଁ ଗ୍ରହଣ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ଗ୍ରାମରୁ ଆସିଥିବା ୧୫୦ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ଅନ୍ୟାନ୍ୟ ଆଞ୍ଚଳିକ କମିଟି ସଭାପତି ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଟାଙ୍ଗଣାପଲ୍ଲୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

ଛତ୍ରପୁର,୮।୧୨(ଦିଲୀପ ସାମଲ): ଛତ୍ରପୁର ବ୍ଲକ ଟାଙ୍ଗଣାପଲ୍ଲୀ ଶ୍ରୀନୀଳକଣ୍ଠେଶ୍ୱର ବିଦ୍ୟାପୀଠର ବାର୍ଷିକ କ୍ରୀଡା ସୋମବାର ଉଦ୍‌ଘାଟିତ ହୋଇଛି। ପ୍ରଧାନଶିକ୍ଷକ ବିଷ୍ଣୁ ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲା କ୍ରୀଡା ପରିଦର୍ଶକ ଭାଗିରଥି ସ୍ୱାଇଁ ଯୋଗ ଦେଇ ଛାତ୍ରୀଛାତ୍ରମାନେ ଅଧ୍ୟୟନ ସହ ଖେଳ କୁଦରେ ଅଂଶ ଗ୍ରହଣ କରି ବିଦ୍ୟାଳୟର ସୁନାମ ବଢାଇବା ପାଇଁ ପରାମର୍ଶ ଦେଇଥିଲେ । ମୁଖ୍ୟ ବକ୍ତା ରୂପେ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ତଥା ରାଜ୍ୟ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ



ବିଦ୍ୟାଳୟରେ ନିଜର ଛାତ୍ର ଜୀବନର ଓ ଶିକ୍ଷକ ସମୟର ସ୍ମୃତି ଚାରଣ କରି ବିଦ୍ୟାର୍ଥୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ରୂପେ ସ୍ଥାନୀୟ ସରପଞ୍ଚ ତଥା ପୁରାତନ ଛାତ୍ର ବି. ସୁଦାମ ବିଦ୍ୟାଳୟର ସୁନାମ ଆଣିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ରୂପେ ସମିତି ସଭ୍ୟ ପ୍ରତିନିଧି ଅମରେଶ୍ୱର ସାହୁ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। କ୍ରୀଡା ଶିକ୍ଷୟିତ୍ରୀ ନନ୍ଦିନୀ ସେଠୀ ବିବରଣୀ ପାଠ କରିଥିଲେ। ପ୍ରଥମ ଦିବସରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଶ୍ରେଷ୍ଠ ଗୃହରକ୍ଷୀ ଭାବେ ଅଜୟ, ଦୀପକ ସମ୍ମାନିତ

ରମ୍ଭା,୮।୧୨(ବନବାସୀ ସେଠୀ)

ଗୃହରକ୍ଷୀ ପ୍ରତିଷ୍ଠା ଦିବସ ଅବସରରେ ଛତ୍ରପୁରଠାରେ ରମ୍ଭା ଥାନାର ୨ ଗୃହରକ୍ଷୀଙ୍କୁ ସମ୍ମାନିତ କରାଯାଇଛି। ଗଞ୍ଜାମ ଜିଲା ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୀମା ସ୍ୱାଇଁ ଗୃହରକ୍ଷୀ ଅଜୟ ପଲେଇ ଓ ଦୀପକ ଚନ୍ଦ୍ର ପଲେଇଙ୍କୁ ଶ୍ରେଷ୍ଠ ଗୃହରକ୍ଷୀ ସମ୍ମାନରେ ସମ୍ମାନିତ କରିଛନ୍ତି। ଗଞ୍ଜାମ ବ୍ଲକ ସୁବଳୟା ପଞ୍ଚାୟତର ଶତ୍ରୁଶୋଲ ଗ୍ରାମର ଅଜୟ ଓ ଦୀପକ ରମ୍ଭା ଥାନା ଅଞ୍ଚଳରେ ବଢୁଥିବା ଅବାଧ ନିଶା କାରବାର, ଟ୍ରାଫିକ ନିୟନ୍ତ୍ରଣ, ଅପରାଧ ତଦନ୍ତରେ ନିଜ କର୍ତ୍ତବ୍ୟ ନିଷ୍ଠାପର ଭାବେ କରି ଆସୁଛନ୍ତି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ବିଧାୟକ ପ୍ରତିନିଧି ମାନସ ନାହାକ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସୁରଥ ପ୍ରଧାନ ଓ ଅନ୍ୟମାନେ ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ

ବୁଗୁଡା/ କବିସୂର୍ଯ୍ୟନଗର,୮।୧୨
(କାଳିଚରଣ ଦାଶ/ କୃପାସିନ୍ଧୁ ସ୍ୱାଇଁ)

ବୁଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ନାରୀ ଚେତନା ପାଇଁ ସପ୍ତ ଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିଶୁ ମନ୍ଦିର ମାତୃ କମିଟି ସଭାନେତ୍ରୀ ମଧୁସ୍ମିତା ତ୍ରିପାଠୀଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥ୍ୟ ଭାବେ ସିଡିପିଓ ବବିତା କୁମାରୀ ପଣ୍ଡା ଓ ସମ୍ମାନିତ ଅତିଥି ଭାବେ କାଉନସିଲର ସ୍ୱପ୍ନାରାଣୀ ଦାଶ ଯୋଗଦେଇ ସମାଜରେ ନାରୀ ଭିତରେ ଥିବା ସପ୍ତଶକ୍ତିକୁ ଉଜ୍ଜୀବିତ କଲେ ସମାଜରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିପାରିବ ଏବଂ ଏଥିପାଇଁ ମା’ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଅବସରରେ ବର୍ଷୀୟାନ ମହିଳା ସତ୍ୟଭାମା ଦାଶ ଏବଂ ମହାଦେଇ ସାହୁଙ୍କୁ ସମ୍ବର୍ଦ୍ଧିତ



ବୁଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀମାନେ ନାଟକରେ ମହିୟସୀ ମହିଳାଙ୍କ ବେଶ ହୋଇଛନ୍ତି।

କରାଯାଇଥିଲା। ଅନ୍ୟପକ୍ଷରେ ଶିଶୁ ମନ୍ଦିର ଛାତ୍ରୀମାନେ କନ୍ୟା ଅଲୋଡ଼ା ନୁହେଁ ସମ୍ପର୍କିତ ଏକ ନାଟକ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଗୁରୁମା ସୁମତି ମିଶ୍ର, ମମତା କୁମାରୀ ସାହୁ, ଝିଲ୍ଲୀ କୁମାରୀ ଦାଶ ଓ ପ୍ରତିମା ସାହୁ ପ୍ରମୁଖ ପରିଚାଳନା କରିଥିବା ବେଳେ ଅନ୍ୟମାନେ ସହଯୋଗ କରିଥିଲେ। କବିସୂର୍ଯ୍ୟନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ସୋମବାର ସପ୍ତ ଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ସୁପରଭାଇଜର ତ୍ରିପୁରା ମୋହିନୀ ଦାସ ମୁଖ୍ୟ ଅତିଥି, କାର୍ଯ୍ୟକ୍ରମର ସଂଯୋଜିକା ନମିତା ରାଣୀ ପୋଲେଇ, ଚମ୍ପେଇତପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତପସ୍ୱିନୀ ଆଚାର୍ଯ୍ୟ ମୁଖ୍ୟବକ୍ତା, ପରିଚାଳନା ସମିତିର ସଦସ୍ୟା ରଜନୀ ରାଣୀ ଦଳାଇ, ଅଧ୍ୟାପିକା ସଙ୍ଗୀତା ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ସମାଜସେବୀ ଇ. ମାହେଶ୍ୱରୀ ଦୋରାଙ୍କୁ ବରିଷ୍ଠ ମା’ ସମ୍ମାନ ଦିଆଯାଇଥିଲା । କାର୍ଯ୍ୟକ୍ରମରେ କୁଇଜ ପ୍ରତିଯୋଗିତା, ପ୍ରେରଣା ଦାୟକ ମହିଳାଙ୍କ ବାର୍ତ୍ତା, ଅନୁଭୂତି କଥନ, ମା ମାନଙ୍କ ସଂକଳ୍ପ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗୁରୁମା ବାସନ୍ତୀ ଆଚାର୍ଯ୍ୟ ପରିଚାଳନା କରଥିବା ବେଳେ ଗୁରୁମା ମମତା ସାହୁ ପରିଚୟ ପ୍ରଦାନ କରିଥିଲେ। ଗୁରୁମା ଅମ୍ରିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।


**OFFICE OF THE**
**REGULATED MARKET COMMITTEE, KENDRAPARA**
At/P.O.- Jamadhar, Dist- Kendrapara - 754211
(Ph.No.220398(06727)/ email-rmckendrapara@gmail.com/
website- rmckendrapara.com)
No.H-
**SHORT TENDER CALL NOTICE**
Tender Call Notice:-No.325 Date:-29.11.2025

1. The Collector & District Magistrate- cum-Chairman of RMC, Kendrapara invites rate Quoted sealed tenders / Quotation from authenticated Suppliers / Manufactures having valid GST and PAN for purchase of following grading equipments to be required for paddy procurement purpose during KMS 2025-26.

| Sl. No. | Name of the items/grading equipments | Unit/Numbers required |
|---|---|---|
| 1 | Weighing Scale SANSUI & ESSEA | 50 |
| 2 | Analysis Kit | 25 |
| 3 | Moisture Meter | 33 |
| 4 | CCTV Camera | 50 |
| 5 | Seeds Mini Grader | 25 |
| 6 | One 09 Ltr. Capacity of water type Fire extingwisher @ ISI Mark | 140 |

2. The details technical specification of above required equipments as framed by the O.S.A.M. Board, Bhubaneswar is attached with this notice separately must be followed.
3. The rate of items, make/model of items which Qualify the specification of OSAM Board along with rate of others taxes & free warranty period etc. must be mentioned in the Quotation and should reached to the RMC Office, Kendrapara by 4.00 P.M of dt-15.12.2025 positively through registered post.
4. Undersigned reserved the right to cancell the above notice without assigning any reason thereof.
5. The details specification of the equipments as prescribed by R.M.C, Kendrapara may be downloaded from Kendrapara District website (www.kendrapara.odisha.gov.in) from dated 01.12.2025 10.00 A.M to dt.14.12.2025 up to 5.00 P.M.
6. The tender paper will be open on dt-17.12.2025 at 11.30 A.M in the office chamber of RMC, Kendrapara.
7. Manufacture/ Their authorized Dealer/ Reputed firm are eligible to quote in this tender. Authorized dealer should attach letter of authority from principal Manufacturer to quote in this tender.
8. The mentioned items must be delivered within 7 days from the issuance of purchase Order/ Contract.
9. Bidder should furnish copy of GST, PAN, latest GST return copy, ITR, Audited balance sheet of last two financial year, ISO certificate and Trade license copy.
10. Bidder should submit the GST, PAN ISO certificate and CE certificate of Manufacturer, if the bidder is Authorized Dealer.
11. Bidder must submit a notarized latest affidavit in non-judicial stamp paper of value Rs.100.00 after the date of publication of bid that their firm has not been blacklisted by any PSU / Central or State Govt. Department.
12. In case of any damage of supplied material during transportation, loading and unloading, that will be replaced by the bidder free of cost.
13. The Rate offered by the bidder will be inclusive of all taxes, cost of transportation till destination and installation and commissioning
14. Supplier shall arrange all items including consumables required during time of installation, commissioning and demonstration. However Purchaser shall provide electrical point and power supply at Regulated Market Committee , Kendrapara.
15. If the successful L1 bidder fails to supply the required items within prescribed time period, then L2 bidder may be invited to supply the same as per quoted price of L1 bidder with same terms and conditions, if agree.
16. Tender Processing Fees: Bidder should submit DD of any Nationalized Bank of Rs.5000.00 in favour of Regulated Market Committee, Kendrapara and payable at Kendrapara against tender processing fees / tender cost (Non-refundable) & the original DD along with the bid documents should reach the RMC, Kendrapara Office before the closing date of the bid through speed / registered post.
17. Earnest Money Deposit (EMD): Bidder should submit EMD of Rs. 50,000/- in shape of DD of any Nationalized Bank in favour of Regulated Market Committee, Kendrapara and payable at Kendrapara the original EMD along with the bid documents should reach the RMC, Kendrapara Office before the closing date through speed / registered post. The EMD deposited by the successful bidder will be retained as the security deposit. Retained Money shall be refunded after one year from the date of successful completion of delivery.

OIPR-01580/11/0001/2526
Sd./- Collector & D.M.-cum-
Chairman, RMC, Kendrapara

**ଜନ୍ମଦିନର ଶୁଭେଚ୍ଛା**

ନାମ: ...............................

ବୟସ:...............................

ଜନ୍ମ ତାରିଖ: ...............................



ପ୍ରାଞ୍ଜଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୨ ଦେଶରୁ ଭାଗନେବେ ୫୭୮ ଖେଳାଳି

ଭୁବନେଶ୍ୱର, ୮।୧୨ (ତପନ ସ୍ୱାଇଁ)

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି ଓଡ଼ିଶା ମାଷ୍ଟର୍ସ ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ। ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ୨୨ ଦେଶରୁ ୫୭୮ ଖେଳାଳି ଅଂଶଗ୍ରହଣ କରିବେ। ଓଡ଼ିଶାରୁ ମୋଟ ୧୩ ଖେଳାଳି ଏଥିରେ ଭାରତରୁ ପ୍ରତିନିଧିତ୍ୱ କରିବେ। ଭାରତ ବ୍ୟତୀତ ମାଲେସିଆ, ଇଣ୍ଡୋନେସିଆ, ଚାଇନିଜ୍ ତାଇପେ, ଶ୍ରୀଲଙ୍କା, ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ), ଜାପାନ, ହଂକଂ, ଇଜିପ୍ଟ, ଫିନ୍‌ଲାଣ୍ଡ, ସ୍ପେନ୍, ଇସ୍ରାଏଲ, ଆମେରିକା, ଅଷ୍ଟ୍ରେଲିଆ, ଇଂଲଣ୍ଡ, ବାଂଲାଦେଶ, ବୁଲଗେରିଆ, ଉଗାଣ୍ଡା, ଭେନେଜୁଏଲା, ସୌଦୀ ଆରବ, ରୁଷିଆ ଓ ୟୁକ୍ରେନରୁ ଖେଳାଳି ଭାଗନେବେ।

ଓଡ଼ିଶାରୁ ଭାଗ ନେବାକୁ ଯାଉଥିବା ଖେଳାଳିଙ୍କ ମଧ୍ୟରେ ଆୟୁଷ ଦାଶ ଓ ଆର୍ଯ୍ୟ ମାଝି ପୁରୁଷ ସିଙ୍ଗଲ୍ସ, ହର୍ଷିତା ରାଉତ ଓ ତନଭି ପତ୍ରି ମହିଳା ସିଙ୍ଗଲ୍ସ, ଅବିନାଶ ମହାନ୍ତି, ଆୟୁଷ ପଟ୍ଟନାୟକ,

## ଆଜିଠୁ ଓଡ଼ିଶା ମାଷ୍ଟର୍ସ ସୁପର୧୦୦ ବ୍ୟାଡ୍‌ମିଣ୍ଟନ

କେ. ମୁରଲୀ କ୍ରିଷ୍ଣା, ଅଭିଜିତ ମହାରଣା, ମହିଳା ଡବଲ୍ସରେ ରତପର୍ଣ୍ଣା ପଣ୍ଡା, ଶ୍ୱେତପର୍ଣ୍ଣା ପଣ୍ଡା, ହର୍ଷିତା ରାଉତ, ପୂର୍ବା ପ୍ରତ୍ୟାଶା ପଣ୍ଡା ଓ ବିଶାଖା ଟପ୍ପୋ ଏବଂ ମିକ୍ସଡ ଡବଲ୍ସରେ ଆୟୁଷ ଦାଶ, ପୂର୍ବା ପ୍ରତ୍ୟାଶା ପଣ୍ଡା, ହର୍ଷିତା ରାଉତ ଓ ତନ୍ମୟ କୁମାର ରାଉତ ଅଂଶଗ୍ରହଣ କରିବେ। ବିଶ୍ୱର ଟପ୍ ର୍ୟାଙ୍କପ୍ରାପ୍ତ ଖେଳାଳିଙ୍କ ମଧ୍ୟରେ ପୁରୁଷ ସିଙ୍ଗଲ୍ସରେ ଭାରତର ଏଚ୍.ଏସ. ପ୍ରଣୟ (ବିଶ୍ୱ ର୍ୟାଙ୍କ୍-୩୪), ଥରୁନ ମାନ୍ନେପଲ୍ଲୀ (୪୧), ଫିନ୍‌ଲାଣ୍ଡର ଜୋଆକିମ ଓଲ୍ଡର୍ଫ (୪୩), ମହିଳା ଡବଲ୍ସରେ ବୁଲଗେରିଆର ଗାବ୍ରିଏଲା ସ୍ତୋଏଭା-ଷ୍ଟିଫାନି ସ୍ତୋଏଭା (୧୩), ମିକ୍ସଡ ଡବଲ୍ସରେ ରୋହନ କପୁର-ରୁଥଭିକା ଶିବାନୀ (୩୩), ମହିଳା ସିଙ୍ଗଲ୍ସରେ ଭାରତର ଉନ୍ନତି ହୁଡା (୨୮) ଏବଂ ମହିଳା ଡବଲ୍ସରେ ଭାରତର ତ୍ରିଶା ଜୋଲି-ଗାୟତ୍ରୀ ଗୋପିଚାନ୍ଦ (୧୪) ଅନ୍ୟତମ। ଥରୁନ ମାନ୍ନେପଲ୍ଲୀ ୨୦୨୪ ଓଡ଼ିଶା ମାଷ୍ଟର୍ସରେ ରନରଅପ୍ ହୋଇଥିଲେ। ସେହିପରି ବିଶ୍ୱର ନାମୀ ଅନ୍ତର୍ଜାତୀୟ ଖେଳାଳିଙ୍କ ମଧ୍ୟରେ ମହିଳା ଡବଲ୍ସରେ ବିଶ୍ୱର ଟପ୍-୨୦ରେ ଥିବା ବୁଲଗେରିଆର ସ୍ତୋଏଭା ସିଷ୍ଟର୍ସ, ଇଣ୍ଡୋନେସିଆର ଅଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ଆପ୍ରିୟାନି ରାହାୟୁ-ସିତି ଫଦିଆ, ପୂର୍ବତନ ବିଶ୍ୱ ଜୁନିୟର ନଂ୧ ଥାଇଲାଣ୍ଡର ଲାଲିନରାତ ଚାଇୱାନ, ପୁରୁଷ ଡବଲ୍ସରେ ପୂର୍ବତନ ବିଶ୍ୱର ନଂ୧ ଇଣ୍ଡୋନେସିଆର ମହମ୍ମଦ ରିଆନ ଆର୍ଡିଆଣ୍ଟୋ ପ୍ରମୁଖ ଆକ୍ସନରେ ଦେଖିବାକୁ ମିଳିବେ।

# ମହିଳାଙ୍କୁ ୪ବର୍ଷ ଜେଲ

## ଫୁଟ୍‌ବଲ ଖେଳାଳିଙ୍କୁ ବ୍ଲାକ୍‌ମେଲ

ସିଓଲ, ୮।୧୨ (ଏପି)

ଫୁଟବଲ ଷ୍ଟାର ସନ୍ ହିଅଙ୍ଗ ମିନ୍‌ଙ୍କୁ ବ୍ଲାକ୍‌ମେଲ କରିଥିବା ଅଭିଯୋଗରେ ଦକ୍ଷିଣ କୋରିଆର ଏକ କୋର୍ଟ ଜଣେ ମହିଳାଙ୍କୁ ୪ବର୍ଷ ଜେଲ ଦଣ୍ଡ କରିଛି। ମହିଳା ଜଣଙ୍କୁ ଚିହ୍ନଟ କରାଯାଇଛି। ତାଙ୍କ ନାମ ୟାଙ୍ଗ୍ ବୋଲି ଜଣାପଡ଼ିଛି। ସେ ୟଙ୍ଗ ନାମକ ଜଣେ ପୁରୁଷ ବ୍ୟକ୍ତିଙ୍କ ସହ ମିଶି ଏକ ଷଡ଼ଯନ୍ତ୍ର କରିଥିଲେ। ୟାଙ୍ଗ ୨୦୨୪ରେ ସେ ସନ୍‌ଙ୍କ ନିକଟକୁ ଏକ ଶିଶୁର ଏକ ଅଲଟ୍ରା ସାଉଣ୍ଡ ଫଟୋ ପଠାଇ ଚୁପ୍ ରହିବା ଲାଗି ତାଙ୍କଠାରୁ ୩୦୦ ନିୟୁତ ଓନ୍ (୨୦୪,୦୦୦ ଡଲାର) ଟଙ୍କା ଦାବି କରିଥିଲେ। ସୋମବାର ସିଓଲ ସେଣ୍ଟ୍ରାଲ ଡିଷ୍ଟ୍ରିକ୍ଟ କୋର୍ଟ କହିଛନ୍ତି, ୟାଙ୍ଗ୍ ସନ୍‌ଙ୍କୁ ମିଛ କହିଛନ୍ତି। ତାଙ୍କ ପେଟରେ କାହାର ସନ୍ତାନ ଥିଲା ତାହାର ପ୍ରାମାଣିକ ତଥ୍ୟ ସେ ଦେଇପାରି ନ ଥିଲେ। କୋର୍ଟ କହିଛନ୍ତି ୟାଙ୍ଗ୍ ବ୍ଲାକ୍‌ମେଲ କରି ଅର୍ଥ ଆଦାୟ ଉଦ୍ୟମକୁ ଅସ୍ୱୀକାର କରିଛନ୍ତି। ସ୍ୱୀକାର କରିଥିବା ୟଙ୍ଗଙ୍କୁ ୨ ବର୍ଷ ଜେଲ ଦଣ୍ଡ ହୋଇଛି। ୩୩ ବର୍ଷୀୟ ସନ୍‌ଙ୍କୁ ଏସିଆର ଅନ୍ୟତମ ମହାନ୍ ଖେଳାଳି ବିବେଚନା କରାଯାଇଥାଏ। ପ୍ରିମିୟର ଲିଗ୍‌ରେ ଟୋଟେନହାମ୍ ହଟ୍ସପୁର ଦଳ ପାଇଁ ଏକ ଦଶନ୍ଧି ଧରି ଖେଳିବା ପରେ ଦକ୍ଷିଣ କୋରିଆର ଏହି ଫୁଟ୍‌ବଲ ଷ୍ଟାର ଗତ ଅଗଷ୍ଟରେ ଏଲ୍‌ଏଏଫ୍‌ସିରେ ଯୋଗ ଦେଇଛନ୍ତି। ଦକ୍ଷିଣ କୋରିଆ ନ୍ୟୁଜ ଏଜେନ୍ସି ୟନହାପ୍ ଗତ ମେ' ମାସରେ ଏକ ରିପୋର୍ଟରେ ଉଲ୍ଲେଖ କରିଥିଲା ଯେ, ଗତ ବର୍ଷ ଜୁନ୍‌ରେ ସନ୍‌ଙ୍କୁ ବ୍ଲାକମେଲ କରିଥିବା ଅଭିଯୋଗରେ ଜଣେ ୨୦ ବର୍ଷୀୟା ମହିଳା ଓ ଜଣେ ୪୦ ବର୍ଷୀୟ ପୁରୁଷ ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଭୁବନେଶ୍ୱର ଫୁଟବଲ ଲିଗ୍ ଚାମ୍ପିୟନ କିଶୋର କ୍ଲବ ଦଳ।

# ଭାରତୀୟ ଦଳକୁ ଜରିମାନା

ଦୁବାଇ, ୮।୧୨ (ପି.ଟି.)

ରାୟପୁରଠାରେ ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ସ୍ଲୋ ଓଭର-ରେଟ୍ ପାଇଁ ଭାରତକୁ ସୋମବାର ସେମାନଙ୍କ ମ୍ୟାଚ୍ ଫି'ର ୧୦ପ୍ରତିଶତ ଜରିମାନା କରିଛି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)। ଭାରତ ଏହି ମ୍ୟାଚରେ ପରାଜିତ ହେବାଦ୍ୱାରା ଦକ୍ଷିଣ ଆଫ୍ରିକା ସିରିଜ ୧-୧ ସ୍ତରକୁ ନେଇ ଆସିବାରେ ସମର୍ଥ ହୋଇଥିଲା। କେ.ଏଲ୍. ରାହୁଲଙ୍କ ଦଳ ଅନୁମତି ସମୟ ମଧ୍ୟରେ ଟାର୍ଗେଟଠାରୁ ୨ ଓଭର ପଛରେ ରହିଥିବାରୁ ଏଲିଟ୍ ପ୍ୟାନେଲ ମ୍ୟାଚ ରେଫରି ରିଚି ରିଚାର୍ଡସନ ଏହି ଦଣ୍ଡବିଧାନ କରିଛନ୍ତି। ରାହୁଲ ଦୋଷୀ ସାବ୍ୟସ୍ତ ହୋଇଥିଲେ ଏବଂ ପ୍ରସ୍ତାବିତ ଦଣ୍ଡକୁ ଗ୍ରହଣ କରିନେବାରୁ ଶୁଣାଣିର ଆବଶ୍ୟକତା ପଡ଼ି ନ ଥିଲା। ଅନ୍‌ଫିଲ୍ଡ ଅମ୍ପାୟର ରଡ୍ ଟକର ଓ ରୋହନ ପଣ୍ଡିତ, ତୃତୀୟ ଅମ୍ପାୟର ସାମ୍ ନଗ୍‌ଜାସ୍କି ଏବଂ ୪ର୍ଥ ଅମ୍ପାୟର ଓ ଜୟରମଣ ମଦନଗୋପାଳଙ୍କ ପକ୍ଷରୁ ଏହି ଅଭିଯୋଗ ଅଣାଯାଇଥିଲା।

# ଓଡ଼ିଶା ଏଚ୍‌ପିସି ଚାମ୍ପିୟନ




ଚାମ୍ପିୟନ ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି ଦଳ।

## ଖେଲୋ ଇଣ୍ଡିଆ ମହିଳା ହକି ସିଟି ଲିଗ୍

ଭୁବନେଶ୍ୱର, ୮।୧୨ (ତପନ ସ୍ୱାଇଁ)

ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ପକ୍ଷରୁ ସୋମବାର ଦେଶବ୍ୟାପୀ ଖେଲୋ ଇଣ୍ଡିଆ ମହିଳା ହକି ସିଟି ଲିଗ୍ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଭୁବନେଶ୍ୱର ସିଟି ଲିଗ୍-୨୦୨୫ରେ ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି ଚାମ୍ପିୟନ ହୋଇଛି। କିଟ୍ ଓ କିସ୍ ରନରଅପ୍ ଏବଂ କଟକ ତୃତୀୟ ସ୍ଥାନ ଅଧିକାର କରିଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବି.କେ. ସ୍ୱାଇଁ, ଉପ ସଚିବ ସୌମ୍ୟ ସାର୍ଥକ ମିଶ୍ର ଓ ଓଡ଼ିଶା ହକି ସାଧାରଣ ସମ୍ପାଦକ ସନାତନ ସାହୁ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

# ଭୁବନେଶ୍ୱର ଫୁଟବଲ ଲିଗ୍ ;କିଶୋର କ୍ଲବ ଚାମ୍ପିୟନ

ଭୁବନେଶ୍ୱର, ୮।୧୨ (ତପନ ସ୍ୱାଇଁ)

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଗତିକୃଷ୍ଣ ସ୍ମାରକୀ ଭୁବନେଶ୍ୱର ଫୁଟବଲ ଲିଗ୍ ସୋମବାର ଉଦ୍‌ଯାପିତ ହୋଇଛି। ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ଫାଇନାଲରେ ଆର୍ଡୋର କ୍ଲବକୁ ୩-୦ ଗୋଲରେ ହରାଇ କିଶୋର କ୍ଲବ ଚାମ୍ପିୟନ ହୋଇଛି। ବିଜୟୀ ଦଳ ପକ୍ଷରୁ ଆଶିଷ ବେହେରା, ରାଜେଶ ନାୟକ ଓ ବାହୁଲ ସିଂ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଆଶିଷ ବେହେରାଙ୍କୁ ପ୍ଲେୟର ଅଫ୍ ଦି ଫାଇନାଲ ପୁରସ୍କାର ପ୍ରଦାନ କରିଥିଲେ ଗତିକୃଷ୍ଣଙ୍କ ପୁଅ ଶିବ ପ୍ରସାଦ ପଣ୍ଡା। ଗତିକୃଷ୍ଣଙ୍କ ଅନ୍ୟତମ ପୁଅ ବିଷ୍ଣୁ ପ୍ରସାଦ ପଣ୍ଡା, ଆସୋସିଏଶନର ଫୁଟବଲ ସମ୍ପାଦକ ଦିଲୀପ କୁମାର ଦାସ, ପୂର୍ବତନ କ୍ରୀଡ଼ା ଅଧିକାରୀ ଅଶୋକ ମହାନ୍ତି ପ୍ରମୁଖ ରେଫରିମାନଙ୍କୁ ପୁରସ୍କୃତ କରିଥିଲେ। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମିର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ କିଶୋର କ୍ଲବକୁ ଏବଂ ସମ୍ମାନିତ ଅତିଥି ବରିଷ୍ଠ ଭାଜପା ନେତା ଜଗନ୍ନାଥ ପ୍ରଧାନ ଆର୍ଡୋର କ୍ଲବକୁ ରନରଅପ୍ ଟ୍ରଫି ପ୍ରଦାନ କରିଥିଲେ। ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ ସଭା ପରିଚାଳନା କରିଥିବାବେଳେ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଧନ୍ୟବାଦ ଅର୍ପଣ କରିଥିଲେ।

# ଏଫ୍‌ଆଇଏଚ୍ ଜୁନିୟର ମହିଳା ହକି: ୱେଲ୍ସକୁ ହରାଇଲା ଭାରତ

ସାଣ୍ଟିଆଗୋ (ଚିଲି), ୮।୧୨ (ପି.ଟି.)

ଏଫ୍‌ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ୍‌ର ୯ମ ସ୍ଥାନ ପାଇଁ ହୋଇଥିବା ଏକ କ୍ଲାସିଫିକେଶନ ମ୍ୟାଚ୍‌ରେ କ୍ୱାର୍ଟରଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଥିବା ଭାରତ ୩-୧ ଗୋଲ୍‌ରେ ୱେଲ୍ସକୁ ପରାସ୍ତ କରିଛି। ଦଳ ତରଫରୁ ହୀନା ବାନୋ (୧୪ତମ ମିନିଟ), ସୁନେଲିତା ଟପ୍ପୋ (୨୪ତମ) ଓ ଇଶିକା(୩୧ତମ) ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିବା ବେଳେ ୱେଲ୍ସ ପାଇଁ ଏଲୋଇଜ୍ ମୋଟ୍ (୫୨ତମ) ଏକମାତ୍ର ଗୋଲ ଦେଇଥିଲେ। ପୁଲ୍ ପର୍ଯ୍ୟାୟରେ ଦୁଇ ବିଜୟ ଓ ଗୋଟିଏ ପରାଜୟ ବରଣ କରିଥିବା ଭାରତ ଶ୍ରେଷ୍ଠ ବାହାରେ ୯ମ ସ୍ଥାନ ଅଧିକାର କରିଛି।

# 'ସାଇ'ରେ ୧୧୯୧ ପଦବୀ ଖାଲି

ନୂଆଦିଲ୍ଲୀ, ୮।୧୨ (ପି.ଟି.)

ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ରେ ୧,୦୦୦ରୁ ଊର୍ଦ୍ଧ୍ୱ ପଦବୀ ଖାଲି ପଡ଼ିଛି। ଲୋକ ସଭାରେ କେରଳର ଆଟିଙ୍ଗଲ ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବା କଂଗ୍ରେସ୍ ଏମ୍‌ପିଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ସୋମବାର ଏ ବିଷୟରେ ସୂଚନା ଦେଇଛନ୍ତି। ସାଇରେ ଉଭୟ ପାଣ୍ଠି ଓ କର୍ମଚାରୀଙ୍କ ଘୋର ଅଭାବ ଦେଖାଦେଇଥିବାରୁ ପାର୍ଲାମେଣ୍ଟ ଷ୍ଟାଣ୍ଡିଂ କମିଟି ଉଦ୍‌ବେଗ ପ୍ରକାଶ କରିବା ପରେ ଏ ଦିଗରେ ସରକାର କି ପଦକ୍ଷେପ ନେଉଛନ୍ତି ବୋଲି ଏମ୍‌ପି ପ୍ରଶ୍ନ କରିଥିଲେ। ମାଣ୍ଡବ୍ୟ କହିଥିଲେ, ସରକାର ଏହି ପ୍ରସଙ୍ଗକୁ ନେଇ ପର୍ଯ୍ୟବେକ୍ଷଣ କରୁଛନ୍ତି। ସାଇରେ ମୋଟ ୧,୧୯୧ ପଦବୀ ଖାଲିପଡ଼ିଛି। କେତେକ ପଦବୀ ପୂରଣ ପାଇଁ ପ୍ରକ୍ରିୟା ଇତିମଧ୍ୟରେ ଆରମ୍ଭ ହୋଇଯାଇଛି ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ରାଜ୍ୟ ସଭା ଏମ୍‌ପି ଦିଗ୍‌ବିଜୟ ସିଂଙ୍କ ଅଧ୍ୟକ୍ଷତାରେ ଗଠିତ ଷ୍ଟାଣ୍ଡିଂ କମିଟି ଅଗଷ୍ଟରେ କ୍ରୀଡ଼ା ଉପରେ ଏହାର ରିପୋର୍ଟ ପ୍ରଦାନ କରିଥିଲା। କମିଟି ଜାଣିବାକୁ ପାଇଥିଲା ଯେ ବର୍ତ୍ତମାନ ସାଇରେ ମଞ୍ଜୁରିପ୍ରାପ୍ତ ୪୫ ପ୍ରତିଶତ ପଦବୀ ଖାଲିପଡ଼ିଛି। ବର୍ତ୍ତମାନ ପରିସ୍ଥିତିରେ କାମଚଳାଇବା ପାଇଁ ଅସ୍ଥାୟୀ ଭାବେ ଚୁକ୍ତିଭିତ୍ତିରେ କେତେକ ନିଯୁକ୍ତି ଦିଆଯାଇଥିବା କଥା ମଧ୍ୟ କମିଟି ପ୍ରକାଶ କରିଛି। ଏହି କମିଟିରେ ସ୍ଥାନ ପାଇଥିବା ସଦସ୍ୟମାନଙ୍କ ମଧ୍ୟରେ କ୍ରିକେଟର ତଥା ଆମ୍ ଆଦ୍‌ମୀ ପାର୍ଟି ରାଜ୍ୟ ସଭା ସଦସ୍ୟ ହରଭଜନ ସିଂ ଏବଂ ଭାଜପାର ଦୁଇ ଏମ୍‌ପି ସମ୍ବିତ ପାତ୍ର ଓ ବାଂସୁରୀ ସ୍ୱରାଜ ହେଉଛନ୍ତି ଅନ୍ୟତମ।


# Classified Everyday
0674-2580101, 9692975378



REAL ESTATE
SALE

ଭୁବନେଶ୍ୱର ଜଟଣୀରେଟରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912. D-14

2BHK flat 960sqft. second floor, Near Hi-Tech Plaza- kuha, Bhubaneswar, For sale, Contact- 9861150062. D-2764

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-74735



Healthcare

All types of physiotherapy with massage, Contact number 9556924059/ 7656969134. D-2766

The massage felt totally professional! & comfortable at all times-7978109255. D-221

AFFIDAVIT

By virtue of an affidavit sworn before Executive Magistrate, Bhadrak, dated 03.12.2025, I, TIKI NAYAK, Address: At- Fakirpur, P.O.- Sahapur, P.S.- Pirahat, Bhadrak, Odisha, 756131 declare that I have changed the name of my daughter from Lila Nayak to Siprarani Nayak. Henceforth, she shall be known as Siprarani Nayak for all purposes.
Tiki Nayak
D-2780

By virtue of an Affidavit sworn before the Executive Magistrate, Bhubaneswar, dtd. 08.12.2025, I, SUSHREE SANGITA PATRA, W/o.- Satyajit Patra, permanent resident of At- Naharkanta, P.O.- Naharkanta, P.S.- Pahal, Dist.- Khordha, Odisha, PIN- 752101, declare that my name has been changed from SUSHREE SANGITA ROUTRAY to SUSHREE SANGITA PATRA. I shall be known as SUSHREE SANGITA PATRA for all future purposes.
Sushree Sangita Patra
D-2783

I, Debashree Debadarshini, daughter of Binod Chandra Pradhan, resident of B105, Centre Point, Sailashree Vihar, Phase 7, Chandrasekharpur, Bhubaneswar, Odisha, 751021 do hereby declare that in my official documents my husband's name has been wrongly mentioned as Chandrakant Sahoo, instead of his correct name Chandrakanta Sahoo.
D-2781

By virtue of an affidavit sworn before the Executive Magistrate, Kotagarh, dtd. 6.12.2025, I, Shankar Baliarsingh, Village- Srirampur, Post- Srirampur, P.S.- Kotagarh, Dist.- Kandhamal declare that now I have changed my minor son's name from Alibha Kumar Baliarsingh to Abhijit Baliarsingh. Hence forth my minor son will be known as Abhijit Baliarsingh for all purposes.
D-2782

By virtue of an affidavit sworn before the Executive Magistrate, Titilagarh, dated 17.11.2025, I, Kishor Chandra Dash, address: At- Sargiguda, P.O./P.S.- Titilagarh, Dist.- Bolangir, Odisha, PIN- 767033 declare that I have changed my Son's name from Arya Kumar Dash to Arya Kumar Gyanendra Dash. Henceforth, he shall be known as Arya Kumar Gyanendra Dash for all propose.
Kishor Chandra Dash
D-2784

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
T&C Apply
BHIM UPI
ଦେୟ ପୈଠ ହେବାପରେ ଉକ୍ତ Screenshot କୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।


# ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଓ୍ୱ କେଦାରନାଥ ସ୍ୱାଇଁ
କୁଲାଡ, ନାଲକୋ ନଗର, ଅନୁଗୋଳ
ଆବିର୍ଭାବ: ୦୧।୦୭।୧୯୪୪
ତିରୋଧାନ: ୨୮।୧୧।୨୦୨୫
ଆମକୁ ପର କରି ଆମଠାରୁ ଅନେକ ଦୂରକୁ ଚାଲିଗଲ। ତୁମେ ଯେଉଁଠି ଥାଅ ଭଲରେ ଥାଅ। ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ଆମ ଜୀବନରେ ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁତ୍ର- କିଶୋର ଚନ୍ଦ୍ର ସ୍ୱାଇଁ, ମାନସ ରଞ୍ଜନ ସ୍ୱାଇଁ, ଝିଅ- ନନ୍ଦିତା ସ୍ୱାଇଁ, ମମତା ସ୍ୱାଇଁ, ବନ୍ଧୁ, ପରିବାର ଓ ଆତ୍ମୀୟସ୍ୱଜନ ତଥା ଗ୍ରାମବାସୀବୃନ୍ଦ।
D-2785

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଶରତ କୁମାର ଦାଶ (ଟୁକୁ)
ପୂଜାରୀପୁଟ, କୋରାପୁଟ
ଆବିର୍ଭାବ ୦୯.୦୮.୧୯୫୨
ତିରୋଧାନ ୨୮.୧୧.୨୦୨୫
(ମାର୍ଗଶୀର ଶୁକ୍ଳପକ୍ଷ ଅଷ୍ଟମୀ)
ବାବା ଆପଣଙ୍କର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ସ୍ୱାଭିମାନ ଆମମାନଙ୍କ ପାଇଁ ପାଥେୟ ହେଉ। ଆପଣଙ୍କ ଅବର୍ତ୍ତମାନରେ ପରିବାରରେ ସୃଷ୍ଟି ଶୂନ୍ୟସ୍ଥାନ ଚିରକାଳ ଅପୂରଣୀୟ ରହିବ। ଆପଣଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ପ୍ରାର୍ଥନା କରୁଛୁ। ଆମମାନଙ୍କ ପ୍ରତି ଆପଣଙ୍କର ଆଶୀର୍ବାଦ ସର୍ବଦା ରହିଥାଉ।
ଶୋକସନ୍ତପ୍ତ - ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ
D-2786

**LEGAL NOTICE**

ଅର୍ଡର ୫ ରୁଲ୍ ୨୦(ଏ) ମତେ ନୋଟିସ୍
ପୁରୀ ମୁକାମ ସିଭିଲ୍ ଜଜ୍ (କନିଷ୍ଠ ବିଭାଗ) ପୁରୀ
ସି.ଏସ୍. ନଂ୧୬୧/୨୦୧୮ ନମ୍ବର

ବିଜୟ କୁମାର ତ୍ରିପାଠୀ , ବ୫୦ବର୍ଷ, ପିତା- ୰ ରାମ ଚନ୍ଦ୍ର ତ୍ରିପାଠୀ, ସାକିନ: ବନମାଳୀପୁର, ସାମିଲ ଜଗନ୍ନାଥବଲ୍ଲଭ, ପୋଷ୍ଟ- ବୀରହରେକୃଷ୍ଣପୁର, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ।

..........ବାଦୀ

ବନାମ

୧. ମନିନ୍ଦ୍ର ପାଥିଶର୍ମା, ବ୭୦ବର୍ଷ, ପିତା- ୰ ମଧୁସୂଦନ ପାଥିଶର୍ମା, ସାକିନ: ବନମାଳୀପୁର, ସାମିଲି ଜଗନ୍ନାଥବଲ୍ଲଭ, ପୋଷ୍ଟ- ବୀରହରେକୃଷ୍ଣପୁର, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ। (ମୃତ)

୨. ମାନସୀ ପାଥିଶର୍ମା, ବ୪୪ବର୍ଷ, ସ୍ୱାମୀ- ପ୍ରଶାନ୍ତ କୁମାର ମହାପାତ୍ର, ପିତା- ମନିନ୍ଦ୍ର ପାଥିଶର୍ମା, ସାକିନ: ବନମାଳୀପୁର, ସାମିଲି ଜଗନ୍ନାଥବଲ୍ଲଭ, ପୋଷ୍ଟ- ବୀରହରେକୃଷ୍ଣପୁର, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ।

୩. ଜ୍ୟୋତିର୍ମୟୀ ପାଥିଶର୍ମା, ବ୩୮ବର୍ଷ, ସ୍ୱାମୀ- ଦିଲ୍ଲିପ କୁମାର ରଥ, ପିତା- ମନିନ୍ଦ୍ର ପାଥିଶର୍ମା, ସାକିନ/ପୋଷ୍ଟ- ଚଉଦକୁଲାଟ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା, ଜିଲ୍ଲା- କେନ୍ଦ୍ରାପଡା।

୪. ମୀନାକ୍ଷୀ ପାଥିଶର୍ମା, ବ୩୬ବର୍ଷ, ମାର୍ଫତ- ଚନ୍ଦ୍ରଶେଖର ପାଟଯୋଶୀ, ସାକିନ/ପୋଷ୍ଟ- କୁମ୍ଭାରପଡା, କୁଶା ସାହି, ଥାନା- କୁମ୍ଭାରପଡା, ଜିଲ୍ଲା- ପୁରୀ।

୫. ଚିନ୍ମୟୀ ପାଥିଶର୍ମା, ବ୩୦ବର୍ଷ, ସ୍ୱାମୀ- ସମ୍ବିତ୍ କୁମାର ମହାପାତ୍ର, ପିତା- ମନିନ୍ଦ୍ର ପାଥିଶର୍ମା, ମାର୍ଫତ- ସୀତାକାନ୍ତ ମହାପାତ୍ର, ସାକିନ- ବୀରହରେକୃଷ୍ଣପୁର, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ।

..........ପ୍ରତିବାଦୀମାନେ।

ଏହିକି ଉପରୋକ୍ତ ମୋକଦ୍ଦମାରେ ତୁମ୍ଭେ ପ୍ରତିବାଦୀ ନଂ୨ ଓ ୩ନମ୍ବର ଥାଇ ତୁମ୍ଭକୁ ତୁମ୍ଭର ଉପରୋକ୍ତ ଠିକଣାରେ ବାରମ୍ବାର ସମନ ଜାରି କରାଗଲେ ମଧ୍ୟ ତୁମ୍ଭେ ଜାଣିଶୁଣି କୋର୍ଟଙ୍କ ଦ୍ୱାରା ପ୍ରେରିତ ସମନକୁ ଗ୍ରହଣ କରୁନାହଁ। ତେଣୁ ତୁମ୍ଭମାନଙ୍କୁ ଏତଦ୍ୱାରା ଜଣାଇଦିଆଯାଉଅଛି ଯେ ତା.୦୫.୦୧.୨୦୨୬ରିଖ ଦିବା ୧୦.୩୦ ମିନିଟ୍ ସମୟରେ ଉପରବର୍ଣ୍ଣିତ ମୋକଦ୍ଦମାରେ ତୁମ୍ଭେମାନେ ହାଜର ହୋଇ ତୁମ୍ଭର ପକ୍ଷ ରଖିବ। ନଚେତ୍ ମୋକଦ୍ଦମାଟି ଆଇନ ଅନୁଯାୟୀ ବିଚାର କରାଯିବ।

ସମ୍ପତ୍ତିର ବିବରଣୀ

ଜିଲ୍ଲା- ପୁରୀ, ମୌଜା- ଜଗନ୍ନାଥବଲ୍ଲଭ, ଖାତା ନଂ୧୬୮ନମ୍ବର, ପ୍ଲଟ ନଂ୧୦୪୩ନମ୍ବର(ଅଂଶ), ସରଜମିନରେ (ପୂର୍ବ-ପଶ୍ଚିମ)= ଫୁ୨୫ଟ×(ଉତ୍ତର-ଦକ୍ଷିଣ)= ଫୁ୬ଟ

ଖାତା ନଂ୩୦୨ନମ୍ବର, ପ୍ଲଟ ନଂ୧୦୪୨ନମ୍ବର(ଅଂଶ), ସରଜମିନରେ (ପୂର୍ବ-ପଶ୍ଚିମ)= ଫୁ୩୩ଟ × (ଉତ୍ତର-ଦକ୍ଷିଣ) ପ୍ରସ୍ଥ ଦକ୍ଷିଣ ତରଫ ଫୁ୬ଟ ଓ ଉତ୍ତର ତରଫ ପ୍ରସ୍ଥ ଫୁ୫ଟ।

ସ୍ୱା-ସିଭିଲ୍ ଜଜ୍, କନିଷ୍ଠ ବିଭାଗ, ପୁରୀ
D-2787

# ଦୁରାରୋଗ୍ୟ ନୁହେଁ ଏଣ୍ଡୋମେଟ୍ରିଓସିସ୍

**ଏଣ୍ଡୋମେଟ୍ରିଓସିସ୍ ମହିଳାଙ୍କଠାରେ ଦେଖାଦେଉଥିବା ଏଭଳି ଏକ ସ୍ୱାସ୍ଥ୍ୟ ସମସ୍ୟା ଯାହାକି ପ୍ରାରମ୍ଭିକ ପର୍ଯ୍ୟାୟରେ ସହଜରେ ଚିହ୍ନଟ ହୋଇପାରି ନ ଥାଏ। ତେଣୁ ଅନେକେ ଏହାକୁ ସାଧାରଣ ଯନ୍ତ୍ରଣା ମନେକରି ଅବହେଳା କରିବସନ୍ତି, ଯାହାକି ପରବର୍ତ୍ତୀ ସମୟରେ ଜଟିଳ ସମସ୍ୟାର ରୂପ ବି ନେଇପାରେ। ହେଲେ ପରିସ୍ଥିତି ଅସହ୍ୟ ହେବା ଯାଏ ଅପେକ୍ଷା ନ କରି ଏହାର କୌଣସି ଲକ୍ଷଣ ଦେଖାଦେବାମାତ୍ରେ ଆରମ୍ଭରୁ ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସା କରାଇନେଲେ ଜଣେ ମହିଳା ସୁସ୍ଥ ରହିପାରିବେ ସେଥିରେ ସନ୍ଦେହ ନାହିଁ...**



ଏଣ୍ଡୋମେଟ୍ରିଓସିସ୍ ସମସ୍ୟା ଭାରତୀୟ ମହିଳାଙ୍କ କ୍ଷେତ୍ରରେ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏକ ସର୍ଭେ ରିପୋର୍ଟ ମୁତାବକ ଆମ ଦେଶରେ ପ୍ରାୟ ୨.୫ରୁ ୪.୩ କୋଟି ମହିଳା ଏହି ସମସ୍ୟା ଦେଇ ଗତି କରୁଛନ୍ତି। ତେବେ ଅତ୍ୟନ୍ତ ପରିତାପର ବିଷୟ, ସେମାନଙ୍କ ମଧ୍ୟରୁ ଅନେକେ ଯଥା ସମୟରେ ଚିକିତ୍ସା କରାଇ ନ ପାରିବାରୁ ଜଟିଳ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

**ଏଣ୍ଡୋମେଟ୍ରିଓସିସ୍ କ'ଣ:** ଗର୍ଭାଶୟର ଭିତର ପରସ୍ତ ବା ଏଣ୍ଡୋମେଟ୍ରିଅମ୍‌ର କିଛି ଟିସୁ ଯଦି ଗର୍ଭାଶୟର ବାହାରେ, ଫ୍ୟାଲୋପିଆନ୍ ଟ୍ୟୁବ୍, ଓଭାରି କିମ୍ବା ଖାଦ୍ୟନଳୀରେ ବଢ଼ିଯାଏ ତେବେ ଏହାକୁ ଏଣ୍ଡୋମେଟ୍ରିଓସିସ୍ କୁହାଯାଏ। ହର୍ମୋନାଲ ପରିବର୍ତ୍ତନ ବା ଅଧିକ ଇଷ୍ଟ୍ରୋଜେନ୍ ହର୍ମୋନ୍ କ୍ଷରଣ ଦ୍ୱାରା ଏହା ଧୀରେ ଧୀରେ ବୃଦ୍ଧିପାଇଥାଏ। ଏହାଦ୍ୱାରା ପାଖରେ ଥିବା ଅନ୍ୟ ଟିସୁଗୁଡ଼ିକରେ ଫୁଲିବା, ଜଳିବା, ଘା' ବା ସ୍କାର୍ ଟିସୁ ହେବା ସହ ଏଥିଯୋଗୁ ବିଭିନ୍ନ ଅର୍ଗାନ୍ ଯୋଡ଼ିହୋଇଯିବା ଭଳି ସମସ୍ୟା ଉପୁଜିଥାଏ। ତେବେ ଏହା କ୍ଷଣସ୍ଥାୟୀ ସମସ୍ୟା ନୁହେଁ ଯାହା ଆରମ୍ଭ ହେବା ମାତ୍ରେ ଜଣାପଡ଼ିଯାଏ ଏବଂ ତୁରନ୍ତ ଔଷଧ ସେବନ ଦ୍ୱାରା କମ୍ ହୋଇଯାଇଥାଏ। ଏହା ଏକ କ୍ରନିକ୍ ବା ଅଧିକ ଦିନ ଧରି ଲାଗି ରହୁଥିବା ସମସ୍ୟା ଯାହା ଜଣାପଡ଼ିବା ଲାଗି ପ୍ରାୟ ୬-୭ ବର୍ଷ ସମୟ ଲାଗିଥାଏ।

**ଲକ୍ଷଣ:** ଏଣ୍ଡୋମେଟ୍ରିଓସିସ୍ ସମସ୍ୟା ମୁଖ୍ୟତଃ କେତେକ ଲକ୍ଷଣରୁ ଜଣାପଡ଼ିଥାଏ। ଯାହା ମଧ୍ୟରୁ ମାସିକ ରତୁସ୍ରାବ ବା ପିରିୟଡ୍ ସମୟରେ ଅତ୍ୟଧିକ ଯନ୍ତ୍ରଣା ଅନୁଭବ ହେବା, ପେଲ୍‌ଭିକ୍ ପେନ୍, ଅଧିକ ରକ୍ତସ୍ରାବ ହେବା ଆଦି ସବୁଠୁ ପ୍ରମୁଖ କାରଣ, ଯାହାକୁ ସାଧାରଣ ଯନ୍ତ୍ରଣା ଭାବି ଅବହେଳାକରି ବସନ୍ତି। ହେଲେ ବୟସ ବଢ଼ିବା ସହ ଧୀରେ ଧୀରେ ଅଧିକ କଷ୍ଟଦାୟକ ହୋଇଥାଏ। ଏହା ବ୍ୟତୀତ ଅନେକଙ୍କଠାରେ କନ୍‌ଷ୍ଟିପେଶନ ବା ମଳତ୍ୟାଗ ସମୟରେ କଷ୍ଟହେବା, ପରିସ୍ରା କରିବା ବେଳେ ଯନ୍ତ୍ରଣା ଅନୁଭବ କରିବା, ପେଟ ଫୁଲିବା ବା ବ୍ଲୋଟିଂ ହେବା ଭଳି ସମସ୍ୟା ଦେଖାଯାଏ। ବିବାହିତ ମହିଳାଙ୍କଠାରେ ସହବାସ ସମୟରେ ମଧ୍ୟ ଅତ୍ୟନ୍ତ ଯନ୍ତ୍ରଣା ଅନୁଭବ ହୋଇଥାଏ। ଏଥିପାଇଁ କେତେଜଣ ମହିଳାଙ୍କ ଠାରେ ଗର୍ଭଧାରଣ କରିବାରେ ବି ଜଟିଳତା ବା ଇନ୍‌ଫର୍ଟିଲିଟି ସମସ୍ୟା ଦେଖାଦେଇଥାଏ। ଯେଉଁ ଯୁବତୀ ବା ମହିଳାଙ୍କ ପରିବାରରେ ପୂର୍ବରୁ ମା' କିମ୍ବା ଭଉଣୀଙ୍କଠାରେ ଏହି ରୋଗ ପୂର୍ବରୁ ଥାଏ ତେବେ ସେମାନଙ୍କ କ୍ଷେତ୍ରରେ ଏହା ହେବା ଆଶଙ୍କା ଅଧିକ।





**ଚିକିତ୍ସା:**
– ଯଦିଓ ଏଣ୍ଡୋମେଟ୍ରିଓସିସ୍ ସମସ୍ୟା ସମ୍ପୂର୍ଣ୍ଣ ଭାବେ ଠିକ୍ ହୋଇ ନ ଥାଏ, ହେଲେ ଚିକିତ୍ସା, ସର୍ଜରି ଓ ଜୀବନଶୈଳୀରେ ପରିବର୍ତ୍ତନ ଦ୍ୱାରା ବହୁମାତ୍ରାରେ ସମସ୍ୟା କମ୍ କରାଯାଇପାରେ। ଏହାର ଚିକିତ୍ସା ଲାଗି ମୁଖ୍ୟତଃ ପେନ୍ କିଲର ବା ଓଭର ଦ କାଉଣ୍ଟର ମେଡିସିନ ଦିଆଯାଇ ରୋଗୀର କଷ୍ଟ କମ୍ କରାଯାଇଥାଏ।
– ବିଭିନ୍ନ ହର୍ମୋନ୍ ଥେରାପି, ଇଞ୍ଜେକ୍ସନ୍ ଆଦି ଦିଆଯାଇ ରୋଗୀର ଇଷ୍ଟ୍ରୋଜେନ୍ ହର୍ମୋନ ସ୍ତରକୁ ନିୟନ୍ତ୍ରଣରେ ରଖାଯାଇଥାଏ, ଫଳରେ ଏଣ୍ଡୋମେଟ୍ରିଓସିସ୍‌ର ଆକାର ବୃଦ୍ଧି ପାଇ ନ ଥାଏ ଏବଂ କଷ୍ଟ କମ୍ ହୋଇଥାଏ।

**କେବେ ଆବଶ୍ୟକ ସର୍ଜରି:** ଏହି ରୋଗରେ ସମସ୍ତଙ୍କ କ୍ଷେତ୍ରରେ ସର୍ଜରି ଆବଶ୍ୟକ ହୋଇ ନ ଥାଏ। ଆରମ୍ଭରୁ ରୋଗ ଚିହ୍ନଟ କରାଯାଇ ଚିକିତ୍ସା କରାଗଲେ ଆରୋଗ୍ୟ ହେବା ସମ୍ଭାବନା ଅଧିକ ଥାଏ। ହେଲେ ଯଦି ସମସ୍ୟା ଅଧିକ ଜଟିଳ ହୋଇଯାଇଥାଏ ଏବଂ ଔଷଧ ସେବନ କିମ୍ବା ଅନ୍ୟ ଚିକିତ୍ସା ଉପାୟରେ ରୋଗ ଠିକ୍ ହୋଇ ନ ପାରେ, ତେବେ ସେହି ମହିଳାଙ୍କ କ୍ଷେତ୍ରରେ ସର୍ଜରି ଆବଶ୍ୟକ ହୋଇଥାଏ। ଲାପାରୋସ୍କୋପି ସର୍ଜରି ଦ୍ୱାରା ଏଣ୍ଡୋମେଟ୍ରିଓସିସ୍ ଟିସୁକୁ କାଢ଼ି ଦିଆଯାଇଥାଏ।

**ଫର୍ଟିଲିଟି ଚିକିତ୍ସା:** ଏଣ୍ଡୋମେଟ୍ରିଓସିସ୍ ସମସ୍ୟାରେ ପୀଡ଼ିତ କେତେଜଣ ମହିଳାଙ୍କ ଠାରେ ପ୍ରଜନନ କ୍ଷମତା ବାଧାପ୍ରାପ୍ତ ହୋଇଥାଏ ଏବଂ ଗର୍ଭଧାରଣ କରିବାରେ ବି ଜଟିଳତା ଦେଖାଦେଇଥାଏ। ଏମିତିକି କେତେକଙ୍କ କ୍ଷେତ୍ରରେ ଏହା ଇନ୍‌ଫର୍ଟିଲିଟି ବା ବନ୍ଧ୍ୟାଦୋଷର କାରଣ ସାଜିଥାଏ। ଏହାର ଚିକିତ୍ସା ପାଇଁ ଆଇଭିଏଫ୍ (ଇନ୍‌ଭିଟ୍ରୋଫର୍ଟିଲାଇଜେଶନ) ଚିକିତ୍ସା ଅନେକଙ୍କ ପାଇଁ ଏକ ବରଦାନ ସଦୃଶ କାମ କରିଥାଏ।

ଏଣ୍ଡୋମେଟ୍ରିଓସିସ୍‌ର କୌଣସି ଲକ୍ଷଣ ଦେଖାଦେବା ମାତ୍ରେ ତୁରନ୍ତ ସ୍ତ୍ରୀରୋଗ ବିଶେଷଜ୍ଞ କିମ୍ବା ଏଣ୍ଡୋମେଟ୍ରିଓସିସ୍ ରୋଗ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ଅଲ୍‌ଟ୍ରାସାଉଣ୍ଡ କିମ୍ବା ଏମ୍‌ଆର୍‌ଆଇ ଦ୍ୱାରା ରୋଗ ଚିହ୍ନଟକରି ଚିକିତ୍ସା କରାଇନେବା ସହ ପ୍ରତିଦିନ ସନ୍ତୁଳିତ ଖାଦ୍ୟ ଖାଇବା ଏବଂ ଯୋଗ, ବ୍ୟାୟାମ କରିବା ଦ୍ୱାରା ଏହି ରୋଗରୁ ଉପଶମ ପାଇପାରିବେ ଓ ଏକ ଯନ୍ତ୍ରଣାମୁକ୍ତ ଜୀବନ ଜିଇପାରିବେ।

*–**ଡା. ଭାରତ ଭୂଷଣ**, ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ, ମଣିପାଲ ହସ୍ପିଟାଲ, ଭୁବନେଶ୍ୱର, ମୋ- ୮୨୮୦୧୧୭୮୮୯*



## ଖାଦ୍ୟରୁଚି

# ଟର୍ମରିକ୍ ଟି



**ଆବଶ୍ୟକ ସାମଗ୍ରୀ:** ୩ କପ୍ ପାଣି, ଅଧା ଚାମଚ ଅଦା ଛେଚା, ୧.୧୫ ଇଞ୍ଚ କଞ୍ଚା ହଳଦୀ, ଚିମୁଟାଏ ଲେଖାଏ ଡାଲଚିନି ଏବଂ ଗୋଲମରିଚ ,୮-୧୦ଟି ଗୋଲାପ ପାଖୁଡ଼ା, ୨-୩ ବୁନ୍ଦା ଲେମ୍ବୁରସ, ମହୁ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚୁଲାରେ ଏକ ସସ୍‌ପ୍ୟାନ୍ ବସାଇ ୩ କପ୍ ପାଣି ଗରମ କରନ୍ତୁ। ପାଣି ଫୁଟିବା ଆରମ୍ଭ ହେଲେ ସେଥିରେ ଛେଚା ଅଦା ଏବଂ ହଳଦୀ ପକାଇ ୨ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ। ସେଥିରେ ଗୋଲାପ ପାଖୁଡ଼ା, ଡାଲଚିନି ଏବଂ ଗୋଲମରିଚ ଗୁଣ୍ଡ ପକାନ୍ତୁ। ଚୁଲା ବନ୍ଦକରି ଚା'କୁ କପ୍‌ରେ ଛାଣିଦିଅନ୍ତୁ। ସେଥିରେ ଲେମ୍ବୁରସ ଏବଂ ସ୍ୱାଦାନୁସାରେ ମହୁ ପକାଇ ପିଅନ୍ତୁ। ଏହା ନା କେବଳ ପାଟିକୁ ସ୍ୱାଦିଷ୍ଟ ଲାଗେ ବରଂ ଏହାକୁ ପିଇଲେ ଶରୀରର ଇମ୍ୟୁନିଟି ପାୱାର ମଧ୍ୟ ବଢ଼ିଥାଏ।

# ରାତ୍ରିଭୋଜନ ବିଳମ୍ବରେ କରୁଥିଲେ

**ବିଭିନ୍ନ କାର୍ଯ୍ୟବ୍ୟସ୍ତତା ସହ ପରିବାର ସଦସ୍ୟ ଓ ପିଲାଙ୍କ ଖାଇବା ପରେ ଅଧିକାଂଶ ମହିଳା ରାତ୍ରିଭୋଜନ ବିଳମ୍ବରେ କରିଥା'ନ୍ତି। ହେଲେ ନିଜ ଖାଦ୍ୟ ପ୍ରତି ଅବହେଳା କରିବସିବା ଯେ ଅପରପକ୍ଷେ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ ସେ ଦିଗରେ ସେମାନେ ଯତ୍ନଶୀଳ ନ ଥାନ୍ତି। ଯଦି ଆପଣଙ୍କର ବି ରାତ୍ରିଭୋଜନ ବିଳମ୍ବରେ କରିବାର ଅଭ୍ୟାସ ରହିଛି ତେବେ କେତୋଟି କଥା ନିହାତି ଜାଣିରଖନ୍ତୁ...**



**ମେଦବହୁଳତା:** ଡେରିରେ ଖାଇବା ଦ୍ୱାରା ଖାଦ୍ୟ ହଜମ ନ ହୋଇ ପାରିବା କାରଣରୁ ଅନେକଙ୍କଠାରେ ମେଟାବଲିଜମ୍ ସ୍ତର ଅନିୟନ୍ତ୍ରିତ ହୋଇଥାଏ। ଶରୀରରେ ଅଧିକ କ୍ୟାଲୋରି ଜମାହେବା ଫଳରେ ମେଦବହୁଳତା ଦେଖାଦିଏ, ଯାହାକି ପରବର୍ତ୍ତୀ ସମୟରେ ଡାଇବେଟିସ୍, ବ୍ଲଡ୍‌ପ୍ରେସର ଭଳି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ।

**ଦେଖାଦିଏ ପାଚନ ସମସ୍ୟା:** ରାତି ଖାଇବା ଡେରି ହେଲେ ହଜମକ୍ରିୟା ବାଧାପ୍ରାପ୍ତ ହୁଏ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅନେକେ ବିଳମ୍ବରେ ଖାଉଥିବାରୁ ସଙ୍ଗେ ସଙ୍ଗେ ଶୋଇପଡ଼ନ୍ତି। ଫଳରେ ବଦହଜମି, ଏସିଡିଟି ହେବା ସହ ଛାତି ଜଳିବା, ଆମ୍ବିଳା ହାକୁଟି ହେବା ଭଳି ସମସ୍ୟା ଦେଖାଦିଏ। ତେଣୁ ପ୍ରତ୍ୟେକ ମହିଳା ରାତିରେ ବିଳମ୍ବ ନ କରି ପ୍ରତିଦିନ ଖାଇବାର ଏକ ଠିକ୍ ସମୟ ନିର୍ଦ୍ଧାରଣ କରିବା ଆବଶ୍ୟକ। ଏହାଦ୍ୱାରା ଖାଇବା ପରେ ଅଳ୍ପ ସମୟ ଚାଲବୁଲ କିମ୍ବା ଘରର କାମ କରିବା ପାଇଁ ସମୟ ମିଳିବ, ଯାହାକି ଖାଦ୍ୟ ଭଲ ଭାବେ ହଜମ ହେବାରେ ସାହାଯ୍ୟ କରିବ।

**ଦେଖାଦିଏ ନିଦ୍ରାହୀନତା:** ଅନେକ ମହିଳା ରାତିରେ ନିଦ ହେଉ ନ ଥିବା ନେଇ ଅଭିଯୋଗ କରିଥାଆନ୍ତି। ହେଲେ ଏକ ଗବେଷଣା ରିପୋର୍ଟ ମୁତାବକ ରାତ୍ରିଭୋଜନ ବିଳମ୍ବରେ କରିବା ଦ୍ୱାରା ବଦହଜମୀ, ଗ୍ୟାସ୍ ଭଳି ବିଭିନ୍ନ ସମସ୍ୟା ଉପୁଜିବା ସହ ରାତିରେ ନିଦ୍ରା ବାଧାପ୍ରାପ୍ତ ହୋଇଥାଏ। କେବଳ ଏତିକି ନୁହେଁ, ମସ୍ତିଷ୍କ ଠିକ୍ ଭାବେ ବିଶ୍ରାମ ନ ପାଇବାରୁ କେତେକଙ୍କଠାରେ ଅଜବ ସ୍ୱପ୍ନ ମଧ୍ୟ ଆସିଥାଏ।

**ପ୍ରଭାବିତ କରେ ମାନସିକ ସ୍ୱାସ୍ଥ୍ୟ:** ବିଳମ୍ବିତ ରାତିରେ ଖାଇବା ଦ୍ୱାରା ହଜମକ୍ରିୟା ବାଧାପ୍ରାପ୍ତ ହେବା ସହ ଠିକ୍ ଭାବେ ନିଦ ନ ହେବା କାରଣରୁ ମାନସିକ ସ୍ତରରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ବାରମ୍ବାର ଏପରି ହେବା ଦ୍ୱାରା ଚିଡ଼ିଚିଡ଼ା ଲାଗିବା, ଡିପ୍ରେଶନ ଭଳି ବିଭିନ୍ନ ମାନସିକ ସମସ୍ୟା ଦେଖାଦେଇଥାଏ। ତେଣୁ ଏସବୁ ସମସ୍ୟାଠୁ ଦୂରେଇରହିବା ଲାଗି ପ୍ରତିଦିନ ରାତିରେ ଶୀଘ୍ର ଖାଇବାକୁ ଚେଷ୍ଟା କରନ୍ତୁ।



## ସୌନ୍ଦର୍ଯ୍ୟ

# ସ୍କିନ୍ ଗ୍ଲୋ ବଢ଼ାଏ କିୱି

**ତ୍ୱଚାରେ ଦାଗ, ଟ୍ୟାନିଂ, ସ୍କିନ୍‌ଟୋନ୍ ଡଲ୍ ଲାଗିବା ଭଳି ସମସ୍ୟା ଦେଖାଦେଲେ ମହିଳାମାନଙ୍କ ଚିନ୍ତା ବଢ଼ିଯାଏ। ଏହା ଦୂରକରିବା ଲାଗି ଭିଟାମିନ୍ ସି, ଇ ଓ ଆଣ୍ଟି ଅକ୍ସିଡାଣ୍ଟଯୁକ୍ତ କିୱି ବେଶ୍ ଉପକାରୀ। ଜାଣନ୍ତୁ କିପରି ଏହାକୁ ବ୍ୟବହାର କରି ନିଜ ସ୍କିନ୍‌କୁ ସ୍ପଟ୍‌ଲେସ୍ ଏବଂ ଗ୍ଲୋଇଂ କରିପାରିବେ...**



**ଦହି, କିୱି ପ୍ୟାକ୍:** କିୱିକୁ କାଟି ଏହାର ପଲ୍ପ ବାହାର କରନ୍ତୁ। ୨ଚାମଚ ଏହି ପଲ୍ପ ସହ ୨ଚାମଚ ଦହି ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ପ୍ରଥମେ ମୁହଁକୁ ମାଇଲ୍ଡ ଫେସ୍‌ୱାସ୍ ଲଗାଇ ଧୋଇଦିଅନ୍ତୁ। ଧୀରେ ଧୀରେ ମୁହଁ ପୋଛି ଦିଅନ୍ତୁ ଏବଂ ଏହି ପ୍ୟାକ୍‌କୁ ମୁହଁରେ ଲଗାଇ ୧୫-୨୦ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ନଖ ଉଷୁମ ପାଣିରେ ଧୀରେ ଧୀରେ ଧୋଇଦିଅନ୍ତୁ। ମନେରଖନ୍ତୁ ତ୍ୱଚାକୁ ଆଦୌ ରଗଡ଼ନ୍ତୁ ନାହିଁ। ପ୍ୟାକ୍ ଛଡ଼ାଇବା ପରେ ମଶ୍ଚରାଇଜର ଲଗାଇବାକୁ ଭୁଲନ୍ତୁ ନାହିଁ। ସପ୍ତାହରେ ଥରେ ଏହି ପ୍ୟାକ୍ ଲଗାଇଲେ ତ୍ୱଚାର ଚମକ ବଢୁଥିବା ନିଜେ ଜାଣିପାରିବେ।

**କିୱି, ଅଣ୍ଡା ପ୍ୟାକ୍:** ଏକ ବଡ଼ ଚାମଚ କିୱି ପଲ୍ପ ନିଅନ୍ତୁ। ସେଥିରେ ୧ ଚାମଚ ଅଣ୍ଡାର ଧଳା ଅଂଶ, ଅଧା ଚାମଚ ଅଲିଭ୍ ଅଏଲ୍ ମିଶାଇ ଏକ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ମୁହଁକୁ ପାଣିରେ ଧୋଇ ଧୀରେ ଧୀରେ ପୋଛି ଦିଅନ୍ତୁ। ଏହି ପ୍ୟାକ୍‌କୁ ମୁହଁରେ ଲଗାଇ ୫-୧୦ ମିନିଟ୍ ରଖିବା ପରେ ପାଣିରେ ଧୋଇଦିଅନ୍ତୁ। ସପ୍ତାହରେ ଥରେ ଏହି ପ୍ୟାକ୍‌କୁ ମୁହଁରେ ଲଗାଇଲେ ଧୀରେ ଧୀରେ ସ୍କିନ୍‌ଟୋନ୍ ବଢ଼ିବା ସହ ଗ୍ଲୋ ମଧ୍ୟ ଆସିବ।

**ଆଲ୍‌ମଣ୍ଡ-କିୱି ପ୍ୟାକ୍:** ୪-୫ଟି ଆଲମଣ୍ଡକୁ ୫-୬ଘଣ୍ଟା ପର୍ଯ୍ୟନ୍ତ ଭିଜାଇ ଦିଅନ୍ତୁ। ଏହା ଭିଜିଗଲା ପରେ ଚୋପା ଛଡ଼ାଇ ବାଟିଦିଅନ୍ତୁ। ସେଥିରେ ୧ ଚାମଚ ବେସନ, ୧ ଚାମଚ କିୱି ପଲ୍ପ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୫-୧୦ମିନିଟ୍ ରଖିବା ପରେ ଧୋଇଦିଅନ୍ତୁ। ସପ୍ତାହରେ ଥରେ ଏହି ପ୍ୟାକ୍ ଲଗାଇଲେ ଧୀରେ ଧୀରେ ତ୍ୱଚାରୁ ସମସ୍ତ ଦାଗ ଚାଲିଯିବ ଏବଂ ତ୍ୱଚା ଅଧିକ ସୁନ୍ଦର ଓ ଗ୍ଲୋଇଂ ଦେଖାଯିବ।



# ବାରବାଟୀ ପ୍ରସ୍ତୁତ



ବାରବାଟୀରେ ସୋମବାର ଅଭ୍ୟାସ ଅବସରରେ ଟିମ୍ ଇଣ୍ଡିଆ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର।

**ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ କ୍ରିକେଟ ମ୍ୟାଚ ପାଇଁ ବାରବାଟୀ ପ୍ରସ୍ତୁତ। ମଙ୍ଗଳବାର ଏଠାରେ ଅନୁଷ୍ଠିତ ହେବ ୫ ମ୍ୟାଚ ବିଶିଷ୍ଟ ସିରିଜର ପ୍ରଥମ ଟି୨୦। ଆଉ ଏକ ଅନ୍ତର୍ଜାତୀୟ ମ୍ୟାଚର ସାକ୍ଷୀ ରହିବ ଏହି ଐତିହାସିକ ଷ୍ଟାଡିୟମ...**

## ପରୀକ୍ଷାର କିଛି ଦିନ ପୂର୍ବରୁ ପଢ଼ା ଆରମ୍ଭ କରାଯାଏ ନାହିଁ



ଖବରଦାତା ସମ୍ମିଳନୀରେ ସୂର୍ଯ୍ୟକୁମାର ଯାଦବ।

କଟକ,୮।୧୨(ଅନାଦି କର)

ପରୀକ୍ଷାରେ ଭଲ କରିବା ପାଇଁ ଯେମିତି ବର୍ଷ ତମାମ ପଢ଼ାଯାଏ, ଆମେ ସେହିଭଳି ବର୍ଷ ସାରା ପ୍ରସ୍ତୁତି କରିଛୁ। ପରୀକ୍ଷା ପୂର୍ବରୁ ଯେମିତି ୪ ଦିନ ପଢ଼ିଲେ କିଛି ହେବ ନାହିଁ। ସେଭଳି ଆମେ ବିଶ୍ୱକପ୍ ଲାଗି ପ୍ରସ୍ତୁତ କରୁ ନାହୁଁ। ଗତ ବର୍ଷ ଟି୨୦ ବିଶ୍ୱକପ୍ ଜିତିବା ପରଠାରୁ ଆମେ ପ୍ରସ୍ତୁତି କରୁଛି। ସେବେଠାରୁ ଆମେ ନୂଆ ନୂଆ ଖେଳାଳିଙ୍କୁ ଟ୍ରାଏ କରୁଛୁ ଏବଂ ସବୁକିଛି ଆମ ସପକ୍ଷରେ ଯାଇଛି। ଭାରତୀୟ ଟି୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ବାରବାଟୀ ଷ୍ଟାଡିୟମରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏଭଳି କହିଛନ୍ତି।

ମୋ ମତରେ ଆମେ ଖେଳିଥିବା ଗତ ୫ରୁ ୬ ସିରିଜ୍‌ରେ ଭଲ ପ୍ରଦର୍ଶନ କରିଛୁ। ଆମେ ପ୍ରାୟ ସମାନ କମ୍ବିନେଶନ ସହ ପ୍ରତ୍ୟେକ ମ୍ୟାଚ୍ ଖେଳି ଜିତିଛୁ। ଆମେ ନିର୍ଦ୍ଦିଷ୍ଟ ଭାବେ ଏହି ସିରିଜ୍ ଲାଗି ଅଧିକ କିଛି ପରିବର୍ତ୍ତନ କରି ନାହୁଁ। ସବୁ କିଛି ଠିକ ଚାଲିଛି। ଏଣୁ ଆମେ ସେହିଭଳି ଖେଳିବାକୁ ଚାହୁଁ। ଦଳରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଭଳି ଅଲରାଉଣ୍ଡଙ୍କ ଉପସ୍ଥିତି ସହାୟତା ହେବ। କାରଣ ସେ ନୂଆ ବଲରେ ଏବଂ ଡେଥ ଓଭରରେ ମଧ୍ୟ ବୋଲିଂ କରନ୍ତି। ତାଙ୍କ ଉପସ୍ଥିତି ଦଳକୁ ସନ୍ତୁଳନ ପ୍ରଦାନ କରିବା ସହ ଆମ ପାଇଁ ଅନେକ କମ୍ବିନେଶନ ବ୍ୟବହାର କରିବା ଲାଗି ବାଟ ଖୋଲିଦିଏ। ମୋ ମତରେ ତାଙ୍କ ଅଭିଜ୍ଞତା ଆମ ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ। କାରଣ ସେ ଆଇସିସି ଇଭେଣ୍ଟ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରନ୍ତି ବୋଲି ଟିମ୍ କମ୍ବିନେଶନ ସମ୍ପର୍କରେ ପ୍ରଶ୍ନ କରାଯିବାରୁ ସୂର୍ଯ୍ୟ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତୀୟ ଦଳର ଅନ୍ୟ ଖେଳାଳିଙ୍କଠାରୁ ଆଗୁଆ ଆସିଥିବା ହାର୍ଦ୍ଦିକ ରବିବାର ସନ୍ଧ୍ୟାରେ ବାରବାଟୀରେ ପ୍ରାକ୍ଟିସ କରିଥିଲେ। ଏଣୁ ସୋମବାର ଦଳର ଅପ୍ସନାଲ ପ୍ରାକ୍ଟିସରେ ଭାଗ ନେଇ ନ ଥିଲେ। ଏତଦ୍ ବ୍ୟତୀତ ଦଳରୁ ବାଦ୍ ପଡ଼ିଥିବା ରିଙ୍କୁ ସିଂଙ୍କୁ ଶିବମ ଦୁବେଙ୍କ ସହ ତୁଳନା କରାଯିବା ସମ୍ପର୍କରେ ସେ ପ୍ରକାଶ କରିଛନ୍ତି, ଦୁବେ ଜଣେ ଅଲରାଉଣ୍ଡର। ଏଣୁ ତାଙ୍କୁ ଓ ହାର୍ଦ୍ଦିକଙ୍କୁ ଅନ୍ୟ ଖେଳାଳିଙ୍କ ସହ ତୁଳନା କରାଯିବା ଉଚିତ ନୁହେଁ। ସବୁଠୁ ବଡ଼ କଥା ହେଲା ଯେ, ଆମ ଦଳର ୩ରୁ ୭-ନଂ ପର୍ଯ୍ୟନ୍ତ ବ୍ୟାଟର ଯେକୌଣସି ପୋଜିଶନରେ ବ୍ୟାଟିଂ କରିବାକୁ ଦକ୍ଷ। ବ୍ୟାଟିଂ ଲାଇନ୍‌ରେ ଓପନରଙ୍କୁ ଛାଡ଼ି ଦେଲେ ଅନ୍ୟ ବ୍ୟାଟରଙ୍କ ଲାଗି କୌଣସି ନିର୍ଦ୍ଦିଷ୍ଟ ପୋଜିଶନ ନାହିଁ। ମ୍ୟାଚ୍‌ର ପରିସ୍ଥିତିକୁ ଦେଖି ସେମାନଙ୍କ ବ୍ୟାଟିଂ ଅର୍ଡରରେ ପରିବର୍ତ୍ତନ କରାଯିବ। ଉଦାହରଣ ସ୍ୱରୂପ, ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ୍‌ରେ ଦୁବେ ନଂ-୩ ପୋଜିଶନକୁ ପ୍ରମୋଟ କରାଯାଇଥିଲା।



ଶୁବମନ ଗିଲ୍, ଅକ୍ଷର ପଟେଲ, ଅଭିଷେକ ଶର୍ମା, ଶିବମ୍ ଦୁବେ ଓ ୱାଶିଂଟନ ସୁନ୍ଦରଙ୍କ ଅଭ୍ୟାସ।

## ଖେଳାଳିଙ୍କ ଅଭ୍ୟାସ ଦେଖିବାକୁ ଗ୍ୟାଲେରିରେ ଭିଡ଼

କଟକ,୮।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ବାରବାଟୀରେ ମଙ୍ଗଳବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି୨୦ ମ୍ୟାଚ୍ ଖେଳା ଯିବାକୁ ଥିବାବେଳେ ଏହାକୁ ନେଇ ଓଡ଼ିଶାର ପ୍ରଶଂସକଙ୍କ ମଧ୍ୟରେ ଉତ୍କଣ୍ଠା ବୃଦ୍ଧି ପାଇଛି। ସୋମବାର ମଧ୍ୟାହ୍ନ ପ୍ରାୟ ୧୨ଟା.୫୦ରେ ଭାରତୀୟ ଦଳ ନେଟ୍ ପ୍ରାକ୍ଟିସ ଲାଗି ପହଞ୍ଚିଥିଲା। ପ୍ରିୟ ଖେଳାଳିଙ୍କୁ ଦେଖିବା ପାଇଁ ପ୍ରାୟ ୪ରୁ ୫୦୦୦ ଦର୍ଶକ ଷ୍ଟାଡିୟମରେ ପହଞ୍ଚିଥିଲେ। ଅପରାହ୍ନ ପ୍ରାୟ ୪ଟା ୩୦ ସୁଦ୍ଧା ଦକ୍ଷିଣ ଆଫ୍ରିକା ଦଳ ବାରବାଟୀରେ ପହଞ୍ଚି ଫ୍ଲଡ୍ ଲାଇଟ୍ସରେ ନେଟ୍ସ ପ୍ରାକ୍ଟିସ କରିଥିଲା। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ନେଟ୍ସ ଦେଖିବା ପାଇଁ ଦର୍ଶକଙ୍କ ନିମନ୍ତେ ପ୍ରଥମେ ୬ ଓ ୭ ନଂ ଗ୍ୟାଲେରିକୁ ଖୋଲା ଯାଇଥିଲା। ପରେ ଦର୍ଶକଙ୍କ ସଂଖ୍ୟା ବଢ଼ିବାରୁ ୧ ଓ ୨ ନଂ ଗ୍ୟାଲେରିକୁ ମଧ୍ୟ ଖୋଲିବାକୁ ପଡିଥିଲା। ଶୀତୁଆ ସନ୍ଧ୍ୟାରେ ଗ୍ୟାଲେରିଗୁଡିକ ଲୋକାରଣ୍ୟ ହୋଇ ଉଠିଥିଲା। ଖେଳାଳିମାନେ ପଡ଼ିଆରେ ପ୍ରବେଶ କରୁଥିବା ବେଳେ ଦର୍ଶକମାନେ କୋଳାହଳ ମାଧ୍ୟମରେ ସେମାନଙ୍କୁ ସ୍ୱାଗତ କରିଥିଲେ। ଅଧିକ ସଂଖ୍ୟକ ଦର୍ଶକଙ୍କୁ ଦେଖି ଖେଳାଳିମାନେ ମଧ୍ୟ ଉତ୍ସାହିତ ହୋଇଥିଲେ। ଅଭ୍ୟାସ ପରେ ଖେଳାଳିମାନେ ଗ୍ରାଉଣ୍ଡରୁ ଫେରୁଥିବା ବେଳେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ହାତରେ ମହାପ୍ରଭୁ ଜଗନ୍ନାଥଙ୍କ ଫଟୋ ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଅଭ୍ୟାସ ବେଳେ ଗ୍ରାଉଣ୍ଡରେ ନିଯୁକ୍ତ ଥିବା ଜଣେ କର୍ମଚାରୀ ଅଚେତ ହୋଇ ପଡ଼ିଥିଲେ। ତାଙ୍କୁ ଷ୍ଟ୍ରେଚର ଯୋଗେ ଗ୍ରାଉଣ୍ଡରୁ ବାହାରକୁ ନିଆଯାଇଥିଲା।

### କଏନ, ଚାର୍ଜର, ପାଣି ବୋତଲ ମନା

ମଙ୍ଗଳବାର ସନ୍ଧ୍ୟା ୭ଟାରେ ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ୍ ଆରମ୍ଭ ହେବାକୁ ଥିବାବେଳେ ପ୍ରାୟ ୩ ରୁ ୪ ଘଣ୍ଟା ପୂର୍ବରୁ ଦର୍ଶକଙ୍କୁ ଷ୍ଟାଡିୟମ ପରିସରରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ। ମ୍ୟାଚପାଇଁ ଦର୍ଶକଙ୍କଲାଗି ବାରଣ କରାଯାଇଥିବା ସାମଗ୍ରୀ ମଧ୍ୟରେ କଏନ, ମୋବାଇଲ ଚାର୍ଜର, ପାଣି ବୋତଲ ଆଦି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସାମିଲ ରହିଛି।

ସାଧାରଣ ଦର୍ଶକଙ୍କ ପାଇଁ ଷ୍ଟାଡିୟମର ପ୍ରତ୍ୟେକ ଗ୍ୟାଲେରିରେ ପିଇବା ପାଣିର ବ୍ୟବସ୍ଥା କରାଯାଇଛି।

### ଉପସ୍ଥିତ ରହିବେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ

ସେହିପରି ମ୍ୟାଚ୍‌ରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ। ଏଥିସହିତ ବାରବାଟୀରେ ପ୍ରଥମକରି ମ୍ୟାଚ୍ ପୂର୍ବରୁ ଓ ମଧ୍ୟାନ୍ତରରେ ଡିଏମ୍ଏକ୍ସ ଶୋ (ଲାଇଟ୍ ଶୋ) କରାଯିବ। ସେହିପରି ଯେଉଁ ଦର୍ଶକ ଷ୍ଟାଡିୟମ ପରିସରକୁ ଆସି ମ୍ୟାଚ୍ ଦେଖିବାରୁ ବଞ୍ଚିତ ରହିବେ, ସେମାନଙ୍କ ପାଇଁ ଖାସ୍ କରି ଉପର ଓ ତଳ ବାଲିଯାତ୍ରା ପଡ଼ିଆ ସହ ଇନଡୋର ଷ୍ଟାଡିୟମରେ ଫ୍ୟାନ୍ ପାର୍କର ବ୍ୟବସ୍ଥା କରାଯାଇଛି। ଏଠାରେ ଦର୍ଶକଙ୍କ ପାଇଁ ଏଲ୍ଇଡି ସ୍କ୍ରିନର ବ୍ୟବସ୍ଥା କରାଯାଇଛି।

## ଆମେ ଏଣ୍ଟରଟେନିଂ କ୍ରିକେଟ ଖେଳିବୁ: ମାରକ୍ରମ

କଟକ,୮।୧୨(ଅନାଦି କର)

ଗତ ଟି୨୦ ବିଶ୍ୱକପ୍ ଫାଇନାଲରେ ଭାରତଠାରୁ ପରାଜିତ ହୋଇ ରନର ଅପ୍ ହୋଇଥିବା ଦକ୍ଷିଣ ଆଫ୍ରିକା ଦଳ ଏଡେନ ମାରକ୍ରାମଙ୍କ ନେତୃତ୍ୱରେ ଅତ୍ୟଧିକ ଆଟାକିଂ କ୍ରିକେଟ ଖେଳି ଆସୁଛି। ଏହା ଦର୍ଶକଙ୍କୁ ଏଣ୍ଟରଟେନ କରୁଥିବା ବେଳେ ଏହି ଆପ୍ରୋଚ ଦକ୍ଷିଣ ଆଫ୍ରିକା ଲାଗି ଫଳପ୍ରଦ ସାବ୍ୟସ୍ତ ହୋଇ ନାହିଁ। ଏହି ଦଳ ଟି୨୦ ବିଶ୍ୱକପ୍ ପରଠାରୁ ବିଭିନ୍ନ ଦ୍ୱିପାକ୍ଷୀକ ଟି୨୦ ସିରିଜ୍‌ରେ ପରାଜିତ ହୋଇଛି। ଏହାସତ୍ତ୍ୱେ ବାରବାଟୀରେ ଭାରତ ବିପକ୍ଷରେ ଆରମ୍ଭ ହେବାକୁ ଯାଉଥିବା ସିରିଜ୍ ଲାଗି ଭ୍ରମଣକାରୀ ଦଳ ତା'ର ଆଟାକିଂ ଆପ୍ରୋଚରେ କୌଣସି ପରିବର୍ତ୍ତନ କରିବ ନାହିଁ। ଏ ନେଇ ଦକ୍ଷିଣ ଆଫ୍ରିକା ଦଳର ପ୍ରାକ୍ଟିସ ପୂର୍ବରୁ ଅଧିନାୟକ ଏଡେନ ମାରକ୍ରମ ସ୍ପଷ୍ଟ କରିଛନ୍ତି।

ଆମେ ଯୋଜନାରେ କୌଣସି ପରିବର୍ତ୍ତନ କରିନାହୁଁ। ଏହା ଟି୨୦ କ୍ରିକେଟ, ଯାହାକି ଏଣ୍ଟରଟେନିଂ ଫର୍ମାଟ। ଆମେ ସେହି ବ୍ରାଣ୍ଡର ଖେଳ ପ୍ରଦର୍ଶନ କରିବାକୁ ଚାହୁଁ। ଆମେ ଚାହୁଁ, ଆମ ଖେଳାଳି ଭୟମୁକ୍ତ ହୋଇ ନିଜ ଖେଳକୁ ଏଞ୍ଜୟ କରନ୍ତୁ ବୋଲି ମାରକ୍ରମ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏତଦ୍ ବ୍ୟତୀତ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଆନରିଚ ନର୍କିଆଙ୍କ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି, ୧୪୦ରୁ ଊର୍ଦ୍ଧ୍ୱ ଗତିରେ ବୋଲିଂ କରିପାରୁଥିବା ନର୍କିଆଙ୍କ ଭଳି ବୋଲର ଫେରିବା ଦ୍ୱାରା ଦଳର ଶକ୍ତି ବୃଦ୍ଧି ପାଇଛି। ତାଙ୍କ ଇଞ୍ଜୁରି ଯୋଗୁ ଆମ ପାଖରେ ଫାଷ୍ଟ ବୋଲିଂ ବିକଳ୍ପ ବୃଦ୍ଧି ପାଇଛି। ଅନ୍ତିମ ଥର ଟି୨୦ ବିଶ୍ୱକପ୍ ଫାଇନାଲ ଖେଳିଥିବା ନର୍କିଆ ଦଳକୁ ଫେରୁଥିବାରୁ ନିଶ୍ଚିତ ଭାବେ ଉତ୍ସାହିତ ଥିବେ ଏବଂ ମୁଁ ନିଶ୍ଚିତ ଯେ, ସେ ନିଜର ଶତ ପ୍ରତିଶତ ଦେବେ।

### ଅଭିଷେକଙ୍କ ୱିକେଟ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ

ମୁଁ ଅଭିଷେକଙ୍କ ସହ ଆଇପିଏଲ୍‌ରେ ସନରାଇଜର୍ସ ହାଇଦ୍ରାବାଦ୍ ପାଇଁ ଖେଳିଛି। ସେ ଖୁବ ଭଲ ଓ ଭୟମୁକ୍ତ ଖେଳାଳି। ସେ ପ୍ରଥମ ବଲରୁ ପ୍ରତିପକ୍ଷ ଦଳ ଉପରେ ଚାପ ପକାନ୍ତି। ଏଣୁ ତାଙ୍କ ୱିକେଟ ଆମ ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ। ଏଥିରେ କିଛି ଦ୍ୱନ୍ଦ୍ୱ ନାହିଁ। ଏବେ ଆଗକୁ ଆସୁଥିବା ନୂଆ ପିଢ଼ିର ଖେଳାଳିମାନେ ଆରମ୍ଭରୁ ବଡ଼ ବଡ଼ ଶଟ୍ ଖେଳିବାକୁ ଚାହାଁନ୍ତି। କାରଣ ଏହା ଏଣ୍ଟରଟେନମେଣ୍ଟ ଯୋଗାଏ ଏବଂ ଏହା ଦ୍ୱାରା ସେମାନଙ୍କ ଲାଗି ବିଭିନ୍ନ ଲିଗ୍‌ରେ ଖେଳିବାର ବାଟ ଫିଟିଯାଏ। ବର୍ତ୍ତମାନ ଟି୨୦ କ୍ରିକେଟ ସେହି ଦିଗରେ ଆଗକୁ ଯାଉଛି ବୋଲି ଅଭିଷେକଙ୍କ ସମ୍ପର୍କରେ ପ୍ରଶ୍ନ କରାଯିବାରୁ ମାରକ୍ରାମ କହିଛନ୍ତି। ୨୫ ବର୍ଷୀୟ ଅଭିଷେକ ଗତ ଏକ ବର୍ଷ ମଧ୍ୟରେ ନିଜକୁ ଜଣେ ବିସ୍ଫୋରକ ଓପନର ଭାବେ ପ୍ରତିଷ୍ଠିତ କରାଇଛନ୍ତି। ସେ ଗତ ଟି୨୦ ଏସିଆ କପ୍ ଓ ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ୍‌ରେ ସର୍ବାଧିକ ରନ ସ୍କୋର କରିଥିଲେ। ଏପରିକି ଜାତୀୟ ଦଳଠାରୁ ଦୂରରେ ଥିଲା ବେଳେ ପଞ୍ଜାବ ପାଇଁ ସୟଦ ମୁସ୍ତାକ ଅଲୀ ଘରୋଇ ଟି୨୦ ପ୍ରତିଯୋଗିତାରେ ସେ ୬ ମ୍ୟାଚ୍‌ରେ ୫୦ରୁ ଊର୍ଦ୍ଧ୍ୱ ଆଭରେଜ ୨୪୯.୧୮ ଷ୍ଟ୍ରାଇକ୍‌ରେଟ୍‌ରେ ୩୦୪ ରନ କରିଛନ୍ତି।



ନେଟ୍ସରେ ନିଜ ପାଳିକୁ ଅପେକ୍ଷା କରିଛନ୍ତି ଦକ୍ଷିଣ ଆଫ୍ରିକାର ଡେଭିଡ ମିଲର।



ଏଡେନ ମାରକ୍ରମଙ୍କ ବୋଲିଂ ଅଭ୍ୟାସ।



ଭାରତ ଓ ଦକ୍ଷିଣ ଆଫ୍ରିକା ନେଟ୍ ପ୍ରାକ୍ଟିସ ଦେଖିବାକୁ ସୋମବାର ଗ୍ୟାଲେରିରେ ଦର୍ଶକଙ୍କ ଭିଡ଼। (ଫଟୋ ରାଜକିଶୋର ମହାନ୍ତି)

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ